୬ ଆଇସିସି ଟି-୨୦ ର୍ୟାଙ୍କିଂର ଟପ୍-୫୦ରେ ପହଞ୍ଚିଲେ ବୈଭବ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
32 YEARS
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

# ସମ୍ବାଦ କଳିକା
The Sambad Kalika

E-mail : sambadkalikanews@gmail.com

The only ISO Certified Odia Newspaper
NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା
8 Pages, ₹2.00

● ବର୍ଷ-୩୩ ● ସଂଖ୍ୟା-୧୮୦ ● ୩୦ ଜୁଲାଇ ୨୦୨୬ ଗୁରୁବାର ● ଭୁବନେଶ୍ୱର ● Vol -33 ● Issue-180 ● 30th July 2026, Thursday ● Bhubaneswar
RNI Regd.No. : 52640/94 Postal Regd.No. : BN-60/25-27

## ବର୍ଷା ଜନିତ ବନ୍ୟା ବିପ୍ୟାତ : ମହାନଦୀରେ ଆସୁଛି ମଧ୍ୟମ ବନ୍ୟା !

# ୫ ଜିଲ୍ଲା, ୪୬ ବ୍ଲକ୍ ପ୍ରଭାବିତ : ୩ ମୃତ

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ଗଭୀର ଅବପାତ ଜନିତ ଅବିଶ୍ରାନ୍ତ ବର୍ଷା ଫଳରେ ଉତ୍ତର ଓ ପଶ୍ଚିମ ଓଡ଼ିଶାରେ ବନ୍ୟା ପରିସ୍ଥିତି ଗୁରୁତର ହୋଇଛି। ବିଶେଷତଃ ମୟୂରଭଞ୍ଜ, କେନ୍ଦୁଝର, ଯାଜପୁର, ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର ବ୍ୟାପକ ଅଞ୍ଚଳ ଜଳବନ୍ଦୀ ହୋଇଥିବା ବେଳେ ଲୋକେ ଚରମ ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି। ଉପରମୁଣ୍ଡରେ ପ୍ରବଳ ବର୍ଷା ଲାଗି ରହିଥିବା କାରଣରୁ ହୀରାକୁଦର ଦୁଇଟି ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ଏଭଳି ସ୍ଥିତିରେ ଗୁରୁବାର ମହାନଦୀରେ ଉଦବୃତ୍ତ ବନ୍ୟାଜଳ ନିଷ୍କାସନ ହେବ। ଫଳରେ ମହାନଦୀ ଅବବାହିକା ଅଞ୍ଚଳରେ ମଧ୍ୟମ ଧରଣର ବନ୍ୟାସ୍ଥିତି ସୃଷ୍ଟି ହେବ ବୋଲି ଚେତାବନୀ ଦିଆଯାଇଛି। ତେବେ ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣରେ ରହିଛି ବୋଲି ରାଜ୍ୟ ସରକାର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।



ଗୁରୁବାର ରାଜ୍ୟର ବନ୍ୟାସ୍ଥିତି ନେଇ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ଉଚ୍ଚସ୍ତରୀୟ ବୈଠକରେ ସମୀକ୍ଷା କରିବା ପରେ ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି ଲଗାଣ ବର୍ଷାଜନିତ ବନ୍ୟା ଯୋଗୁଁ ବାଲେଶ୍ୱର, ଭଦ୍ରକ, ଯାଜପୁର, ମୟୂରଭଞ୍ଜ ଏବଂ କେନ୍ଦୁଝର ଜିଲ୍ଲା ଅଧିକ ପ୍ରଭାବିତ ହୋଇଛି। ଅପରାହ୍ଣ ସୁଦ୍ଧା ୪୪ଟି ବ୍ଲକ୍, ୨୪୩ଟି ଗ୍ରାମ ପଞ୍ଚାୟତ ଏବଂ ୭୪୮ଟି ଗ୍ରାମ ବନ୍ୟା ପ୍ରଭାବରେ ରହିଛି। ଏହା ବ୍ୟତୀତ ସୁନ୍ଦରଗଡ଼, ଝାରସୁଗୁଡ଼ା, ବରଗଡ଼, ନୂଆପଡ଼ା, ବଲାଙ୍ଗୀର, କଳାହାଣ୍ଡି, ରାୟଗଡ଼ା, ଗଜପତି ଓ ମାଲକାନଗିରି ଜିଲ୍ଲାର କେତେକ ଅଞ୍ଚଳ ମଧ୍ୟ ବର୍ଷା ଯୋଗୁଁ ପ୍ରଭାବିତ ହୋଇଛି। ରାଜ୍ୟରେ ବନ୍ୟା ପରିସ୍ଥିତି ନିୟନ୍ତ୍ରଣାଧୀନ ରହିଛି ଏବଂ ବନ୍ୟା ପରିସ୍ଥିତି ଉପରେ ରାଜ୍ୟ ସରକାର ଚବିଶ ଘଣ୍ଟିଆ କଡ଼ା ନଜର ରଖିଛନ୍ତି। ପ୍ରଭାବିତ ପ୍ରତ୍ୟେକ ନାଗରିକଙ୍କ ସୁରକ୍ଷା ଓ କଲ୍ୟାଣ ସୁନିଶ୍ଚିତ କରିବା ପାଇଁ ଯୁଦ୍ଧକାଳୀନ ଭିତିରେ ଉଦ୍ଧାର, ରିଲିଫ ଓ ପୁନରୁଦ୍ଧାର କାର୍ଯ୍ୟ ଜାରି ରହିଛି।

ସତର୍କତାମୂଳକ ପଦକ୍ଷେପ ସ୍ୱରୂପ ସର୍ବାଧିକ ପ୍ରଭାବିତ ଜିଲ୍ଲାଗୁଡ଼ିକରୁ ପ୍ରାୟ ୨୮,୦୦୦ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତର କରାଯାଇଥିବାବେଳେ ଅନ୍ୟାନ୍ୟ ବିପଦପୂର୍ଣ୍ଣ ଅଞ୍ଚଳରେ ମଧ୍ୟ ଆବଶ୍ୟକତା ଅନୁଯାୟୀ ସ୍ଥାନାନ୍ତରଣ କରାଯାଇଛି।

ସମସ୍ତ ରିଲିଫ କେନ୍ଦ୍ରରେ ବ୍ୟାପକ ବ୍ୟବସ୍ଥା କରାଯାଇଛି। ସ୍ଥାନାନ୍ତରିତ ଲୋକଙ୍କୁ ସ୍ୱଚ୍ଛ ଓ ରନ୍ଧା ଖାଦ୍ୟ ଯୋଗାଇ ଦିଆଯାଉଥିବାବେଳେ ଆବଶ୍ୟକ ସ୍ଥଳରେ ଶୁଖିଲା ରାସନ ବଣ୍ଟନ କରାଯାଉଛି। ଶିଶୁ, ମହିଳା ଓ ବୟସ୍କମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ମହିଳାମାନଙ୍କ ସୁରକ୍ଷା ପାଇଁ ରିଲିଫ କେନ୍ଦ୍ରଗୁଡ଼ିକରେ ମହିଳା ପୁଲିସ କର୍ମଚାରୀଙ୍କୁ ମୁତୟନ କରାଯାଇଛି।

ପ୍ରଭାବିତ ଅଞ୍ଚଳଗୁଡ଼ିକରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ସ୍ୱାସ୍ଥ୍ୟ ସେବାକୁ ଆହୁରି (ପୃଷ୍ଠା ୭ରେ)

### ଲୋକେ ବନ୍ୟା ସ୍ଥିତି ନେଇ ଭୟଭୀତ ନହେବାକୁ ମୁଖ୍ୟମନ୍ତ୍ରୀଙ୍କ ଅପିଲ୍

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ସୃଷ୍ଟି ହୋଇଥିବା ବନ୍ୟା ସ୍ଥିତିକୁ ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୁଧବାର ୩ ମନ୍ତ୍ରୀଙ୍କ ସହ ଆଲୋଚନା କରିଛନ୍ତି। ସେମାନଙ୍କ ଠାରୁ ପ୍ରଭାବିତ ଅଞ୍ଚଳରେ ପରିସ୍ଥିତି ପଚାରି ବୁଝିବା ସହ ସହାୟତା କାର୍ଯ୍ୟକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଏହାସହ ମୁଖ୍ୟମନ୍ତ୍ରୀ ଜନ ସାଧାରଣଙ୍କୁ ଭୟଭୀତ ନ ହୋଇ ସତର୍କ ରହିବାକୁ ଏବଂ ସ୍ଥାନୀୟ ପ୍ରଶାସନକୁ ସହଯୋଗ କରିବାକୁ ନିବେଦନ କରିଛନ୍ତି ।

ସୋସିଆଲ ମିଡିଆ ସାଇଟ୍ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ରାଜ୍ୟରେ ବନ୍ୟା ପରିସ୍ଥିତିକୁ ଦୃଷ୍ଟିରେ ରଖି ମୁଁ ସ୍ଥିତି ଉପରେ ନିରନ୍ତର ନଜର ରଖିଛି। ଆମର ମନ୍ତ୍ରୀ ସୂର୍ଯ୍ୟବଂଶୀ (ପୃଷ୍ଠା ୭ରେ)

### ଲୋକସଭାରେ ଆଣ୍ଟି ପେପର ଲିକ୍ ସଂଶୋଧନ ବିଲ୍ ପାରିତ

# ଅପରାଧ ପାଇଁ ୧୦ ବର୍ଷ ଜେଲ୍

ନୂଆଦିଲ୍ଲୀ, ୨୯।୭

ସାର୍ବଜନୀନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଓ ଅନ୍ୟାୟକୁ ରୋକିବା ପାଇଁ ଆଗତ ସାର୍ବଜନୀନ ପରୀକ୍ଷା (ଅନ୍ୟାୟ ନିବାରଣ) ସଂଶୋଧନ ବିଲ୍, ୨୦୨୬ ବୁଧବାର ଲୋକସଭାରେ ବାଚନିକ ଭୋଟ୍‌ରେ ପାରିତ ହୋଇଛି। ବିରୋଧୀ ଦଳର ହଟ୍ଟଗୋଳ ମଧ୍ୟରେ ବିଲ୍‌ଟିକୁ ଗୃହରେ ମଞ୍ଜୁରୀ ମିଳିଛି। ଏହା ପୂର୍ବରୁ ମଙ୍ଗଳବାର ବିଲ୍ ଉପରେ ପ୍ରାୟ ନଅ ଘଣ୍ଟା ଧରି ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନା ସମୟରେ ଶାସକ ଓ ବିରୋଧୀ ଦଳର ସଦସ୍ୟମାନେ ପରୀକ୍ଷା ବ୍ୟବସ୍ଥାରେ ସ୍ୱଚ୍ଛତା, ଜବାବଦେହିତା ଏବଂ ସଂସ୍କାରର ଆବଶ୍ୟକତା ଉପରେ ମତ ରଖିଥିଲେ। ବୁଧବାର ଆଲୋଚନା ଶେଷ ହେବା ପରେ ବିଲ୍‌କୁ ବାଚନିକ ଭୋଟ୍ ପାଇଁ ରଖାଯାଇଥିଲା ଏବଂ ଏହା ଲୋକସଭାରେ ପାରିତ ହୋଇଥିଲା।

ସଂଶୋଧିତ ବିଲ୍‌ରେ ପେପର ଲିକ୍ ସମ୍ପର୍କିତ ଅପରାଧ ବିରୋଧରେ ଆଇନକୁ ଆହୁରି କଡ଼ାକଡ଼ି କରାଯାଇଛି। ନୂତନ ବ୍ୟବସ୍ଥା ଅନୁଯାୟୀ, ପ୍ରଶ୍ନପତ୍ର ଲିକ୍, ପରୀକ୍ଷାରେ ସଂଗଠିତ ଠକେଇ କିମ୍ବା ଅନ୍ୟାୟରେ ସମ୍ପୃକ୍ତ ବ୍ୟକ୍ତିଙ୍କ ପାଇଁ ସର୍ବାଧିକ ୧୦ ବର୍ଷର କାରାଦଣ୍ଡର ବ୍ୟବସ୍ଥା କରାଯାଇଛି। ଏହି ସଂଶୋଧନ ମାଧ୍ୟମରେ ପ୍ରତିଯୋଗିତାମୂଳକ ଓ ନିଯୁକ୍ତି ପରୀକ୍ଷାର



ବିଶ୍ୱସନୀୟତା ସୁନିଶ୍ଚିତ କରିବା ସହ ପ୍ରଶ୍ନପତ୍ର ଲିକ୍ ଚକ୍ର ଉପରେ କଠୋର ଅଙ୍କୁଶ ଲଗାଯିବ। ସମ୍ପ୍ରତି ଦେଶର ବିଭିନ୍ନ ପରୀକ୍ଷାରେ ପ୍ରଶ୍ନପତ୍ର ଲିକ୍ ଘଟଣାକୁ ନେଇ ସୃଷ୍ଟି ହୋଇଥିବା ବିବାଦ ପରେ ଏହି ବିଲ୍‌କୁ ପରୀକ୍ଷା ବ୍ୟବସ୍ଥାରେ ସଂସ୍କାର ଆଣିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ଦେଖାଯାଉଛି।

ପ୍ରଶ୍ନପତ୍ର ଲିକ୍ ରୋକିବା ପାଇଁ ଆଗତ ଆଣ୍ଟି-ପେପର ଲିକ୍ ବିଲ୍ ଉପରେ ଲୋକସଭାରେ ଚାଲିଥିବା ଆଲୋଚନା ବେଳେ ବିରୋଧୀ ଦଳନେତା ରାହୁଲ ଗାନ୍ଧୀଙ୍କ ବୟାନକୁ କେନ୍ଦ୍ର କରି ଗୃହରେ ତୀବ୍ର ହଙ୍ଗାମା ସୃଷ୍ଟି ହୋଇଥିଲା। ତାଙ୍କ ମନ୍ତବ୍ୟକୁ ନେଇ ଶାସକ ଦଳ ଓ ଏନଡିଏ ସାଂସଦମାନେ କଡ଼ା ଆପତ୍ତି ଉଠାଇବା ସହ କ୍ଷମା ପ୍ରାର୍ଥନା ଏବଂ ଅଭିଯୋଗର ପ୍ରମାଣ ଦେବାକୁ ଦାବି କରିଥିଲେ। ହଙ୍ଗାମା ଯୋଗୁ ଲୋକସଭାର କାର୍ଯ୍ୟବାହୀ ବାରମ୍ବାର ବାଧାପ୍ରାପ୍ତ ହୋଇଥିଲା।

ବିଲ୍ ଉପରେ ଆଲୋଚନାରେ ଭାଗ ନେଇ ରାହୁଲ ଗାନ୍ଧୀ ଦେଶର ବିଭିନ୍ନ ସ୍ଥାନରେ ପ୍ରଶ୍ନପତ୍ର ଲିକ୍ ଓ ନିଯୁକ୍ତି (ପୃଷ୍ଠା ୭ରେ)

### ଆସାମ ବନ୍ୟା ବିପର୍ଯ୍ୟୟ
## ମୃତ୍ୟୁ ସଂଖ୍ୟା ୭୫କୁ ବୃଦ୍ଧି

ଗୁଆହାଟୀ, ୨୯।୭

ଆସାମରେ ପ୍ରଳୟଙ୍କରୀ ବନ୍ୟା ପରିସ୍ଥିତି ଯୋଗୁଁ ମୃତ୍ୟୁ ସଂଖ୍ୟା ୭୫ରେ ପହଞ୍ଚିଛି। ବିଗତ ୨୪ ଘଣ୍ଟା ମଧ୍ୟରେ ରାଜ୍ୟର ସବୁଠାରୁ ଅଧିକ ପ୍ରଭାବିତ ଶିବସାଗର ଜିଲ୍ଲାରେ ଆଉ ୭ ଜଣଙ୍କର ମୃତ୍ୟୁ ହେବା ପରେ ଏହି ସଙ୍କଟଜନକ ସ୍ଥିତି ସୃଷ୍ଟି ହୋଇଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ (ପୃଷ୍ଠା ୭ରେ)

## ଆଜିର ମୁଖ୍ୟ ଖବର

- ଯୌନ ନିର୍ଯାତନା ମାମଲାରେ ତାଲିମପ୍ରାପ୍ତ ଆଇପିଏସ୍ ଅଧିକାରୀ ଗିରଫ।
- ହିମାଚଳ ପ୍ରଦେଶରେ ଦୁଇଟି ସଡ଼କ ପ୍ରକଳ୍ପ ପାଇଁ ୨୩୯ କୋଟି ଟଙ୍କା ମଞ୍ଜୁର କଲେ କେନ୍ଦ୍ର ସରକାର।
- କାୱଡ଼୍ ରାସ୍ତାରେ ହରିଦ୍ୱାର ଯାଉଥିବା ତିନି ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ।
- ପରମ୍ପରା ଏବଂ ପରିବେଶ ସଂରକ୍ଷଣ ଦ୍ୱାରା ହିଁ ଭବିଷ୍ୟତ ସୁରକ୍ଷିତ ହେବ : ସ୍ୱାମୀ ଚିଦାନନ୍ଦ ସରସ୍ୱତୀ

## ସୁନା ଦର

୨୪ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୪,୩୫୧ (-୬୬)
୨୨ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୩, ୧୫୫ (-୬୦)
୧୮ କ୍ୟାରେଟ ସୁନା – ପ୍ରତି ଗ୍ରାମ ୧୦,୭୬୩ (-୫୦)

## ରୁପା ଦର

ରୁପା – ପ୍ରତି ଗ୍ରାମ ୨୩୫ (+୦)

## ଏକାଳ ପଖାଳ



ଚାଷୀ ମୁଣ୍ଡରେ ହାତଦେଇ ବସେ
ଜମି ଯାକ ବନ୍ୟାପାଣି
ଖଟିଖିଆସବୁ ଆକାଶେ ଅନାନ୍ତି
ହେଉଥାନ୍ତି ଦିନଗଣି
ଅନ୍ୟପଟେ ଛଣାଛଣି
ଆଇଟମ୍ ଖାଇ ଧନୀଲୋକ ଯେତେ
ପାଆନ୍ତି ଆନନ୍ଦ ଖଣି।

### ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକ
# କୃଷି ଉଦ୍ୟୋଗ ପାଇଁ ଏପିକଲ୍‌କୁ ୨୪୯୬କୋଟି ଟଙ୍କା

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ କୃଷି ବ୍ୟବସାୟର ଅଭିବୃଦ୍ଧି ନିମନ୍ତେ ସରକାର ଆଗାମୀ ୫ ବର୍ଷ ପାଇଁ 'ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା'ରେ ଏପିକଲ୍‌କୁ ୨,୪୯୬.୪୦ କୋଟି ଟଙ୍କା ପ୍ରଦାନ କରାଯାଇଛି। ବୁଧବାର ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକରେ ଉପମୁଖ୍ୟମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ ଏନେଇ ସୂଚନା ଦେଇଛନ୍ତି।

କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅଧୀନରେ ଥିବା ଓଡ଼ିଶା କୃଷି ପ୍ରୋତ୍ସାହନ ଓ ପୁଞ୍ଜିଲଗାଣ ନିଗମ (ଏପିକଲ୍) ସଂସ୍ଥା ଦ୍ୱାରା ବୁଧବାର ଲୋକସେବାଭବନରେ




ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ବୈଠକ-୨୦୨୬ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପମୁଖ୍ୟମନ୍ତ୍ରୀ ଶ୍ରୀ ସିଂହଦେଓ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସମୀକ୍ଷାରେ ଭାଗ ନେଇ ସେ କହିଥିଲେ, ରାଜ୍ୟରେ କୃଷିକ୍ଷେତ୍ରକୁ ଏକ ଲାଭଦାୟକ ବ୍ୟବସାୟରେ ପରିଣତ କରିବା ପାଇଁ ସମୟସୀମା ମଧ୍ୟରେ ଆବଶ୍ୟକ ଋଣ ଯୋଗାଇଦେବାକୁ ବ୍ୟାଙ୍କଗୁଡ଼ିକର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏଥିରେ ରାଜ୍ୟର ସମସ୍ତ ବ୍ୟାଙ୍କ ସହଯୋଗ କରିବା ଆବଶ୍ୟକ।

ଏହି ବୈଠକରେ କୃଷି ଉଦ୍ୟୋଗୀଙ୍କୁ ସହଜରେ ଋଣ ଦେବା, ବ୍ୟାଙ୍କ ଓ ସରକାରୀ ସଂସ୍ଥା ମଧ୍ୟରେ ଉତ୍ତମ ସମନ୍ୱୟ ରଖିବା ଏବଂ ଗାଁର ଯୁବକ ଓ (ପୃଷ୍ଠା ୭ରେ)

### ଆଗାମୀ ୩ ବର୍ଷରେ ଗାଁରେ ପହଞ୍ଚିବ ଅପ୍ଟିକାଲ ଫାଇବର ଇଣ୍ଟରନେଟ୍
# ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଦୁଇଟି ଏମ୍ଓୟୁ ସ୍ୱାକ୍ଷରିତ

ଭୁବନେଶ୍ୱର, ୨୯।୭
ନ୍ୟୁଜ୍ ବ୍ୟୁରୋ

ଏକ ଐତିହାସିକ ପଦକ୍ଷେପ ସ୍ୱରୂପ ରାଜ୍ୟର ୬,୭୯୯ଟି ଗ୍ରାମ ପଞ୍ଚାୟତକୁ ଆଇପି ଏମ୍ପିଏଲଏସ ପ୍ରଯୁକ୍ତି ସହ ରିଂ ଟୋପୋଲୋଜିରେ ଅପଗ୍ରେଡ୍ କରାଯିବ । ଗ୍ରାମ ସ୍ତର ପର୍ଯ୍ୟନ୍ତ ଏଫଟିଟିଏଚ୍ (ଫାଇବର ଟୁ ଦ ହୋମ୍) ସଂଯୋଗ ବିସ୍ତାର କରାଯିବ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଡିଜିଟାଲ ଇଣ୍ଡିଆ ମିଶନରେ 'ଭାରତ ନେଟ୍ ପରିଯୋଜନା' ଫେଜ୍-୩ର ଗ୍ରାମୀଣ ଓଡ଼ିଶାକୁ ଡିଜିଟାଲ୍ ଭାବେ ସଶକ୍ତ କରିବା ଦିଗରେ ଭାରତନେଟ୍ ପ୍ରକଳ୍ପ ହାଇସ୍ପିଡ ଇଣ୍ଟରନେଟ୍ ସେବା ମାଧ୍ୟମରେ ଶିକ୍ଷା, ସ୍ୱାସ୍ଥ୍ୟ, ଇ-




ଗଭର୍ଣ୍ଣାନ୍ସ ଓ ଡିଜିଟାଲ୍ ଅର୍ଥନୀତିକୁ ଗ୍ରାମ ସ୍ତରରେ ଆହୁରି ସୁଦୃଢ କରାଯିବା ପାଇଁ କେନ୍ଦ୍ର ସରକାର ଓଡ଼ିଶା ପ୍ରଦେଶରେ ପ୍ରାୟ ୩୩୮୪ କୋଟିରୁ ଅଧିକ ଟଙ୍କା ଖର୍ଚ୍ଚ କରିବେ । ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କ ତତ୍ତ୍ୱାବଧାନରେ ଏହାକୁ ଆଗାମୀ ୩ ବର୍ଷରେ ଶେଷ କରାଯିବ। ଏହା ଅଧୀନରେ ୫୦ ହଜାରରୁ ଅଧିକ ଗାଁକୁ ଇଣ୍ଟରନେଟ ସେବା ଉପଲବ୍ଧ କରାଯିବ ବୋଲି କହିଛନ୍ତି ଇଲେକ୍ଟ୍ରୋନିକ୍ସ ଓ ଆଇଟି ମନ୍ତ୍ରୀ ଡ଼ ମୁକେଶ ମହାଲିଙ୍ଗ । ବ୍ଲକ୍‌କୁ ଗୋଟିଏ ୟୁନିଟ ହିସାବରେ ବ୍ଲକ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର ପ୍ରତିଷ୍ଠା କରାଯାଇ, ସେଠାରୁ ପଞ୍ଚାୟତକୁ ଯୋଡି ପଞ୍ଚାୟତ ଅପ୍ଟିକାଲ ଫାଇବର ସଂଯୋଗୀକରଣ କେନ୍ଦ୍ର କରାଯିବ ଓ ପଞ୍ଚାୟତରୁ ଗାଁର (ପୃଷ୍ଠା ୭ରେ)

# ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାରେ ଚାର୍ଜସିଟ୍ ଦାଖଲ କଲା ସିବିଆଇ

ନୂଆଦିଲ୍ଲୀ, ୨୯।୭

କେନ୍ଦ୍ରୀୟ ଅନୁସନ୍ଧାନ ବ୍ୟୁରୋ (ସିବିଆଇ) ଦିଲ୍ଲୀର ରାଉସ୍ ଆଭେନ୍ୟୁ କୋର୍ଟରେ ଜାତୀୟ ଯୋଗ୍ୟତା ତଥା ପ୍ରବେଶିକା ପରୀକ୍ଷା (ନିଟ୍) ପ୍ରଶ୍ନପତ୍ର ଲିକ୍ ମାମଲାରେ ୧୩ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରିଛି। ନିଟ୍ ପ୍ରଶ୍ନପତ୍ର ଲିକ୍ ମାମଲାର ଶୁଣାଣି ପାଇଁ ଗଠିତ ଫାଷ୍ଟ ଟ୍ରାକ୍ କୋର୍ଟର ବିଚାରପତି ଅନୁ ଗ୍ରୋଭର ବାଲିଗାଙ୍କ ଦ୍ୱାରା ଏହାର ଶୁଣାଣି ହେବ।

ଅଭିଯୁକ୍ତମାନେ ହେଲେ ଯଶ ଯାଦବ, ମଙ୍ଗିଲାଲ ବିୱାଲ, ଦୀନେଶ ବିୱାଲ, ବିକାଶ ବିୱାଲ, ଶୁଭମ ଖୈରନାର, ଧନଞ୍ଜୟ ଲୋଖଣ୍ଡେ, ପ୍ରହ୍ଲାଦ କୁଲକର୍ଣ୍ଣୀ, ତେଜସ୍ ହର୍ଷଦ କୁମାର, ଡକ୍ଟର ମନୋଜ ଶିରୁରେ, ଶିବରାଜ ରଘୁନାଥ ମୋଟେଗାଓଁକର, ମନୀଷା ୱାଘମାରେ, ମନୀଷା ମାନ୍ଧାରେ ଏବଂ ମନୀଷା ସଞ୍ଜୟ ହାବିଲଦାର। ସେମାନେ ସମସ୍ତେ ବର୍ତ୍ତମାନ ନ୍ୟାୟିକ ହେପାଜତରେ ଅଛନ୍ତି। ସିବିଆଇ ସେମାନଙ୍କ ବିରୋଧରେ ଭାରତୀୟ ଦଣ୍ଡବିଧି ଆଇନର ଧାରା୩୧୫ (୫), ୩୧୮ (୪), ୬୧ (୨), ୨୩୮, ୩୦୩ (୨), ଦୁର୍ନୀତି ନିବାରଣ (ପୃଷ୍ଠା ୭ରେ)

# ରାଜ୍ୟସଭାରେ 'ବନ୍ଦେ ମାତରମ୍' ସୁରକ୍ଷା ସଂଶୋଧନ ବିଲ୍ ପାରିତ

ନୂଆଦିଲ୍ଲୀ, ୨୯।୭

'ବନ୍ଦେ ମାତରମ୍'କୁ ମିଳିବ ଜାତୀୟ ସଙ୍ଗୀତ 'ଜନ ଗଣ ମନ' ଭଳି ଆଇନଗତ ସୁରକ୍ଷା । ଏହା ପ୍ରଦାନ କରିବା ଲକ୍ଷ୍ୟରେ ଆଗତ 'ପ୍ରିଭେନ୍ସନ ଅଫ୍ ଇନସଲଟ ଟୁ ନ୍ୟାସନାଲ୍ ଅନର୍ (ସଂଶୋଧନ) ବିଲ୍-୨୦୨୬' ବୁଧବାର ରାଜ୍ୟସଭାରେ ପାରିତ ହୋଇଛି।ବିଲ୍ ପାସ୍ ହେବା ପରେ 'ବନ୍ଦେ ମାତରମ୍'ର ଅପମାନ କଲେ କଠୋର ଦଣ୍ଡବିଧାନର ବ୍ୟବସ୍ଥା ରହିବ।

ବିଲ୍ ଉପରେ ଆଲୋଚନାର ଉତ୍ତର ଦେଇ ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ କହିଥିଲେ ଯେ,ଏହି ସଂଶୋଧନ କେବଳ ଏକ ଆଇନଗତ ପରିବର୍ତ୍ତନ ନୁହେଁ, ବରଂ ଦେଶର ସାଂସ୍କୃତିକ ଐତିହ୍ୟ, ସ୍ୱାଧୀନତା ସଂଗ୍ରାମର ଆଦର୍ଶ ଓ ଜାତୀୟ ସମ୍ମାନ ପ୍ରତି ଭାରତର ପ୍ରତିବଦ୍ଧତାର ପ୍ରତୀକ। ସେ କହିଥିଲେ, ନୂତନ ବ୍ୟବସ୍ଥା ଅନୁଯାୟୀ 'ବନ୍ଦେ ମାତରମ୍'କୁ ଜାଣିଶୁଣି ଅପମାନ କରୁଥିବା ବ୍ୟକ୍ତିଙ୍କ ବିରୋଧରେ ସର୍ବାଧିକ ତିନି ବର୍ଷର କାରାଦଣ୍ଡ, ଜରିମାନା କିମ୍ବା ଉଭୟ ଦଣ୍ଡର ବ୍ୟବସ୍ଥା ରହିବ।

ବିଲ୍ ଉପରେ ଆଲୋଚନା ଆରମ୍ଭ କରି ବିଜେପି ସାଂସଦ ଡା. (ପୃଷ୍ଠା ୭ରେ)

### ସ୍କୁଲ ପାଠ ପଢା ଦ୍ରୁତ ଗତିରେ ହ୍ରାସ ପାଉଛି




# ହର୍ମୁଜରେ ବାଣିଜ୍ୟିକ ଜାହାଜକୁ ଟାର୍ଗେଟ କରିବା ବନ୍ଦ ହେଉ



ନ୍ୟୁୟର୍କ, ୨୯।୭

ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା ପୁଣି ଥରେ ଚରମ ସୀମାରେ ପହଞ୍ଚିଛି। ଆମେରିକା ତେହେରାନ ଉପରେ ଏକାଧିକ ଆକ୍ରମଣ କରୁଥିବା ବେଳେ, ତେହେରାନ ଉପସାଗରୀୟ ଦେଶଗୁଡ଼ିକରେ ଥିବା ଆମେରିକୀୟ ସାମରିକ ଘାଟିଗୁଡ଼ିକୁ ଟାର୍ଗେଟ କରୁଛି। ପଶ୍ଚିମ ଏସିଆରେ ଚାଲିଥିବା ବିବାଦ ଉପରେ ଭାରତ ଚିନ୍ତା ପ୍ରକାଶ କରିଛି ଏବଂ ଉତ୍ତେଜନା ହ୍ରାସ ପାଇଁ ଆହ୍ୱାନ କରିଛି। ହର୍ମୁଜ୍ ପ୍ରଣାଳୀରେ ଅନେକ ଜାହାଜ ଉପରେ ହୋଇଥିବା ସାମ୍ପ୍ରତିକ ଆକ୍ରମଣକୁ ଭାରତ ନିନ୍ଦା କରି ନିରବଚ୍ଛିନ୍ନ ନୌଚାଳନା ଏବଂ ବାଣିଜ୍ୟ ପୁନଃ ଆରମ୍ଭ କରିବାକୁ ଦାବି କରିଛି।ପଶ୍ଚିମ ଏସିଆକୁ ଭାରତ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ଭାବରେ ବର୍ଣ୍ଣନା କରି, ଜାତିସଂଘରେ ଭାରତର ସ୍ଥାୟୀ ପ୍ରତିନିଧି, ରାଷ୍ଟ୍ରଦୂତ ପାର୍ବଥନେନୀ ହରିଶ କହିଛନ୍ତି,ଏହି କ୍ଷେତ୍ରରେ ଚାଲିଥିବା ସଂଘର୍ଷ କିଛି ସମୟ ପାଇଁ ଶାନ୍ତ ହେବା ପରେ, ଆକ୍ରମଣର ପୁନରାବୃତ୍ତି ଏବଂ ଉତ୍ତେଜନା ବୃଦ୍ଧି ଚିନ୍ତାର ବିଷୟ। ଭାରତ ତୁରନ୍ତ ଉତ୍ତେଜନା ହ୍ରାସ କରିବାକୁ ଆହ୍ୱାନ କରୁଛି। ଜାତିସଂଘ ସୁରକ୍ଷା ପରିଷଦରେ ପଶ୍ଚିମ ଏସିଆର ପରିସ୍ଥିତି ଉପରେ ଏକ ଖୋଲା ବିତର୍କ ସମୟରେ, (ପୃଷ୍ଠା ୭ରେ)

# ଇ-୨୦ ବିବାଦ: ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହେଲେ ନୀତିନ୍

ମୁମ୍ବାଇ, ୨୯।୭

କେନ୍ଦ୍ର ସରକାରଙ୍କ ଇଥାନଲ୍-ମିଶ୍ରଣ କାର୍ଯ୍ୟକ୍ରମ ସହ ନିଜକୁ ଏବଂ ନିଜ ପରିବାରକୁ ଯୋଡ଼ି ସୋସିଆଲ ମିଡିଆରେ ବିଭ୍ରାନ୍ତିକର ତଥ୍ୟ, ଆପତ୍ତିଜନକ ପୋଷ୍ଟ ଓ ଏଆଇ-ଜନିତ 'ଡିପଫେକ୍' ଭିଡିଓ ପ୍ରସାରଣ କରାଯାଉଥିବା ନେଇ ବମ୍ବେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି କେନ୍ଦ୍ର ସଡ଼କ ପରିବହନ ଓ ରାଜମାର୍ଗ ମନ୍ତ୍ରୀ ନୀତିନ୍ ଗଡ଼କରୀ। ନିଜର ବ୍ୟକ୍ତିଗତ ଅଧିକାର ଓ ସୁନାମ କ୍ଷୁଣ୍ଣ ହେଉଥିବା ଦର୍ଶାଇ ସେ ୧୧ କୋଟି ଟଙ୍କାର କ୍ଷତିପୂରଣ ଦାବି କରିବା ସହ ଏହି ସବୁ ଆପତ୍ତିଜନକ ପୋଷ୍ଟ ହଟାଇବାକୁ ଆବେଦନ କରିଛନ୍ତି।



ଓକିଲ ସନ୍ଦୀପ ଲଡ୍ଡାଙ୍କ ମାଧ୍ୟମରେ ଦାଖଲ ୮୬ ପୃଷ୍ଠାର ଏହି ଆବେଦନରେ ଗଡ଼କରୀ ସ୍ପଷ୍ଟ କରିଛନ୍ତି ଯେ, ଇଥାନଲ୍ ମିଶ୍ରଣ ନୀତି ନିର୍ଦ୍ଧାରଣ କିମ୍ବା ଏହାର କାର୍ଯ୍ୟକାରିତାରେ ତାଙ୍କ ମନ୍ତ୍ରଣାଳୟର କୌଣସି ଭୂମିକା ନାହିଁ। (ପୃଷ୍ଠା ୭ରେ)



# ଗୋଷ୍ଠୀ ଶୌଚାଳୟ ନିର୍ମାଣକୁ ବିରୋଧ: ପଞ୍ଚାୟତରେ ଅସନ୍ତୋଷ

**କେନ୍ଦ୍ରାପଡା , ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ପଟ୍ଟାମୁଣ୍ଡାଇ ବ୍ଲକ ଅନ୍ତର୍ଗତ ଶାସନ ପଞ୍ଚାୟତର ମାଳିପୁର ଗ୍ରାମରେ ସର୍ବସମ୍ମତି ଓ ଗ୍ରାମସଭାରେ ଅନୁମୋଦନ ପରେ ଗୋଷ୍ଠୀ ଶୌଚାଳୟ ମାଳିପୁର ଗ୍ରାମରେ ନିର୍ମାଣ ଚାଲୁ ରହିଛି। ଏହାକୁ ୩ /୪ ଜଣ ଖଳ ପ୍ରକୃତିର ବ୍ୟକ୍ତି ବିରୋଧ କରି ମିଥ୍ୟା ଅଭିଯୋଗ କରୁଥିବାରୁ ପଞ୍ଚାୟତବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏ ନେଇ ଏକ ଦାବିପତ୍ର ଅତିରିକ୍ତ ଜିଲ୍ଲାପାଳଙ୍କ ନିକଟରେ ପ୍ରଦାନ କରାଯାଇଛି। ମିଳିଥିବା ସୂଚନା ଅନୁଯାୟୀ ମାଳୀପୁର ଗ୍ରାମରେ ଏହି ଅଞ୍ଚଳରେ ପ୍ରସିଦ୍ଧ ଶନି ମନ୍ଦିର ଥିବାରୁ ପ୍ରତ୍ୟେକ ଦିନ ଶହ ଶହ ସଂଖ୍ୟକ ଶ୍ରଦ୍ଧାଳୁ ଆସିଥାନ୍ତି। ଏଠାରେ ସୌଚ ହେବାର ସୁବିଧା ନଥିବାରୁ ମହିଳା ଓ ଶିଶୁ ଅତ୍ୟନ୍ତ ଅସୁବିଧାର ସମ୍ମୁଖୀନ ହେଉଥିବାର ଦୃଷ୍ଟିରେ ରଖି ଏଠାରେ ଗୋଷ୍ଠୀ



ଶୌଚାଳୟ ନିର୍ମାଣ କରାଯାଉଛି। ଏଠାରେ ଶୌଚାଳୟ ନିର୍ମାଣ ହେଲେ ଶ୍ରଦ୍ଧାଳୁମାନେ ସୁବିଧା ପାଇପାରିବେ। ଏହି ଖଳ ପ୍ରକୃତିର ବ୍ୟକ୍ତିମାନେ ଗୋଷ୍ଠୀ ଶୌଚାଳୟ ନିର୍ମାଣ କରୁଥିବା କାମ ପାଖକୁ ଯାଇ ସେମାନଙ୍କୁ ଧମକ ଚମକ ଦେବା ସହ ବିଡିଓଙ୍କ ନିକଟରେ ମିଥ୍ୟା ଅଭିଯୋଗ କରୁଥିବାରୁ ଅଞ୍ଚଳରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପଞ୍ଚାୟତର ସରପଞ୍ଚ ସଂଗ୍ରାମ କେଶରୀ ବାରିକଙ୍କ ନେତୃତ୍ୱରେ ଅତିରିକ୍ତ ଜିଲ୍ଲାପାଳ ନବକ୍ରିଷ୍ଣ ଜେନାଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ଦାବିପତ୍ର ପ୍ରଦାନ ସମୟରେ ଗଣେଶ ସେନାପତି, ୱାର୍ଡ ସଭ୍ୟ ରଶ୍ମୀରେଖା ସେନାପତି, ସନ୍ତୋଷ କୁମାର ପଣ୍ଡା, ପ୍ରଭାତ ବିଶ୍ୱାଳ, ପ୍ରଶାନ୍ତ ସେଠୀ, ମାନସ କର, ଅଲେଖ ସେନାପତି, ବଜ୍ର କିଶୋର ବିଶ୍ୱାଳ, ଅମୀୟ କୁମାର ଦାସ, ସଂଜୀବ କୁମାର ମଲ୍ଲିକ, ବିପିନ୍ ବିହାରୀ କର ପ୍ରମୁଖ ଉପସ୍ଥିତ ଥିଲେ।

# ରାସ୍ତାଘାଟ ସଫେଇ ଟେଣ୍ଡରରେ ତ୍ରୁଟି: ତିନି ବର୍ଷରେ ୨୬.୧୨ କୋଟି ହରାଇବ ବିଏମ୍‌ସି

**ଭୁବନେଶ୍ୱର ନ୍ୟୁଜ ବ୍ୟୁରୋ**

ରାସ୍ତାଘାଟ ସଫେଇର ନୂଆ ଟେଣ୍ଡର କରିଛି ବିଏମ୍‌ସି। ୬ଟି ପ୍ୟାକେଜ୍‌ରେ ୬୭ ୱାର୍ଡକୁ ବଣ୍ଟାଯାଇଛି। ଟେଣ୍ଡର ପ୍ରକ୍ରିୟାରେ ୪ଟି ଏଜେନ୍ସି ସଫଳ ହୋଇଛନ୍ତି। ବାର୍ଷିକ ଆର୍ଥିକ କାରବାର ଆଧାରରେ ଏଲ୍-୧ରେ ଥିଲେ ବି ଯେଉଁମାନେ ଗୋଟିଏ ପ୍ୟାକେଜ୍ ପାଇଁ ଯୋଗ୍ୟ, ସେମାନଙ୍କୁ ଗୋଟିଏ ପ୍ୟାକେଜ୍ ଦେଇ, ଅନ୍ୟ ପ୍ୟାକେଜ୍ ଏଲ୍-୨ ଏଜେନ୍ସିଙ୍କୁ ଦିଆଯାଇଛି। ନିୟମାନୁଯାୟୀ, ଏଭଳି ସ୍ଥିତିରେ ଏଲ୍-୧ ଏଜେନ୍ସି ଯେତିକି ଟଙ୍କାରେ ଟେଣ୍ଡର ପକାଇଥିଲା, ସେତିକି ଟଙ୍କାରେ ଏଲ୍-୨ ଏଜେନ୍ସି ଟେଣ୍ଡର ନେବାକୁ ବାଧ୍ୟ। କିନ୍ତୁ ବିଏମ୍‌ସି ଟେଣ୍ଡର କମିଟି ନୂଆ ଟେଣ୍ଡରରେ ଏଲ୍-୨ ଯେତିକି ଟଙ୍କାରେ ଟେଣ୍ଡର ପକାଇଛି, ସେତିକି ଟଙ୍କାରେ ଟେଣ୍ଡର ଦେବାକୁ ନିଷ୍ପତ୍ତି ନେଇଛି। ଏହି ତ୍ରୁଟିପୂର୍ଣ୍ଣ ଟେଣ୍ଡର ପାଇଁ ବିଏମ୍‌ସି ବାର୍ଷିକ ୮କୋଟି ୭୦ଲକ୍ଷ ୮୮ହଜାର ୫୫୩ ଟଙ୍କାର କ୍ଷତି ସହିବାକୁ ଯାଉଛି। ଟେଣ୍ଡର ୩ ବର୍ଷ ପାଇଁ ଦିଆଯାଇଥିବାରୁ ତିନିବର୍ଷରେ ୨୬କୋଟି ୧୨ଲକ୍ଷ ୬୫ହଜାର ୬୫୯ ଟଙ୍କା କ୍ଷତି ସହିବ। ନଗର ଉନ୍ନୟନ ବିଭାଗ ବି ବିଏମ୍‌ସି ଟେଣ୍ଡର କମିଟିର ଏଭଳି ଅଜବ ତଥା ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ଉପରେ ଆପତ୍ତି ଉଠାଇଛି।

ବିଏମ୍‌ସିର ପ୍ରାୟ ୨ଶହ ବର୍ଗ କିଲୋମିଟର ଅଞ୍ଚଳର ରାସ୍ତାଘାଟ ସଫେଇ ମାନବସମ୍ବଳ ଜରିଆରେ କରାଯାଉଛି। ସମଗ୍ର ବିଏମ୍‌ସି ଅଞ୍ଚଳକୁ ତିନିଟି ଜୋନ୍‌ରେ ବିଭକ୍ତ କରାଯାଇଛି। ଗତ ମେ ମାସରେ ତିନି ଜୋନ୍‌କୁ ୬ଟି ପ୍ୟାକେଜ୍‌ରେ ବିଭକ୍ତ କରି ଟେଣ୍ଡର ଡାକିଥିଲା। ନୂଆ ଟେଣ୍ଡର ପ୍ରକ୍ରିୟାରେ ୫ଟି ଏଜେନ୍ସି ଭାଗ ନେଇଥିଲେ ବି ୪ ଏଜେନ୍ସି ଯୋଗ୍ୟ ହୋଇଛନ୍ତି। ଲାୟନ୍ ?ସ ପ୍ୟାକେଜ-୧(୧୨ଟି ୱାର୍ଡ) ଓ ପ୍ୟାକେଜ-୬(୧୦ଟି ୱାର୍ଡ), ଜାଗୃତି ପ୍ୟାକେଜ-୩(୧୨ଟି ୱାର୍ଡ) ଓ ପ୍ୟାକେଜ-୫(୯ଟି ୱାର୍ଡ), ଗ୍ରିନ୍ ସର୍କଲ୍ ପ୍ୟାକେଜ-୨(୧୨ଟି ୱାର୍ଡ) ଓ ପିଏମ୍‌ଆର ପ୍ୟାକେଜ-୪(୧୨ଟି ୱାର୍ଡ)ର ଟେଣ୍ଡର ପାଇଛନ୍ତି। ୩ ବର୍ଷ ପାଇଁ ଏହି ଟେଣ୍ଡର କରାଯାଇଛି। ବାର୍ଷିକ ହିସାବରେ ପିଏମ୍‌ଆର ପ୍ୟାକେଜ୍-୧ ପାଇଁ ୨୪.୬୨କୋଟି ଟଙ୍କା, ପ୍ୟାକେଜ-୨ ପାଇଁ ୨୦.୨୧କୋଟି ଟଙ୍କା ଓ ପ୍ୟାକେଜ-୪ ପାଇଁ



୨୬.୯୭କୋଟି ଟଙ୍କା, ଜାଗୃତି ପ୍ୟାକେଜ-୩ ପାଇଁ ୧୮.୭୬କୋଟି ଟଙ୍କା ଓ ଲାୟନ୍ସ ପ୍ୟାକେଜ୍-୬ ପାଇଁ ୧୬.୫୬କୋଟି ଟଙ୍କାର ଟେଣ୍ଡର ପକାଇ ଏଲ୍-୧ ହୋଇଥିଲେ। ବାର୍ଷିକ ଆର୍ଥିକ କାରବାରର ଯୋଗ୍ୟତା ଭିତ୍ତିରେ ଜାଗୃତି ଓ ଲାୟନ୍ସକୁ ୨ଟି ଲେଖାଏଁ ଏବଂ ପିଏମ୍‌ଆରକୁ ଗୋଟିଏ ପ୍ୟାକେଜ୍ ମିଳିଥିଲା। ସର୍ବାଧିକ ଟଙ୍କା ପକାଇଥିବା ପ୍ୟାକେଜ୍-୪କୁ ପିଏମ୍‌ଆର ଚୟନ କରିଥିଲା। ଏଣୁ ପ୍ୟାକେଜ୍-୧ରେ ଏଲ୍-୨ରେ ଥିବା ଲାୟନ୍ସ ଓ ପ୍ୟାକେଜ୍-୨ରେ ଏଲ୍-୨ରେ ଥିବା ଗ୍ରିନ୍ ସର୍କଲ୍ ଟେଣ୍ଡର ପାଇଛନ୍ତି। ପ୍ୟାକେଜ୍-୧ ପାଇଁ ଲାୟନ୍ସ ୨୯.୮୮କୋଟି ଟଙ୍କା ଓ ପ୍ୟାକେଜ-୨ ପାଇଁ ଗ୍ରିନ୍ ସର୍କଲ୍ ୨୩.୬୬କୋଟି ଟଙ୍କାର ଟେଣ୍ଡର ପକାଇଥିଲେ। ଟେଣ୍ଡର କମିଟି ଏଲ୍-୧ ଦରକୁ ଅଣଦେଖା କରି ଯେତିକି ଟଙ୍କାରେ ଏମାନେ ଟେଣ୍ଡର ପକାଇଥିଲେ, ସେତିକି ଟଙ୍କାରେ କାମ କରିବାକୁ ସ୍ୱୀକୃତି ଦେଇଛି। ଯେଉଁ କାମ ପାଇଁ ପିଏମ୍‌ଆର ୨୪.୬୨ କୋଟିର ଟେଣ୍ଡର ପକାଇଥିଲା, ସେହି କାମକୁ ଲାୟନ୍ସ ୨୯. ୮୮କୋଟି ଟଙ୍କାରେ ନେଇଛି। ସେହିପରି ପ୍ୟାକେଜ-୨ ପାଇଁ ୨୦.୨୧କୋଟି ଟଙ୍କା ପାଇଁ ଟେଣ୍ଡର ପକାଇଥିବା ପିଏମ୍‌ଆର ବଦଳରେ ଗ୍ରିନ୍ ସର୍କଲ୍‌କୁ ୨୩.୬୬କୋଟି ଟଙ୍କାରେ ଟେଣ୍ଡର ଦିଆଯାଇଛି। ଏହା ଫଳରେ ବାର୍ଷିକ ପ୍ରାୟ ୯ କୋଟିର ଅଧିକ କ୍ଷତି ବିଏମ୍‌ସି ସହିବାକୁ ଯାଉଛି। ଏହା ଦର୍ଶାଇ ନଗର ଉନ୍ନୟନ ବିଭାଗ ଏ ପର୍ଯ୍ୟନ୍ତ ଏହି ଟେଣ୍ଡରକୁ ସ୍ୱୀକୃତି ଦେଇନାହାନ୍ତି।

ଏଲ୍-୧ ଓ ଏଲ୍-୨ ବିବାଦ ଉପରେ ମୁଁ ଆପତ୍ତି ଉଠାଇ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦେଇଛି। ସେହି ଅନୁସାରେ ନଗର ଉନ୍ନୟନ ବିଭାଗକୁ ବି ପ୍ରସ୍ତାବ ପଠାଯାଇଛି ବୋଲି ବିଏମ୍‌ସି ମେୟର ସୁଲୋଚନା ଦାସ କହିଛନ୍ତି। ମେୟର କହିଛନ୍ତି, ବାର୍ଷିକ ଆର୍ଥିକ କାରବାର ଆଧାରରେ ଯେଉଁ ସ୍ଥାନରେ ଏଲ୍-୨ ଏଜେନ୍ସିକୁ ଏଲ୍-୧ କରାଯାଇଛି, ସେ କ୍ଷେତ୍ରରେ ସେମାନଙ୍କୁ ଏଲ୍-୧ ଦରରେ ଟେଣ୍ଡର ଦେବାକୁ ପରିମଳ ବିଭାଗକୁ କୁହାଯାଇଛି। ଏହା ନଗର ଉନ୍ନୟନ ବିଭାଗର ବିଚାରାଧୀନ ରହିଛି। ଯଦି ଏଲ୍-୧ ହୋଇଥିବା ଏଲ୍-୨ ଏଜେନ୍ସିମାନେ ଏଥିରେ ରାଜି ନ ହୁଅନ୍ତି, ଯେଉଁ ପ୍ୟାକେଜ୍‌ରେ ଏମାନେ ଯୋଗ୍ୟ ହୋଇଛନ୍ତି, ସେହି ପ୍ୟାକେଜ୍ ପାଇଁ ନୂଆ ଟେଣ୍ଡର କରାଯିବ ବୋଲି ମେୟର କହିଛନ୍ତି।

# ଅଦରକାରୀ ସାମଗ୍ରୀରୁ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ପ୍ରସ୍ତୁତ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ନୂଆ ଖଜୁରିଆ ନିବାସୀ ତ୍ରିଲୋଚନ ପାଣିଗ୍ରାହୀ ଓ ମିନତୀ ପାଣିଗ୍ରାହୀଙ୍କ କନ୍ୟା ଶତାବ୍ଦୀ ପାଣିଗ୍ରାହୀ ରଥଯାତ୍ରାକୁ ଦୃଷ୍ଟିରେ ରଖି ପ୍ରଭୁ ଜଗନ୍ନାଥଙ୍କ ବିଭିନ୍ନ କଳାକୃତି ପ୍ରସ୍ତୁତ କରିଛନ୍ତି । ସେ ଅଦରକାରୀ ସାମଗ୍ରୀ ଗୁଡ଼ିକରେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ର ଆଙ୍କିଛନ୍ତି । ସେହିପରି ତିନି ଠାକୁର ଓ ପ୍ରଭୁ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତି ଚାନ୍ଦୁଆରେ ପ୍ରସ୍ତୁତ କରିଛନ୍ତି । ସେ ଉଦ୍ଭିଦ ବିଜ୍ଞାନରେ ଶିକ୍ଷା ଗ୍ରହଣ କରିବା ସହ ରାଜ୍ୟ କଳା ଓ ଶିଳ୍ପ ବିକାଶ ପ୍ରତିଷ୍ଠାନରେ କ୍ରାଫ୍ ଡ଼ିଜାଇନ୍‌ର ଭାବେ ଶିକ୍ଷା ଗ୍ରହଣ କରିଛନ୍ତି । ଚାନ୍ଦୁଆ ସହ କାନ୍‌ଭାସ୍, ପଥର, କପଡ଼ା, ପତ୍ର, ବିଭିନ୍ନ ବସ୍ତୁ ଓ ଛୋଟ ଛୋଟ ଜିନିଷ ପଟଚିତ୍ର ଓ ଆଦିବାସୀ ଚିତ୍ର କଳା ମଧ୍ୟ କରିଛନ୍ତି । ଭବିଷ୍ୟତରେ ସେ ଭାରତର ହସ୍ତଶିଳ୍ପ ଓ ବୟାନ ବିଭାଗ ତରଫରୁ ଓଡ଼ିଶା ରାଜ୍ୟ ହସ୍ତଶିଳ୍ପ ପୁରସ୍କାର ଜାତୀୟ ହସ୍ତଶିଳ୍ପ ପୁରସ୍କାର ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି । ମାତ୍ର ସାତ ବର୍ଷରୁ ଶତାବ୍ଦୀ ଏପରି ଚିତ୍ର ଆଙ୍କୁଛନ୍ତି । ନିଜ ମାତାଙ୍କ ଠାରୁ ହସ୍ତଶିଳ୍ପ ଏବଂ ଆଦିବାସୀ ଚିତ୍ରକଳା ଗୁରୁ ଦୀନବନ୍ଧୁ ସୋରେନ୍‌ଙ୍କ ଠାରୁ ସେ ଏପରି ଚିତ୍ରକଳା ପ୍ରତି ଆକୃଷ୍ଟ ହୋଇଥିବା କହିଛନ୍ତି ।

# ଆନ୍ଦୋଳନକାରୀ ଛାତ୍ର ଛାତ୍ରୀଙ୍କ ପ୍ରତି ପୋଲିସ କାର୍ଯ୍ୟାନୁଷ୍ଠାନକୁ ନିନ୍ଦା

**ଧର୍ମଶାଳା, ନ୍ୟୁଜ୍ ବ୍ୟୁରୋ**

ଗତ ଶନିବାରଦିନ ଦିଲ୍ଲୀରେ ସଂସଦ ଅଭିଯାନ ସମୟରେ ଛାତ୍ର ଛାତ୍ରୀଙ୍କ ଉପରେ ବର୍ବର ଲାଠିଚାର୍ଜ ଓ ଲୁହବୁହା ଗ୍ୟାସ୍ ପ୍ରୟୋଗ ବିରୁଦ୍ଧରେ ଏବଂ ଗଞ୍ଜେଇ କୁ ସମ୍ପୂର୍ଣ୍ଣ ରଦ୍ଦ କରିବା, ଜାତୀୟ ଶିକ୍ଷାନୀତି ୨୦୨୦କୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରିବା ଏବଂ ଓଡ଼ିଶାର ତ୍ରୁଟିପୂର୍ଣ୍ଣ ବହିକୁ ସମ୍ପୂର୍ଣ୍ଣ ପ୍ରତ୍ୟାହାର କରି ପୁରୁଣାବହିରେ ପାଠପଢା ଆରମ୍ଭ କରିବା ଦାବିନେଇ ସ୍ୱାଧୀନତା ସଂଗ୍ରାମୀ ସ୍ମୃତିପରିଷଦ ପକ୍ଷରୁ ଏକ ପ୍ରତିବାଦ ସଭା ଶାନ୍ତିବଜାର ଠାରେ ଅନୁଷ୍ଠିତ ହୋଇ ବଜାରପରିକ୍ରମା କରି ବସ୍ ଷ୍ଟାଣ୍ଡ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଆଉ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ମଧୁମିତା ସାହୁ ଙ୍କ ସଭାପତିତ୍ୱରେ ଉକ୍ତସଭା ପରିଚାଳିତ ହୋଇଥିଲା। ପୋଲିସ୍ ପ୍ରଶାସନର ଛାତ୍ର ଛାତ୍ରୀଙ୍କ ଉପରେ ଏଭଳି ବର୍ବର ଅମାନୁଷିକ ଆକ୍ରମଣ ଯେ ସମାଜ, ଶିକ୍ଷା, ସଭ୍ୟତାପ୍ରତି କେତେ ବିପଦଜନକ ତାହା ବକ୍ତାମାନେ ତାଙ୍କ ବକ୍ତବ୍ୟରେ ବ୍ୟକ୍ତ କରିଥିଲେ। ସାରା ଦେଶରେ ଲକ୍ଷଲକ୍ଷ ଛାତ୍ର ଯୁବକ ବୁଦ୍ଧିଜୀବୀ ଏବଂ ବିଭିନ୍ନ ସ୍ତରର ଜନଗଣଙ୍କ ଆନ୍ଦୋଳନ ଚାପରେ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଇସ୍ତଫା




ଦେଇଛନ୍ତି। ଏହା ଏକ ଗଣ ଆନ୍ଦୋଳନର ଐତିହାସିକ ବିଜୟ ସେଥିପାଇଁ ସମସ୍ତ ଆନ୍ଦୋଳନ କାରୀଙ୍କୁ ସଂଗ୍ରାମୀ ଅଭିନନ୍ଦନ ଜଣାଇଥିଲେ। ଉକ୍ତସଭାରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ବରିଷ୍ଠ ଆଇନଜିବୀ ପ୍ରତାପଚନ୍ଦ୍ର ମିଶ୍ର,ସୁଧୀର କୁମାର ମିଶ୍ର, ବିଘ୍ନେସ ପ୍ରିୟଦର୍ଶନ, ଅମୃତ ସ୍ୱାଇଁ, ସୋମ୍ୟରଞ୍ଜନ ସ୍ୱାଇଁ, ଅଜୟ କୁମାର ଓଝା, ନଭେନ୍ଦୁ ସ୍ୱାଇଁ, ରାକେଶ ଜେନା, ଜଗଦୀଶ ଜେନା, ସୂର୍ଯ୍ୟକାନ୍ତ ସ୍ୱାଇଁ, ଆନନ୍ଦ ସ୍ୱାଇଁ, ରଞ୍ଜନ ଓଝା, ଆୟୁଷ୍ମାନ ଘଡ଼େଇ, ଦେବେନ୍ଦ୍ର ଓଝା, ସୁଧୀର ଘଡ଼େଇ, ଦମୟନ୍ତୀ ମୁଦୁଲି ପ୍ରମୁଖ ବକ୍ତବ୍ୟ ରଖିଥିଲେ।

# ଅଖିଳ ଭାରତୀୟ ସାହିତ୍ୟ ପରିଷଦ ପକ୍ଷରୁ ପ୍ରବନ୍ଧ ଓ ବକ୍ତୃତା ପ୍ରତିଯୋଗିତା

**ଜଗତସିଂହପୁର, ନ୍ୟୁଜ୍ ବ୍ୟୁରୋ**

ଅଖିଳ ଭାରତୀୟ ସାହିତ୍ୟ ପରିଷଦ, ଓଡ଼ିଶା, ମା' ସାରଳା ଜଗତସିଂହପୁର ଶାଖାର ଜିଲ୍ଲା ସ୍ତରୀୟ ପ୍ରତିଯୋଗିତା ବ୍ଲକ ସ୍ତରରୁ ବିଜୟୀ ହୋଇ ଆସିଥିବା ଯୁକ୍ତ ୨ ଏବଂ ଯୁକ୍ତ ୩ ଶ୍ରେଣୀର ପ୍ରତିଯୋଗିମାନଙ୍କ ମଧ୍ୟରେ ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଚାଳିତ ମହାବିଦ୍ୟାଳୟରେ ଅଭିଜ୍ଞ ବିଚାରପତିମାନଙ୍କୁ ନେଇ ପ୍ରବନ୍ଧ ଲିଖନ, ଜଣା ଅଜଣା (କୁଇଜ୍) ଏବଂ ବକ୍ତୃତା ପ୍ରଦାନ ଏଇ ୩ଗୋଟି ବିଭାଗରେ ସମ୍ପନ୍ନ ହୋଇଯାଇଛି । +୨ ପ୍ରବନ୍ଧରେ ପ୍ରଥମ ସୁଶ୍ରୀ ସଙ୍ଗୀତା ସାହୁ, ଆଦି କବି ସାରଳାଦାସ କଲେଜ, ବକ୍ତୃତାରେ ପ୍ରଥମ ସୁପ୍ରୀତି ମହାନ୍ତି ,ବୃନ୍ଦାବନ ଚନ୍ଦ୍ର ଉଚ୍ଚମାଧ୍ୟମିକ ବିଦ୍ୟାଳୟ, ଦ୍ୱିତୀୟ ପିୟଙ୍କା ତାରିଣିଆ ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତୃତୀୟ ଜାଗୃତି ଦାସ, ଅଳକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଏବଂ ଜଣା ଅଜଣାରେ ପ୍ରଥମ ସାହିଲ କୁମାର ନାଥ, ଆଦିକବି ସାରଳାଦାସ କଲେଜ, ୨ୟ ସୁଶ୍ରୀ ଅର୍ଚ୍ଚିତା ପ୍ରିୟଦର୍ଶନୀ ଦାସ, ବାଲିକୁଦା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ତଥା +୩ ପ୍ରବନ୍ଧ ଲିଖନରେ ପ୍ରଥମ ସୌରଭ ନାୟକ, ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ୨ୟ ସୁଶ୍ରୀ ବୈଶାଖୀ ପାଁଜା, ବୃନ୍ଦାବନ ଚନ୍ଦ୍ର ଡିଗ୍ରୀ ମହାବିଦ୍ୟାଳୟ, ୩ୟ ସତ୍ୟଜିତ୍ ବାରିକ, ସ୍ୱାମୀ ବିବେକାନନ୍ଦ ସ୍ମାରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ବକ୍ତୃତା ପ୍ରଦାନରେ ପ୍ରଥମ ରାଜକୁମାର ଶତପଥୀ , ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ, ୨ୟ ଆଶୁତୋଷ ପରିଡ଼ା, ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ, ଜଣା ଅଜଣାରେ ପ୍ରଥମ ବନମାଳୀ ପରିଡ଼ା, ଅଳକା ମହାବିଦ୍ୟାଳୟ, ୨ୟ ସ୍ୱାଭିମାନ ପାତ୍ର, ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟ, ତୃତୀୟ ଦେବହୂତି ଆଚାର୍ଯ, ଆଦିକବି ସାରଳା ଦାସ ମହାବିଦ୍ୟାଳୟ ନିଜ କୃତିତ୍ୱର ପ୍ରଦର୍ଶନ କରିଥିଲେ । କଲେଜ ପ୍ରେକ୍ଷାଳୟରେ ଏସବୁ ଛାତ୍ରଛାତ୍ରୀମାନଙ୍କୁ ତଥା ମଣ୍ଡଳ ସ୍ତରୀୟ କୃତି ପ୍ରଥମ, ଦ୍ୱିତୀୟ ଏବଂ ତୃତୀୟ ସ୍ଥାନଲାଭ କରିଥିବା ପ୍ରତିଯୋଗିମାନଙ୍କୁ ପରିଷଦର ଅଧକ୍ଷ ଡକ୍ଟର ସୁରେନ୍ଦ୍ର ନାଥ ତ୍ରିପାଠୀଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ସ୍ୱାମୀ ବିବେକାନନ୍ଦ ସ୍ମାରକ ମହାବିଦ୍ୟାଳୟର ଅଧକ୍ଷ ଡକ୍ଟର ସୁଜାତା ଓତା, ସମ୍ମାନନୀୟ ଅତିଥି ବିଶିଷ୍ଟ ଶିକ୍ଷାବିତ୍ ବଂଶୀଧର ଆଚାର୍ଯ୍ୟ, ପରିଷଦର ସଦସ୍ୟା ମନୋରମା ଦାଶ, ସମ୍ପାଦକ ଡ. ରବୀନ୍ଦ୍ର ନାଥ ମିଶ୍ର, ଉପସଭାପତି ଡ. ବିଜୟ କୁମାର ବିଶ୍ୱାଳ, ଶିକ୍ଷାବିତ୍ ବିଜୟ କୁମାର ପତି, ସଦସ୍ୟ ବିଜୟ କୁମାର ରଥ, କଲେଜ ଅଧକ୍ଷ ପ୍ରତାପ କୁମାର ଲେଙ୍କା, ସହ ସମ୍ପାଦକ ସବ୍ୟସାଚୀ ତ୍ରିପାଠୀ, ତେଜସ୍ୱିନୀ ପଣ୍ଡା, କୋଷାଧ୍ୟକ୍ଷ ସଂଯମ କୁମାର ମହାନ୍ତି ପ୍ରମୁଖ ମଞ୍ଚାସୀନ ରହି ପ୍ରମାଣ ପତ୍ର, ଗୀତା ପୁସ୍ତକ ଏବଂ ନବକାକଳି ପତ୍ରିକା ପ୍ରଦାନ କରିଥିଲେ । କଲେଜର ଓଡିଆ ଭାଷା ଓ ସାହିତ୍ୟ ବିଭାଗର ସମସ୍ତ ଅଧ୍ୟାପକ, ଅଧ୍ୟାପିକା କାର୍ଯ୍ୟକ୍ରମକୁ ସଞ୍ଚାଳନ କଲାବେଳେ ଶିକ୍ଷାବିତ୍ ରବୀନ୍ଦ୍ର ନାଥ ନାୟକ ଧନ୍ୟବାଦ ପ୍ରଦାନ କରିଥିଲେ । ଆସନ୍ତା ଅଗଷ୍ଟ ୮ ଏବଂ ୯ ତାରିଖରେ ପୁରୀରେ ଅନୁଷ୍ଠିତ ହେବାକୁ ଥିବା ରାଷ୍ଟ୍ରୀୟ ଅଧିବେଶନରେ ଯୋଗଦାନ କରିବାକୁ ସମସ୍ତେ ସମ୍ମତ ହୋଇଥିଲେ ।



## ରାଇଘରରେ ଛାତ୍ରଛାତ୍ରୀଙ୍କ ଖାଦ୍ୟମେଳା

# ପିଲାଙ୍କ ସର୍ବାଙ୍ଗୀଣ ବିକାଶ ବିଦ୍ୟାଳୟର ମୁଖ୍ୟ ଲକ୍ଷ୍ୟ



**ରାଇଘର, ନ୍ୟୁଜ୍ ବ୍ୟୁରୋ**

ନବରଙ୍ଗପୁର ଜିଲ୍ଲା ରାଇଘର ବ୍ଲକ ଶହୀଦ ଲକ୍ଷ୍ମଣ ନାୟକ ପବ୍ଲିକ ସ୍କୁଲ ପରିସରରେ ଉତ୍ସାହ ଓ ଆନନ୍ଦର ସହ ଆୟୋଜିତ ହୋଇଛି ଏକ ଭିନ୍ନଧରଣର ଖାଦ୍ୟ ମେଳା। ଏହି ଖାଦ୍ୟ ମେଳାରେ ପଞ୍ଚମରୁ ଦଶମ ଶ୍ରେଣୀର ଅନେକ ଛାତ୍ରଛାତ୍ରୀଙ୍କ ସହ ଶିକ୍ଷକ, ଶିକ୍ଷୟିତ୍ରୀ, ଅଭିଭାବକ ଏବଂ ସ୍କୁଲ ପରିଚାଳକ ଜୟଦେବ ପରିଡ଼ା ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ଆହୁରି ଆକର୍ଷଣୀୟ କରିଥିଲେ।

ମେଳାରେ ଛାତ୍ରଛାତ୍ରୀମାନେ ନିଜ ନିଜ ଘରୁ ବିଭିନ୍ନ ପ୍ରକାରର ସୁସ୍ୱାଦୁ ଓ ପୌଷ୍ଟିକ ଖାଦ୍ୟ ପ୍ରସ୍ତୁତ କରି ଆଣିଥିଲେ। କୁନି କୁନି ହାତରେ ପ୍ରସ୍ତୁତ ବିଭିନ୍ନ ପ୍ରକାରର ଖାଦ୍ୟ ମେଳାର ମୁଖ୍ୟ ଆକର୍ଷଣ ପାଲଟିଥିଲା। ଛାତ୍ରଛାତ୍ରୀମାନେ ନିଜ ନିଜ ଷ୍ଟଲ୍‌କୁ ସୁନ୍ଦର ଭାବେ ସଜାଇବା ସହ ଖାଦ୍ୟର ପୌଷ୍ଟିକ ଗୁଣ ଓ ବିଶେଷତ୍ୱ ସମ୍ପର୍କରେ ମଧ୍ୟ ସୂଚନା ପ୍ରଦାନ କରିଥିଲେ।

ଏହି ଅବସରରେଅଭିଭାବକମାନେ ମଧ୍ୟ ବହୁ ସଂଖ୍ୟାରେ ଯୋଗଦେଇ ପିଲାମାନଙ୍କ ଦ୍ୱାରା ପ୍ରସ୍ତୁତ ଖାଦ୍ୟର ସ୍ୱାଦ ନେବା ସହ ସେମାନଙ୍କ ପ୍ରତିଭାକୁ ଭୂୟସୀ ପ୍ରଶଂସା କରି ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀଙ୍କ ଆତ୍ମବିଶ୍ୱାସ, ସୃଜନଶୀଳତା ଓ ଦଳଗତ ମନୋଭାବ ବୃଦ୍ଧି କରିବାରେ ଏଭଳି କାର୍ଯ୍ୟକ୍ରମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଏହି ଖାଦ୍ୟ ମେଳା ମାଧ୍ୟମର ଛାତ୍ରଛାତ୍ରୀମାନଙ୍କ ଲୁଚିଥିବା ପ୍ରତିଭାକୁ ସାମ୍ନାକୁ ଆଣିବା ସହ ନିଜ ପ୍ରତିଭା ପ୍ରଦର୍ଶନ ପାଇଁ ଏକ ସୁନ୍ଦର ମଞ୍ଚ ମିଳିଥିଲା।

ସ୍କୁଲ ପରିଚାଳକ ଜୟଦେବ ପରିଡ଼ା କହିଥିଲେ ଯେ, ପାଠପଢ଼ା ସହିତ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶ ହିଁ ବିଦ୍ୟାଳୟର ମୁଖ୍ୟ ଲକ୍ଷ୍ୟ। ଏଥିପାଇଁ ସମୟ ସମୟରେ ଏଭଳି ଶିକ୍ଷଣୀୟ, ସୃଜନଶୀଳ ଓ ପ୍ରେରଣାଦାୟକ କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି। ଆଗାମୀ ଦିନରେ ମଧ୍ୟ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସେ କହିଥିଲେ ।ଖାଦ୍ୟ ମେଳାକୁ ନେଇ ସମଗ୍ର ବିଦ୍ୟାଳୟ ପରିସର ଉତ୍ସବମୁଖର ହୋଇଉଠିଥିଲା। ଛାତ୍ରଛାତ୍ରୀ, ଅଭିଭାବକ ଓ ଶିକ୍ଷକ-ଶିକ୍ଷୟିତ୍ରୀମାନଙ୍କ ମଧ୍ୟରେ ଦେଖିବାକୁ ମିଳିଥିଲା ଆନନ୍ଦ ଓ ଉତ୍ସାହର ପରିବେଶ।

# ଯୁଗ୍ମ ଜନ ଶୁଣାଣି:୫୪ ଅଭିଯୋଗ ହସ୍ତଗତ




**କଟକ, ନ୍ୟୁଜ୍ ବ୍ୟୁରୋ**

କିଶନନଗର ତହସିଲ କାର୍ଯ୍ୟାଳୟଠାରେ ଆଜି ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଓ ଜିଲ୍ଲା ମାଜିଷ୍ଟ୍ରେଟ, ଦତ୍ତାତ୍ରୟ ଭାଉସାହେବ ଶିନ୍ଦେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସମୁଦାୟ ୫୪ଟି ଅଭିଯୋଗ ହସ୍ତଗତ ହୋଇଥିଲା । ତନ୍ମଧ୍ୟରେ ୫୨ଟି ବ୍ୟକ୍ତିଗତ ଅଭିଯୋଗ ଏବଂ ୦୨ ଗୋଟି ସାମୁହିକ ଅଭିଯୋଗ ରହିଥିଲା। ଅଭିଯୋଗ ଶୁଣାଣି ଶିବିରରେ ୦୫ଟି ଅଭିଯୋଗର ତ୍ୱରିତ ସମାଧାନ ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି ଅଭିଯୋଗ ଶୁଣାଣି କାଳରେ ଅତିରିକ୍ତ ଜିଲ୍ଲାପାଳ କମଳଜିତ୍ ଦାସ, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ, ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ପ୍ରଦୀପ କୁମାର ସାହୁ,କଟକ ସଦର ଉପଜିଲ୍ଲାପାଳ, ଦିବ୍ୟଜ୍ୟୋତି ସ୍ମୃତି ରଞ୍ଜନ ଦେଓଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ । ସ୍ଥାନୀୟ ଲୋକମାନଙ୍କର ଉପସ୍ଥିତିରେ ପାନୀୟ ଜଳ, ବାର୍ଦ୍ଧକ୍ୟ ଭତ୍ତା, ଭିନ୍ନକ୍ଷମ ଭତ୍ତା, ସ୍ୱାସ୍ଥ୍ୟ, ଶିକ୍ଷା, କୃଷି, ପ୍ରାଣୀ ସମ୍ପଦ ଆଦି ସମ୍ପର୍କିତ ବିଭିନ୍ନ ପଞ୍ଜିକୃତ ଅଭିଯୋଗର ଶୁଣାଣି ପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ବିଭିନ୍ନ ଅଧିକାରୀ ଓ ଯନ୍ତ୍ରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଏଠାରେ ସୂଚନାଯୋଗ୍ୟ ଆସନ୍ତା ୩ତାରିଖରେ ଡମପଡା ବ୍ଲକ କାର୍ଯ୍ୟାଳୟଠାରେ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ।

# ଏଣିକି ଜେଲ୍‌ରେ ନିଶା କାରବାର ରୋକିବ ଏଆଇ

**ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ**

ଏଣିକି ଏଆଇ ନଜରରେ ରହିବ ପ୍ରମୁଖ କାରାଗାର। ଜେଲ୍‌ରେ କଏଦୀଙ୍କ ଗତିବିଧି ଓ କାର୍ଯ୍ୟକଳାପ ଉପରେ ତୀକ୍ଷ୍ଣ ନଜର ରଖିବା ସହ ନିଶାକାରବାର, କଏଦୀ ଚମ୍ପଟ ଉଦ୍ୟମ ସହଜ ହେବ ନାହିଁ। ଏଆଇ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଅଧିକାରୀଙ୍କ ନିକଟକୁ ତୁରନ୍ତ ଆଲର୍ଟ ମେସେଜ୍ କରିବ। ଏନେଇ ଆଜି ଝାରପଡ଼ା ଜେଲ୍‌ରେ ଏଆଇ କ୍ୟାମେରାର ବାସ୍ତବ ପ୍ରୟୋଗ ପରୀକ୍ଷଣ କରାଯାଇଛି। ଦିନକୁ ଦିନ ରାଜ୍ୟର କାରାଗାରଗୁଡ଼ିକରେ ନିଶାକାରବାର ବଢ଼ିବା, କଏଦୀ ଚମ୍ପଟ ଓ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ବଢ଼ିବା, ବିଭିନ୍ନ ସମୟରେ ଅପରାଧୀଙ୍କ ସହ ଜେଲ୍ କର୍ମଚାରୀଙ୍କ ସମ୍ପୃକ୍ତି କଥା ପଦାକୁ ଆସିବା ପରେ ଜେଲ୍ ବିକାଶ ବୋର୍ଡ ଏହାକୁ ଗୁରୁତର ସହ ନେଇ ଏଆଇ କ୍ୟାମେରାର ପ୍ରୟୋଗ ଓ ପରୀକ୍ଷଣ କରାଯାଇଛି। ବାସ୍ତବରେ ଏଆଇ କ୍ୟାମେରାରୁ କେତେ ସଫଳତା ମିଳୁଛି, ଏଥିପାଇଁ ଆଜି ଝାରପଡ଼ା ଜେଲ୍‌ରେ ଏହାର ପରୀକ୍ଷଣ କରାଯାଇଛି। ଟେଣ୍ଡର ପାଇଁ ଆବେଦନ କରିଥିବା ୨ଟି ସଂସ୍ଥା ଏକାଧିକ କ୍ୟାମେରା ଆଣି ପରୀକ୍ଷଣ କରିଥିଲେ। ଜେଲ୍ ଡିଜି ସୁଶାନ୍ତ ନାଥ ଓ ବରିଷ୍ଠ କର୍ମଚାରୀମାନେ ମଧ୍ୟ ଉପସ୍ଥିତ ରହି ଏଆଇର ଯାଞ୍ଚ କରିଥିଲେ।

ଜେଲ୍‌ରେ ଅପରାଧିକ କାର୍ଯ୍ୟକଳାପ ରୋକିବା ସହ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବାକୁ ଅଣ୍ଟା ଭିଡ଼ିଛି ଜେଲ୍ ବିକାଶ ବୋର୍ଡ। ଏଥିପାଇଁ ରାଜ୍ୟର ୨୦ଟି ଜେଲ୍‌ରେ ଏଆଇ ଆଧାରିତ ସିସିଟିଭି ଖଞ୍ଜାଯିବା ସହ ଭିଡିଓ ଆନାଲିଟିକ୍ସ ବ୍ୟବସ୍ଥା ରଖାଯାଇଛି। ଯଦି କେହି ପାଚେରି ଡେଇଁବା ପାଇଁ ଉଦ୍ୟମ କରେ, ପାଚେରି ବାହାରୁ କୌଣସି ଜିନିଷ ଭିତରକୁ ଫୋପାଡ଼ିଲେ କିମ୍ବା ଭିତରୁ କୌଣସି ଜିନିଷ ବାହାରକୁ ଫୋପଡ଼ାଗଲେ, ୱାର୍ଡରେ ଗଣ୍ଡଗୋଳ ବା କୌଣସି ସନ୍ଦେହଜନକ କାର୍ଯ୍ୟକଳାପ ଘଟିଲେ ତୁରନ୍ତ ଏଆଇ କ୍ୟାମେରା ଏହାକୁ ଚିହ୍ନଟ କରି ଆଲାର୍ମ ମାଧ୍ୟମରେ ସୂଚନା ଦେବ। ପରୀକ୍ଷଣ ବେଳେ ଜେଲ୍ କର୍ମଚାରୀ ପାଚେରୀ ବାହାରୁ ଭିରତକୁ ଜିନିଷ ଫୋପାଡୁଥିବା ବେଳେ ଏଆଇ କ୍ୟାମେରା ସେମାନଙ୍କ ଉପରେ ନଜର ରଖିଥିଲା। ଆଉ ପ୍ରତିଟି ଗତିବିଧି ଉପରେ ନଜର ରଖି ଜେଲ୍ କଣ୍ଟ୍ରୋଲ୍ ରୁମ୍‌କୁ ତଥ୍ୟ ଦେଇଥିଲା। ଏହାର ସଫଳ ପରୀକ୍ଷଣ ପରେ ରାଜ୍ୟର ଆଉ ୫ଟି ଜେଲ୍‌ରେ ଏଆଇ କ୍ୟାମେରା ବ୍ୟବହାର




କରିବାକୁ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ଗତ ୨୧ ତାରିଖରେ ଜେଲ୍ ବିକାଶ ବୋର୍ଡର ଚତୁର୍ଥ ବୈଠକରେ କାରାଗାର ସୁରକ୍ଷା ବ୍ୟବସ୍ଥା, ବନ୍ଦୀଙ୍କ କଲ୍ୟାଣ ଓ ଭିତ୍ତିଭୂମି ବିକାଶ ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗରେ ସମୀକ୍ଷା କରାଯାଇଥିଲା। ଯେଉଁଥିରେ କଏଦୀଙ୍କ ଚମ୍ପଟ ରୋକିବା ପାଇଁ ଏଆଇ କ୍ୟାମେରା, ଆଧୁନିକ ସୁରକ୍ଷା ଉପକରଣ ଖଞ୍ଜାଯିବା ଏବଂ ପାଚେରି ଉଚ୍ଚତା ବୃଦ୍ଧି ଉପରେ ଗୁରୁତ୍ୱ ଦିଆଯାଇଥିଲା।

# କେନ୍ଦୁଝର ଜିଲ୍ଲା ତୈଳିକବୈଶ୍ୟ ସମାଜର ୧୪ତମ ସାଧାରଣ ବୈଠକ


**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ରବିବାର ଦିନ ତୈଳିକବୈଶ୍ୟ ସମାଜ କଲ୍ୟାଣମଣ୍ଡପ ରେ ସମାଜର ୧୪ତମ ବାର୍ଷିକ ସାଧାରଣ ପରିଷଦ ବୈଠକ ସମ୍ପନ୍ନ ହୋଇଯାଇଛି, ଦେବ ବନ୍ଦନା ପରେ ଗତ ଚାରିବର୍ଷ ମଧ୍ୟରେ ଦିବଂଗତ ହୋଇଥିବା ସଦସ୍ୟ ମାନଙ୍କ ଅମରତ୍ମା ର ସଦଗତି ନିମନ୍ତେ ନିରବ ପ୍ରାର୍ଥନା କରାଯାଇ ସଭାପତି ଡ଼ଃ ଜଗଦୀଶ ପ୍ରସାଦ ସାହୁ ଙ୍କ ଅଧ୍ୟକ୍ଷତା ରେ ବୈଠକ ଆରମ୍ଭ ହୋଇଥିଲା, ସମ୍ପାଦକ ପ୍ରଭାକର ବେହେରା ସଂଗଠନ ର କାର୍ଯ୍ୟକ୍ରମ ଓ ପ୍ରଗତି ସମ୍ପର୍କ ରେ ବିବରଣୀ ପ୍ରଦାନ କରିଥିଲେ, କୋଷାଧକ୍ଷ ମାୟାଧର ସାହୁ ବିଗତ ବର୍ଷ ର ଆୟ ବ୍ୟୟ ବିବରଣୀ ଉପସ୍ଥାପନ କରିଥିଲେ, ସମାଜର ୧୨ଜଣ ବୟୋଜ୍ୟେଷ୍ଠ ସଦସ୍ୟ ଙ୍କ ଉତ୍ତମ ସ୍ୱାସ୍ଥ୍ୟ କାମନା କରାଯିବା ସହିତ ଉତ୍ତରୀୟ ମାନପତ୍ର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା, କାର୍ଯ୍ୟକ୍ରମ କୁ ଅମରବର ଖଟୁଆଓ ଭରତ ସାହୁ ପରିଚାଳନା କରିଥିଲେ, ନିର୍ବାଚନ ଅଧିକାରୀ ସନ୍ଦୀପ କୁମାର ବେହେରା ନିର୍ବାଚନ କାର୍ଯ୍ୟ ପରିଚାଳନା କରି ନୂତନ ପରିଷଦ ର ନିର୍ବାଚିତ ପ୍ରତିନିଧି ଙ୍କ ନାମ ଘୋଷଣା କରିଥିଲେ, ବସନ୍ତ କୁମାର ସାହୁ ସଭାପତି, ବିଜୟ କୁମାର ବେହେରା, ଭରତଚନ୍ଦ୍ର ସାହୁ, ସୁଶୀଲ କୁମାର ସାହୁ ଉପସଭାପତି, ମାୟାଧର ସାହୁ ସମ୍ପାଦକ, ପଦ୍ମଲୋଚନ ସାହୁ, ନାରାୟଣ ସାହୁ, ଭାଗିରଥି ସାହୁ, ସହ ସମ୍ପାଦକ, ପ୍ରଭାକର ବେହେରା କୋଷାଧ୍ୟକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି, ଶେଷରେ ମାୟାଧର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ସମ୍ପାଦକୀୟ
31 YEARS
ସମ୍ବାଦ କଳିକା

# ଟାରିଫ୍ ଟ୍ରାଜେଡ଼ି, ଶଙ୍କାରେ ଭାରତୀୟ

ଡୋନାଲ୍ଡ ଟ୍ରମ୍ପଙ୍କ ମୁଡ କେତେବେଳେ କ'ଣ ହେବ କେହି ଆକଳନ କରିପାରିବେନି । ଇରାନ୍ ସହ ଯୁଦ୍ଧ ଚାଲିଛି, ଏପଟେ ଗେମ୍ ଖେଳୁଛନ୍ତି ଟ୍ରମ୍ପ। ବିଭିନ୍ନ ଦେଶକୁ ଟାରିଫ୍ ଝଟକା ଦେଇ ମଜା ନେଉଛନ୍ତି। ଟ୍ରମ୍ପ ଏବେ ଯେଉଁ ଟାରିଫ୍ ଲଗାଇବାକୁ ଯାଉଛନ୍ତି ତାହାର ସିଧାସଳଖ ପ୍ରଭାବ ଭାରତ ଉପରେ ପଡିପାରେ। ଆମେରିକା ସିନେଟ୍ ରୁଷ୍ ସହ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରତିବନ୍ଧକ ବିଲ୍ ପାସ୍ କରିଛି। ଏହାର ଅର୍ଥ ହେଉଛି ଏହି ବିଲ୍ ଏବେ ସେନେଟରେ ବିତର୍କ ପାଇଁ ଆଗକୁ ବଢିଛି। ଏହି ନିଷ୍ପତ୍ତି ଭାରତର ଚିନ୍ତାକୁ ବଢାଇଛି । କାରଣ ଏହି ବିଲ୍ ପାସ୍ ହେଲେ ଭାରତ ଉପରେ ୧୦୦ ପ୍ରତିଶତ ପର୍ଯ୍ୟନ୍ତ ଭାରୀ ଶୁଳ୍କ ଲାଗୁ ହେବାର ଆଶଙ୍କା ରହିଛି । ଭାରତ-ଆମେରିକା ଟ୍ରେଡ୍ ଡିଲ୍ ହୋଇନଥିବା ବେଳେ ଏହି ବିଲ୍ ଦୁଇ ଦେଶ ମଧ୍ୟରେ ପୁଣି ସମ୍ପର୍କ ଖରାପ କରିପାରେ । ଦିଂବଗତ ସେନେଟର ଲିଣ୍ଡସେ ଗ୍ରାହାମଙ୍କ ଦ୍ୱରା ହୋଇଥିବା ଏହି ବଡ଼ କଟକଣା ଆଇନ୍ ମଙ୍ଗଳବାର ୟୁକ୍ରେନୀୟ ରାଷ୍ଟ୍ରପତି ଜେଲେନସ୍କି ଗସ୍ତରେ ଥିବା ସମୟରେ ଉପସ୍ଥାପିତ ହୋଇଥିଲା। ଏହି ବିଲର ଲକ୍ଷ୍ୟ ହେଉଛି ୟୁକ୍ରେନ୍ ଆକ୍ରମଣ ପାଇଁ ରୁଷ ଉପରେ ଆର୍ଥିକ ଚାପ ବୃଦ୍ଧି କରିବା । ଚୀନ ପରେ ଭାରତ ହେଉଛି ରୁଷରୁ ଅଶୋଧିତ ତୈଳର ଦ୍ୱିତୀୟ ସର୍ବବୃହତ କ୍ରେତା । ବିଲକୁ ଆଗକୁ ବଢାଇବା ପାଇଁ ହୋଇଥିବା ଭୋଟ୍ ସପକ୍ଷରେ ୮୬ ଏବଂ ବିପକ୍ଷରେ ୧୨ ଭୋଟ୍ ହୋଇଥିଲା । ଏହି ବିଲ୍ ରୁଷ୍ ଅଧିକାରୀମାନଙ୍କ ଉପରେ କଟକଣା ଲଗାଇବା ଏବଂ ରୁଷ୍ ଶକ୍ତି ଉପରେ ନିର୍ଭରଶୀଳତା ହ୍ରାସ୍ କରିବା ପାଇଁ ଭାରତ, ଚୀନ, ସ୍ଲୋଭାକିଆ, ହେଙ୍ଗେରୀ ଏବଂ ଆଜରବୈଜାନ ଉପରେ ଭାରୀ ଶୁଳ୍କ ଲଗାଇବାକୁ ଅନୁମତି ଦେବାର ଲକ୍ଷ୍ୟ ରଖିଛି । କେବେ ଆଇନ ପ୍ରଣୟନ ହେବ ? ଏହି ବିଲ୍ ଆମେରିକା ସିନେଟ୍‌ରେ ଆଗକୁ ବଢୁଛି । କିନ୍ତୁ ଏ ପର୍ଯ୍ୟନ୍ତ ପୂର୍ଣ୍ଣ ଆଇନ୍ ହୋଇନାହିଁ । ଏହା କେବଳ ପ୍ରଥମ ପଦକ୍ଷେପ ଥିଲା । ବିଲକୁ ବିତର୍କ ଏବଂ ଚୂଡାନ୍ତ ଭୋଟ୍ ପାଇଁ ଅନୁମତି ମଗାଯାଇଛି । ତଥାପି ସେନେଟରେ ୬୦ରୁ ଅଧିକ ବିଲକୁ ସହ-ପ୍ରାୟୋଜିତ କରିବା ସହିତ ଏହା ପାରିତ ହେବାର ସମ୍ଭାବନା ଅଧିକ । ଏହା ପରେ ବିଲକୁ ଆମେରିକା ପ୍ରତିନିଧି ସଭାକୁ ପଠାଯିବ । ଗୃହ ବର୍ତ୍ତମାନ ବିରାମରେ ଅଛି । ପ୍ରକ୍ରିୟା ହେବାକୁ ବିଳମ୍ବ ହୋଇପାରେ। ରାଷ୍ଟ୍ରପତିଙ୍କ ସ୍ୱାକ୍ଷର ପରେ, ଏହା ଆଇନରେ ପରିଣତ ହେବ । ୩୦ ଦିନ ମଧ୍ୟରେ ରୁଷ୍ ଉପରେ ଅନେକ ବାଧ୍ୟତାମୂଳକ କଟକଣା ଲାଗୁ କରାଯିବ । ରାଷ୍ଟ୍ରପତିଙ୍କ ନିର୍ଦ୍ଦିଷ୍ଟ ଦେଶ କିମ୍ବା ପରିସ୍ଥିତି ପାଇଁ ଛାଡ ସହିତ ଶୁଳ୍କ (୧୦୦ ପ୍ରତିଶତ) ପର୍ଯ୍ୟନ୍ତ ଲାଗୁ କରିବା ବିଷୟରେ ନିଷ୍ପତ୍ତି ନେବେ। ଏହି ପ୍ରତିବନ୍ଧକ ବିଲ୍ ଏପରି ଏକ ସମୟରେ ଆସିଛି ଯେତେବେଳେ ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁଁ ଭାରତର ରୁଷ ଶକ୍ତି ଉପରେ ନିର୍ଭରଶୀଳତା ବୃଦ୍ଧି ପାଇଛି । ଏହି ଯୁଦ୍ଧ ହର୍ମୁଜ ପ୍ରଣାଳୀ ଦେଇ ପରିବହନ ବାଧାପ୍ରାପ୍ତ କରିଛି । ଇରାନ୍- ଆମେରିକା ଯୁଦ୍ଧ ଉପସାଗରୀୟ ଅଞ୍ଚଳରୁ ଅଶୋଧିତ ତୈଳ ଯୋଗାଁକୁ ବାଧାପ୍ରାପ୍ତ କରିଛି । ଯାହା ପୂର୍ବରୁ ଭାରତର ମୋଟ୍ ତୈଳ ଆମଦାନୀର ପ୍ରାୟ ୪୦ ପ୍ରତିଶତ ଥିଲା। ଏହି ରିଫାଇନାରୀଗୁଡିକୁ ଏକ ପ୍ରାଥମିକ ବିକଳ୍ପ ଉତ୍ସ ଭାବରେ ରୁଷୀୟ ଅଶୋଧିତ ତୈଳ ଆଡକୁ ମୁହାଁଇବାକୁ ବାଧ୍ୟ କରିଛି । ଏପ୍ରିଲ୍ ୨୦୨୫ରେ ଆଗତ ହୋଇଥିବା ଏହି ବିଲକୁ ଆମେରିକା ଏବଂ ଭାରତ ମଧ୍ୟରେ ବାଣିଜ୍ୟ ଉତ୍ତେଜନା ମଧ୍ୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଗ୍ରୀନ୍ ସିଗନାଲ ଦେଇଥିବାରୁ ଗ୍ରାହାମ ଚଳିତ ବର୍ଷ ଆରମ୍ଭରେ ଘୋଷଣା କରିଥିଲେ । ଭାରତ ଉପରେ ପୂର୍ବରୁ ୧୦ ପ୍ରତିଶତ ଶୁଳ୍କ ଲାଗୁ ହୋଇ ସାରିଛି । ସାମଗ୍ରୀ ଉତ୍ପାଦନରେ ଶ୍ରମିକ ବ୍ୟବହାରକୁ ରୋକିବାକୁ ପ୍ରୟାସ ସ୍ୱରୂପ ଆମେରିକା ଭାରତ ଏବଂ ଅନ୍ୟ ୧୬ଟି ଦେଶରୁ ଆମଦାନୀ ସାମଗ୍ରୀ ଉପରେ ୧୦ ପ୍ରତିଶତ ଟାରିଫ୍ ଲାଗୁ କରିଛି । ଏହି ବିଲ୍ ପାସ୍ ହେବା ଦ୍ୱାରା ଶୁଳ୍କ ଆହୁରି ବଢିପାରେ ।



## ନିଶାପ

### (ନିରପେକ୍ଷ ଶାସନ ପଦ୍ଧତି)

### ସଦ୍‌ଗୁରୁ ଶ୍ରୀ ଶ୍ରୀ ଶ୍ରୀ ଅଭିରାମ ସରସ୍ୱତୀ

### ମୁଁ କହୁଛି

ଶ୍ରଦ୍ଧେୟ ଭକ୍ତବୃନ୍ଦ ସମସ୍ତେ କହନ୍ତି ମୁଁ କହୁଛି, ମୁଁ କହୁଛି ଆରେ ମୁଁ କିଏ ? ତୁମେ ଚିହ୍ନିଲଣି, ମୁଁ କହିବା ପୂର୍ବରୁ ଥରୁଟିଏ ଚିନ୍ତା କରିଛି କି । ମୁଁ କଣ କହୁଛି । ତେଣୁ ହେ ଭକ୍ତ , ହେ ଶିଷ୍ୟ, ଏହି ମୁଁ ହିଁ ତୁମର ସର୍ବନାଶର କାରଣ ହୋଇଥାଏ । ଯେତେବେଳେ ମୁଁ ମୁଁ ହୋଇ ଅନ୍ୟକୁ କହୁଥାଅ ସେତେବେଳେ ମୁଁ ହିଁ ତୁମର ଅଂହକାର ହୋଇ ତୁମରି ସର୍ବନାଶର କାରଣ ହୋଇଥାଏ । ତେଣୁ ଏହି ମୁଁର ଅର୍ଥ ହେଉଛି ମ-ମହେଶ୍ୱର-ଅନନ୍ତ, ଅଚ୍ୟୁତ ଅବ୍ୟକ୍ତ,ଉକାର-ଚତୁର୍ମୁଖ ବ୍ରହ୍ମା, ଅର୍ଦ୍ଧ ମାତା-ଆଦିଶକ୍ତି ବିନ୍ଦୁ ହେଲା ନିରାକାର ତେଣୁ ଏହି ମୁଁ ହିଁ ଈଶ୍ୱର, ତେଣୁ ହେ ଭକ୍ତ ଏହି ମୁଁ କାରକୁ ତୁମେ ଈଶ୍ୱରଙ୍କୁ ଦେଇ ଦିଅ । ତୁ କୁ ଆବିଷ୍କାର କର ତୁମ ଭିତରୁ ତାହେଲେ ତୁମେ ଈଶ୍ୱରଙ୍କ ପଥ ନିଶ୍ଚୟ ପାଇପାରିବ ତୁମର କଠିନତା ରୂପକ ଗର୍ବ ଅହଂକାର ତରଳି ଯାଇ ସରଳିକରଣ ହୋଇଯିବ । ଏହାହିଁ ଜୀବର ନିର୍ଯ୍ୟାସା ଭକ୍ତର ନିର୍ଯ୍ୟାସ, ଶିଷ୍ୟର ନିର୍ଯ୍ୟାସ ତେଣୁ ସରଳତାର ମାର୍ଗକୁ ଅନୁସରଣ କରି କର୍ତ୍ତବ୍ୟ ପଥରେ ଆଗେଇ ଚାଲ ନିଶ୍ଚୟ ସଫଳତାର ଶୀର୍ଷରେ ପହଞ୍ଚିପାରିବ କାରଣ ଈଶ୍ୱର ତୁମର ଗୋଲାମ ନୁହଁନ୍ତି । ତୁମର ପ୍ରତ୍ୟେକ କଥାକୁ ସେ ପୁରଣ କରିଦେବେ । ତା ଅର୍ଥ ହେଉଛି ତୁମେ ଈଶ୍ୱରଙ୍କୁ ହୁକୁମ କରୁଛ ମୋତେ ଏଇଟା ଦିଅ ସେଇଟା ଦିଅ, ମୋର ଏ କାର୍ଯ୍ୟ କରିଦିଅ । ଏସବୁ ଅହଂକାରକ କାର୍ଯ୍ୟକଳାପ ହୋଇଥାଏ। ଯଦି ମୁଁ କୁ ଛାଡି ତୁମେ ତାଙ୍କର ହୋଇଯିବ ଏ ସୃଷ୍ଟି ତ ତୁମର ହୋଇଯିବ । ଦୁର୍ଯ୍ୟୋଧନ ଶ୍ରୀକୃଷ୍ଣକୁ ମାଗିଲା ପରି ନାରାୟଣୀ ସେନା, ଆଉ ଅର୍ଜୁନ ମାଗିଲେ ନାରାୟଣ, ଏଇଥିରୁ ଭକ୍ତ ବୁଝିଯିବ ଏଥର ବୁଝିଲୁତ ? ମୁଁ ମୁଁ ନହୋଇ ଈଶ୍ୱରଙ୍କ କର୍ମ କରିଯାଆ ହରି ଓଁ ।

# ନୂତନ ଗୃହ ନିର୍ମାଣରେ ଶିଳ୍ପବାସ୍ତୁ ଓ ଗୃହବାସ୍ତୁ



ଡକ୍ଟର ଅମୂଲ୍ୟ କୁମାର ପଣ୍ଡା
ଅରଙ୍ଗାବାଦ, ବରୀ, ଯାଜପୁର
ମୋ - ୮୨୪୯୫୦୨୭୭୬

ଭାରତୀୟ ସଂସ୍କୃତିରେ ଗୃହ କେବଳ ବାସସ୍ଥାନ ନୁହେଁ ବରଂ ଏହା ପରିବାର, ଧର୍ମ, ସଂସ୍କୃତି ଓ ଜୀବନମୂଲ୍ୟର କେନ୍ଦ୍ରବିନ୍ଦୁ। ପ୍ରାଚୀନ ଭାରତୀୟ ଋଷିମାନେ ପ୍ରକୃତି ସହ ମଣିଷର ସମନ୍ୱୟକୁ ଗୁରୁତ୍ୱ ଦେଇ ବାସ୍ତୁଶାସ୍ତ୍ରର ବିକାଶ କରିଥିଲେ। ବାସ୍ତୁଶାସ୍ତ୍ରର ମୂଳ ଉଦ୍ଦେଶ୍ୟ ହେଉଛି ପ୍ରାକୃତିକ ଶକ୍ତି, ସୂର୍ଯ୍ୟାଲୋକ, ବାୟୁ, ଜଳ ଓ ପୃଥିବୀର ସନ୍ତୁଳିତ ବ୍ୟବହାର ମାଧ୍ୟମରେ ଏକ ସୁସ୍ଥ, ସୁରକ୍ଷିତ ଓ ସୁଖମୟ ଜୀବନ ଗଠନ କରିବା। 'ବାସ୍ତୁ' ଶବ୍ଦଟି ସଂସ୍କୃତ 'ବସ୍' ଧାତୁରୁ ଉତ୍ପନ୍ନ, ଯାହାର ଅର୍ଥ 'ବାସ କରିବା'। ଏହି ଶାସ୍ତ୍ରରେ ଗୃହ ନିର୍ମାଣ, ନଗର ଯୋଜନା, ମନ୍ଦିର, ରାଜପ୍ରାସାଦ ଓ ସାର୍ବଜନୀନ ନିର୍ମାଣ ସମ୍ପର୍କରେ ବିସ୍ତୃତ ବର୍ଣ୍ଣନା ମିଳେ। ଭାରତୀୟ ସଂସ୍କୃତିରେ ଘର କେବଳ ଇଟା, ବାଲି, ସିମେଣ୍ଟ ଓ ଲୁହାର ସମନ୍ୱୟ ନୁହେଁ, ବରଂ ଏହା ହେଉଛି ପରିବାରର ସୁଖ, ଶାନ୍ତି, ସମୃଦ୍ଧି ଓ ଆଧ୍ୟାତ୍ମିକ ଜୀବନର କେନ୍ଦ୍ରବିନ୍ଦୁ। ପ୍ରାଚୀନ ଭାରତର ଋଷିମୁନିମାନେ ମଣିଷର ବାସସ୍ଥାନକୁ ପ୍ରକୃତି ସହ ସମନ୍ୱୟ କରିବା ପାଇଁ ଶିଳ୍ପବାସ୍ତୁ ଓ ଗୃହବାସ୍ତୁ ଶାସ୍ତ୍ରର ବିକାଶ କରିଥିଲେ। ବାସ୍ତୁଶାସ୍ତ୍ରର ମୂଳ ଉଦ୍ଦେଶ୍ୟ ହେଉଛି ପଞ୍ଚମହାଭୂତ ଯଥା- ପୃଥିବୀ, ଜଳ, ଅଗ୍ନି, ବାୟୁ ଓ ଆକାଶ ମଧ୍ୟରେ ସନ୍ତୁଳନ ସୃଷ୍ଟି କରି ମଣିଷର ଜୀବନକୁ ସୁସ୍ଥ, ସୁଖମୟ ଓ ସମୃଦ୍ଧ କରିବା। ନୂତନ ଗୃହ ନିର୍ମାଣ ସମୟରେ ଶିଳ୍ପବାସ୍ତୁ ଓ ଗୃହବାସ୍ତୁର ନିୟମ ପାଳନ କଲେ ଘରର ସୌନ୍ଦର୍ଯ୍ୟ, ସ୍ଥାୟୀତ୍ୱ, ବାୟୁ ଚଳାଚଳ, ସୂର୍ଯ୍ୟକିରଣର ପ୍ରବେଶ ଓ ପରିବାରର ସାମଗ୍ରିକ କଲ୍ୟାଣ ବୃଦ୍ଧି ପାଏ ବୋଲି ପାରମ୍ପରିକ ଭାବେ ବିଶ୍ୱାସ କରାଯାଏ।

ଶିଳ୍ପବାସ୍ତୁ ହେଉଛି ସ୍ଥାପତ୍ୟ କଳା ଓ ନିର୍ମାଣ ବିଜ୍ଞାନର ପ୍ରାଚୀନ ରୂପ। ଏହାରେ ଜମି ଚୟନ, ମାପଯୋଖ, ଭୂମି ପରୀକ୍ଷା, ଗୃହର ଆକୃତି, ଦିଗ ନିର୍ଣ୍ଣୟ, ସ୍ତମ୍ଭ, ଦ୍ୱାର, ଜାନଲା, ଛାତ, ସିଡ଼ି ଓ ଅନ୍ୟାନ୍ୟ ନିର୍ମାଣ ନିୟମ ବର୍ଣ୍ଣିତ ହୋଇଛି। ଶିଳ୍ପବାସ୍ତୁ ଅନୁଯାୟୀ ଗୃହ ନିର୍ମାଣ କଲେ ଘର ଦୀର୍ଘସ୍ଥାୟୀ, ସୁନ୍ଦର ଓ ବ୍ୟବହାରଯୋଗ୍ୟ ହୁଏ। ଗୃହବାସ୍ତୁ ହେଉଛି ଘରର ଭିତରର ବିଭିନ୍ନ କକ୍ଷ, ପୂଜାଘର, ରୋଷେଇଘର, ଶୋଇବା ଘର, ପାଣି ବ୍ୟବସ୍ଥା, ଶୌଚାଳୟ, ସିଡ଼ି, ଦ୍ୱାର ଓ ଜାନଲାର ଉପଯୁକ୍ତ ସ୍ଥାନ ନିର୍ଦ୍ଧାରଣର ବିଦ୍ୟା। ଏହାର ମୂଳ ଉଦ୍ଦେଶ୍ୟ ହେଉଛି ଘରକୁ ସ୍ୱାସ୍ଥ୍ୟକର, ଆଲୋକପୂର୍ଣ୍ଣ, ବାୟୁପୂର୍ଣ୍ଣ ଓ ସୁବିଧାଜନକ କରିବା। ବାସ୍ତୁରେ ପଞ୍ଚମହାଭୂତର ମହତ୍ତ୍ୱ ଅନେକ । ବାସ୍ତୁଶାସ୍ତ୍ର ପଞ୍ଚମହାଭୂତ ଉପରେ ଆଧାରିତ। ପୃଥିବୀ - ସ୍ଥିରତା ଓ ଶକ୍ତିର ପ୍ରତୀକ। ଜଳ - ସମୃଦ୍ଧି ଓ ଜୀବନର ପ୍ରତୀକ। ଅଗ୍ନି - ଶକ୍ତି ଓ ସ୍ୱାସ୍ଥ୍ୟର ପ୍ରତୀକ। ବାୟୁ - ପ୍ରାଣଶକ୍ତି ଓ ଗତିର ପ୍ରତୀକ। ଆକାଶ - ବିସ୍ତାର, ଚିନ୍ତନ ଓ ଆଧ୍ୟାତ୍ମିକତାର ପ୍ରତୀକ। ଶିଳ୍ପବାସ୍ତୁ ହେଉଛି ସ୍ଥାପତ୍ୟ ବିଜ୍ଞାନର ସେହି ଅଂଶ, ଯେଉଁଥିରେ ଭୂମି ଚୟନ, ଶୁଭ ଭାଗମାପ ଗଜବନ୍ଧ , ଭବନର ଗଠନ, ସ୍ତମ୍ଭ, ଛାତ, ଦ୍ୱାର, ଝରକା, ମଣ୍ଡପ ଓ ସମଗ୍ର ନିର୍ମାଣ ବ୍ୟବସ୍ଥା ଇତ୍ୟାଦି ଇତ୍ୟାଦି। ଗୃହବାସ୍ତୁ ହେଉଛି ଘରର ଭିତର ଯୋଜନା ତଥା ପୂଜାଘର, ଶୋଇବା ଘର, ରୋଷେଇ ଘର, ଶୌଚାଳୟ, ଜଳ ବ୍ୟବସ୍ଥା, ସିଡ଼ି, ଅତିଥି କକ୍ଷ, ଅଧ୍ୟୟନ କକ୍ଷ ଇତ୍ୟାଦିର ସଠିକ୍ ସ୍ଥାନ ନିର୍ଦ୍ଧାରଣ। ଗୃହ ନିର୍ମାଣ ପୂର୍ବରୁ ଭୂମିର ଚୟନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ତହିଁରୁ ସମତଳ ଭୂମି ଉତ୍ତମ। ଉତ୍ତର ଓ ପୂର୍ବ ଦିଗ ନିମ୍ନ ଏବଂ ଦକ୍ଷିଣ ଓ ପଶ୍ଚିମ ଦିଗ ସାମାନ୍ୟ ଉଚ୍ଚ ହେବା ଶୁଭ ବୋଲି ପାରମ୍ପରିକ ମତ। ଦୁର୍ଗନ୍ଧ, ଆବର୍ଜନା କିମ୍ବା ଜଳଜମା ଥିବା ସ୍ଥାନରେ ଘର କରିବା ଉଚିତ ନୁହେଁ। ଉର୍ବର ଓ ଦୃଢ଼ ମାଟିକୁ ଭଲ ମନାଯାଏ। ଭୂମି ଚୟନରେ ଦିଗର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ରହିଛି। ପୂର୍ବ ଦିଗ ହେଉଛି ସୂର୍ଯ୍ୟୋଦୟ, ଆଲୋକ ଓ ଶକ୍ତି କାରକ । ଉତ୍ତର ଦିଗ ହେଉଛି ସମୃଦ୍ଧି ଓ ଉନ୍ନତି କାରକ । ଦକ୍ଷିଣ ଦିଗ ହେଉଛି ସ୍ଥିରତାର କାରକ । ପଶ୍ଚିମ ଦିଗ ହେଉଛି ସନ୍ତୁଳନର କାରକ । ଈଶାନ କୋଣ ହେଉଛି ପୂଜା ଓ ଜଳ ତତ୍ତ୍ୱର କାରକ। ଅଗ୍ନିକୋଣ କୋଣ ହେଉଛି ରୋଷେଇ ଅଗ୍ନି ତତ୍ତ୍ୱର କାରକ । ନୈରୃତ୍ୟ କୋଣ ହେଉଛି ମାଷ୍ଟର ବେଡ୍‌ରୁମ ପୃଥିବୀ ତତ୍ତ୍ୱର କାରକ । ବାୟବ୍ୟ କୋଣ ହେଉଛି ଅତିଥି କକ୍ଷ କିମ୍ବା ବାୟୁ ଚଳାଚଳ ପାଇଁ ଉପଯୁକ୍ତ ତଥା ବାୟୁ କାରକ । ଘରର କେନ୍ଦ୍ର ହେଉଛି ବ୍ରହ୍ମସ୍ଥାନ ତଥା ଆକାଶ ତତ୍ତ୍ୱ କାରକ। ଘରର ମୁଖ୍ୟ ଦ୍ୱାର ତଥା ଘରର ମୁଖ୍ୟ ପ୍ରବେଶ ପଥ ସଠିକ ହେଲେ ଘରେ ବାସ୍ତୁଦୋଷ ରହେ ନାହିଁ ତେଣୁ ମୁଖ୍ୟଦ୍ୱାର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ । ବାସ୍ତୁ ଅନୁସାରେ ମୁଖ୍ୟଦ୍ୱାର ଦ୍ୱାର ସୁଦୃଢ଼ ଓ ପ୍ରଶସ୍ତ ହେବା ଉଚିତ। ପର୍ଯ୍ୟାପ୍ତ ଆଲୋକ ରହିବା ଦରକାର ଓ ଦ୍ୱାର ସାମ୍ନାରେ ଅବରୋଧ ନ ଥିବା ଭଲ। ପୂଜାଘର ପାଇଁ ଈଶାନ କୋଣକୁ (ଉତ୍ତର - ପୂର୍ବ) ପାରମ୍ପରିକ ଭାବେ ସର୍ବୋତ୍ତମ ବୋଲି ଧରାଯାଏ। ସ୍ଥାନଟି ସଫା, ଶାନ୍ତ ଓ ପ୍ରାକୃତିକ ଆଲୋକଯୁକ୍ତ ହେବା ଉଚିତ। ଅଗ୍ନିକୋଣ (ଦକ୍ଷିଣ-ପୂର୍ବ) ରୋଷେଇଘର ପାଇଁ ଉପଯୁକ୍ତ ବୋଲି ପାରମ୍ପରିକ ବାସ୍ତୁରେ ଉଲ୍ଲେଖ ଅଛି। ଧୂଆଁ ବାହାରିବା ଓ ବାୟୁ ଚଳାଚଳର ବ୍ୟବସ୍ଥା ଅତ୍ୟାବଶ୍ୟକ। ମାଷ୍ଟର ବେଡ୍‌ରୁମ ପାଇଁ ଦକ୍ଷିଣ-ପଶ୍ଚିମ ନୈରୃତ୍ୟ ଭାଗକୁ ଉପଯୁକ୍ତ ବୋଲି ମନାଯାଏ। ଶୋଇବା ସମୟରେ ମୁଣ୍ଡ ଦକ୍ଷିଣ କିମ୍ବା ପୂର୍ବ ଦିଗକୁ ରଖିବା ସ୍ୱାସ୍ଥ୍ୟ ପକ୍ଷେ ଶୁଭ । ପୂର୍ବ କିମ୍ବା ଉତ୍ତର ଦିଗରେ ପଢ଼ା ଘର ରଖିଲେ ପ୍ରାକୃତିକ ଆଲୋକ ଅଧିକ ମିଳେ। ପଢ଼ା ଟେବୁଲ ସୁସଂଗଠିତ ଓ ବାୟୁପୂର୍ଣ୍ଣ ସ୍ଥାନରେ ହେବା ଉଚିତ। ଆଧୁନିକ ନିର୍ମାଣରେ ଶୌଚାଳୟର ସଠିକ୍ ପ୍ଲମ୍ବିଂ, ଭେଣ୍ଟିଲେସନ ଓ ପରିଷ୍କାରତା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ବାସ୍ତୁରେ ମଧ୍ୟ ଏହାକୁ ବାସସ୍ଥାନର ପବିତ୍ର ସ୍ଥାନଠାରୁ ଅଲଗା ରଖିବାକୁ ପରାମର୍ଶ ଦିଆଯାଏ। ପାଣି ସଂରକ୍ଷଣ, ବର୍ଷାଜଳ ସଂଗ୍ରହ ଓ ପାନୀୟ ଜଳର ସୁରକ୍ଷା ଆଧୁନିକ ଗୃହର ଅବିଭାଜ୍ୟ ଅଂଶ। ପାରମ୍ପରିକ ବାସ୍ତୁରେ ଉତ୍ତର-ପୂର୍ବ ଐଶନ୍ୟ ଭାଗରେ ଜଳ ବ୍ୟବସ୍ଥାକୁ ଶୁଭ ବୋଲି କୁହାଯାଏ। ସିଡ଼ି ସୁରକ୍ଷିତ, ଯଥେଷ୍ଟ ପ୍ରଶସ୍ତ ଓ ଭଲ ଆଲୋକଯୁକ୍ତ ହେବା ଆବଶ୍ୟକ। ଦୈନନ୍ଦିନ ବ୍ୟବହାରରେ ସୁବିଧା ଓ ସୁରକ୍ଷାକୁ ପ୍ରାଥମିକତା ଦେବା ଉଚିତ। ଏକ ଭଲ ଘରର ପ୍ରମୁଖ ଲକ୍ଷଣ ହେଉଛି - ପ୍ରାକୃତିକ ଆଲୋକର ପ୍ରବେଶ, ପର୍ଯ୍ୟାପ୍ତ ବାୟୁ ଚଳାଚଳ, ଆର୍ଦ୍ରତା ନିୟନ୍ତ୍ରଣ, ଶକ୍ତି ସଞ୍ଚୟକାରୀ ଡିଜାଇନ୍।

ସେହିପରି ବାସ୍ତୁରେ ଭୂମି ପରୀକ୍ଷା ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଅଂଶ। ପ୍ରାଚୀନ ଶାସ୍ତ୍ରରେ ଭୂମି ପରୀକ୍ଷାକୁ ବହୁତ ଗୁରୁତ୍ୱ ଦିଆଯାଇଛି। ଯେପରି ମାଟିର ରଙ୍ଗ ଭିତରେ ହାଲୁକା ବାଦାମୀ ରଙ୍ଗ ମାଟି ଅତି ଉତ୍ତମ। କଳା ରଙ୍ଗର ମାଟି କୃଷି ପାଇଁ ଭଲ, ନିର୍ମାଣ ପୂର୍ବରୁ ଯାଞ୍ଚ ଆବଶ୍ୟକ। ଦୁର୍ଗନ୍ଧଯୁକ୍ତ ମାଟି ବାସସ୍ଥାନ ପାଇଁ ଅନୁପଯୁକ୍ତ। ସେହିପରି ମାଟିର ଗନ୍ଧ ମଧ୍ୟରେ ସୁଗନ୍ଧିତ ଓ ପରିଷ୍କାର ମାଟିକୁ ଶୁଭ ବୋଲି ବର୍ଣ୍ଣନା କରାଯାଇଛି। ବାସ୍ତୁ ଅନୁସାରେ ଜଳ ପରୀକ୍ଷା ମଧ୍ୟ ଏକ ପ୍ରମୁଖ ଭୂମିକା। ମାଟିର ଜଳ ନିଷ୍କାସନ କ୍ଷମତା ଭଲ ହେବା ଆବଶ୍ୟକ, ତେବେ ମାଟି ଟି ଭଲ ବୋଲି ଜାଣିବା । ବାସ୍ତୁଶାସ୍ତ୍ର ନିୟମ ଅନୁସାରେ ଆୟାଦି ଗଣନା ତଥା ଗୃହ ନିର୍ମାଣ ପୂର୍ବରୁ ପ୍ରାଚୀନ ବାସ୍ତୁଶାସ୍ତ୍ରରେ ଘରର ଦୈର୍ଘ୍ୟ, ପ୍ରସ୍ଥ ଓ ମାପ ନିର୍ଦ୍ଧାରଣ ପାଇଁ ଆୟାଦି ଗଣନା ତଥା ଶୁଭ ଭାଗବନ୍ଧ ( ଗଜବନ୍ଧ) ବ୍ୟବହୃତ ହୁଏ। ସେହି ଶୁଭ ମାପ ଅନୁସାରେ ଗୃହକର୍ତ୍ତାଙ୍କ ରାଶି ନକ୍ଷତ୍ର ଅନୁସାରେ ଗୃହ ଶୁଭ ଭାଗବନ୍ଧ ତଥା ଆୟାମ / ଆୟାଦି ଗଣନାରେ ଗୃହର ଆୟ/ବ୍ୟୟ, ରାଶି ନକ୍ଷତ୍ର, ପରମାୟୁ, ନଷ୍ଟ, ନବାଂଶ/ଅଧିପତି, ଗଣ, ନାଗ/ ନାଗପନ୍ନୀ, ରାହୁପୃଷ୍ଠ ଓ ଦିଗନାଶ ଆଦି ନିର୍ଣ୍ଣୟ କରାଯାଏ। ବାସ୍ତୁଶାସ୍ତ୍ରର ଇତିହାସ ବୈଦିକ ଯୁଗରୁ ଆରମ୍ଭ ହୋଇଥିବା ବୋଲି ଧରାଯାଏ। ଋଗବେଦ, ଅଥର୍ବବେଦ, ପୁରାଣ ଓ ବିଭିନ୍ନ ସଂହିତାରେ ବାସ୍ତୁର ଉଲ୍ଲେଖ ମିଳେ। ପ୍ରାଚୀନ ଭାରତରେ ବିଶ୍ୱକର୍ମାଙ୍କୁ ଦେବଶିଳ୍ପୀ ବୋଲି ସମ୍ମାନ କରାଯାଏ। ସେ ଦେବଲୋକର ମହଲ, ନଗର ଓ ମନ୍ଦିର ନିର୍ମାଣ କରିଥିବା କଥା ପୁରାଣରେ ବର୍ଣ୍ଣିତ। ବାସ୍ତୁଶାସ୍ତ୍ରର ପ୍ରମୁଖ ଗ୍ରନ୍ଥ ଗୁଡିକ ହେଲା - ମୟମତମ୍, ମାନସାର, ବୃହତ୍ ବାସ୍ତୁ ସଂହିତା (ବରାହମିହିର), ସମରାଙ୍ଗଣ ସୂତ୍ରଧାର, ବିଶ୍ୱକର୍ମା। ପ୍ରକାଶ, ଅପରାଜିତ ପୃଚ୍ଛ, କାଶ୍ୟପ ଶିଳ୍ପଶାସ୍ତ୍ର ଇତ୍ୟାଦି। ଏହି ଗ୍ରନ୍ଥଗୁଡ଼ିକରେ ଗୃହ, ମନ୍ଦିର, ନଗର, ରାଜପ୍ରାସାଦ, ଦୁର୍ଗ ଓ ସାର୍ବଜନୀନ ସ୍ଥାପତ୍ୟ ବିଷୟରେ ବିସ୍ତୃତ ବିବରଣୀ ରହିଛି। ବାସ୍ତୁଶାସ୍ତ୍ରର ସବୁଠାରୁ ମହତ୍ତ୍ୱପୂର୍ଣ୍ଣ ଧାରଣା ହେଉଛି ବାସ୍ତୁପୁରୁଷ ମଣ୍ଡଳ। ପୌରାଣିକ କଥାନୁସାରେ ବାସ୍ତୁପୁରୁଷ ଏକ ଦୈବୀ ଶକ୍ତିର ପ୍ରତୀକ। ଦେବତାମାନେ ତାଙ୍କୁ ବିଭିନ୍ନ ଦିଗରୁ ଧାରଣ କରିଥିଲେ। ସେହିକାରଣରୁ ପ୍ରତ୍ୟେକ ଦିଗକୁ ଏକ ନିର୍ଦ୍ଦିଷ୍ଟ ଶକ୍ତି ଓ ଦେବତାଙ୍କ ସହ ସମ୍ପର୍କିତ ବୋଲି ବର୍ଣ୍ଣନା କରାଯାଇଛି। ବାସ୍ତୁପୁରୁଷ ମଣ୍ଡଳର ପ୍ରମୁଖ ଦିଗ ହେଉଛି ଈଶାନ (ଶିବ), ପୂର୍ବ ( ଇନ୍ଦ୍ର), ଅଗ୍ନି (ଅଗ୍ନିଦେବ), ଦକ୍ଷିଣ (ଯମ), ନୈରୃତ୍ୟ ( ନିରୃତି) ପଶ୍ଚିମ (ବରୁଣ ଦେବ), ବାୟବ୍ୟ ( ବାୟୁ ଦେବ) ଉତ୍ତର ( କୁବେର)। ଏହି ପ୍ରତୀକାତ୍ମକ ବିଭାଜନ ଅନୁଯାୟୀ ଘରର ବିଭିନ୍ନ ଅଂଶର ଯୋଜନା କରାଯାଏ। ପଞ୍ଚମହାଭୂତର ଭୂମିକା । ବାସ୍ତୁଶାସ୍ତ୍ର ପଞ୍ଚମହାଭୂତ ଉପରେ ଆଧାରିତ ତଥା ପୃଥିବୀ ହେଉଛି ସ୍ଥିରତା ଓ ଭିତ୍ତି, ଜଳ ହେଉଛି ଜୀବନ, ପବିତ୍ରତା ଓ ସମୃଦ୍ଧି। ଅଗ୍ନି ହେଉଛି ଶକ୍ତି, ରନ୍ଧନ ଓ ସ୍ୱାସ୍ଥ୍ୟ, ବାୟୁ ହେଉଛି ପ୍ରାଣଶକ୍ତି ଓ ସୁସ୍ଥ ପରିବେଶ। ଆକାଶ ହେଉଛି ଖୋଲା ସ୍ଥାନ, ଆଲୋକ ଓ ଆଧ୍ୟାତ୍ମିକତା ଶକ୍ତିର ଉତ୍ସ । ସେହିପରି ଦିଗର ମହତ୍ତ୍ୱ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଉତ୍ତର ଦିଗ ହେଉଛି ଧନ ଓ ସମୃଦ୍ଧିର ପ୍ରତୀକ ବୋଲି ପାରମ୍ପରିକ ମତ। ପୂର୍ବ ଦିଗ ହେଉଛି ସୂର୍ଯ୍ୟୋଦୟ ହେତୁ ପ୍ରାକୃତିକ ଆଲୋକର ପ୍ରମୁଖ ଦିଗ। ଦକ୍ଷିଣ ଦିଗ ହେଉଛି ଭାରୀ ନିର୍ମାଣ ଓ ସ୍ଥିରତା ସହ ସମ୍ପର୍କିତ ବୋଲି ପାରମ୍ପରିକ ବିଶ୍ୱାସ। ପଶ୍ଚିମ ଦିଗ ହେଉଛି ସନ୍ତୁଳିତ ବ୍ୟବହାର ପାଇଁ ଉପଯୁକ୍ତ।

ଆଜିର ଯୁଗରେ ବାସ୍ତୁକୁ ଅନେକେ ସାଂସ୍କୃତିକ ଓ ପାରମ୍ପରିକ ଦୃଷ୍ଟିରୁ ଅନୁସରଣ କରନ୍ତି । ସେହି ସହିତ ଆଧୁନିକ ସ୍ଥାପତ୍ୟ ବିଜ୍ଞାନ ମଧ୍ୟ ପ୍ରାକୃତିକ ଆଲୋକ, ବାୟୁ ଚଳାଚଳ, ଉତ୍ତମ ନିଷ୍କାସନ ବ୍ୟବସ୍ଥା, ସୁରକ୍ଷା ଓ ଶକ୍ତି ସଞ୍ଚୟକୁ ଗୁରୁତ୍ୱ ଦେଇଥାଏ। ଏହି ଦୁଇ ଦୃଷ୍ଟିକୋଣର ସମନ୍ୱୟରେ ଏକ ସୁନ୍ଦର, ସ୍ୱାସ୍ଥ୍ୟକର ଓ ବ୍ୟବହାରଯୋଗ୍ୟ ଘର ନିର୍ମାଣ ସମ୍ଭବ। ନୂତନ ଗୃହ ନିର୍ମାଣ ଜୀବନର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ। ଶିଳ୍ପବାସ୍ତୁ ଘରର ନିର୍ମାଣ କୌଶଳ, ସୌନ୍ଦର୍ଯ୍ୟ ଓ ସ୍ଥାୟୀତ୍ୱକୁ ଗୁରୁତ୍ୱ ଦେଉଥିବାବେଳେ, ଗୃହବାସ୍ତୁ ଘରର ଭିତର ବ୍ୟବସ୍ଥାପନା ଓ ସୁବିଧାଜନକ ଜୀବନକୁ ପ୍ରାଧାନ୍ୟ ଦେଇଥାଏ। ଆଧୁନିକ ଯୁଗରେ ବାସ୍ତୁଶାସ୍ତ୍ରକୁ ଅନେକେ ସାଂସ୍କୃତିକ ଓ ପାରମ୍ପରିକ ମାର୍ଗଦର୍ଶନ ଭାବେ ଦେଖନ୍ତି। ଏହା ସହିତ ବୈଜ୍ଞାନିକ ସ୍ଥାପତ୍ୟ ଓ ସିଭିଲ୍ ଇଞ୍ଜିନିୟରିଂର ନିୟମ, ଯଥା ଭୂମି ପରୀକ୍ଷା, ଭୂକମ୍ପ-ପ୍ରତିରୋଧୀ ଡିଜାଇନ୍, ପ୍ରାକୃତିକ ଆଲୋକ, ବାୟୁ ଚଳାଚଳ, ବର୍ଷାଜଳ ସଂରକ୍ଷଣ, ଶକ୍ତି ସଞ୍ଚୟ ଓ ପରିବେଶବାନ୍ଧବ ନିର୍ମାଣ ଅଧିକ ଗୁରୁତ୍ୱ ପାଉଛି। ଉଭୟର ସନ୍ତୁଳିତ ସମନ୍ୱୟ ହିଁ ଏକ ଉତ୍ତମ ଗୃହ ନିର୍ମାଣର ଆଧାର। ପାରମ୍ପରିକ ବାସ୍ତୁ ନିୟମକୁ ସମ୍ମାନ ଜଣାଇବା ସହ ଆଧୁନିକ ଇଞ୍ଜିନିୟରିଂ, ସୁରକ୍ଷା, ପରିବେଶ ସୁରକ୍ଷା ଓ ବୈଜ୍ଞାନିକ ନିର୍ମାଣ ପଦ୍ଧତିକୁ ଅନୁସରଣ କରି ଗୃହ ନିର୍ମାଣ କଲେ ତାହା ଦୀର୍ଘସ୍ଥାୟୀ, ସୁନ୍ଦର, ସୁରକ୍ଷିତ ଓ ଆରାମଦାୟକ ହୋଇପାରିବ। ଏପରି ଗୃହ ଏକ ପରିବାରର ସୁଖ, ଶାନ୍ତି, ସମନ୍ୱୟ ଓ ସାମାଜିକ ଉନ୍ନତିର ଦୃଢ଼ ଆଧାର ହୋଇ ଉଭା ହୁଏ।

# ମଣିଷର ଅନ୍ତର ମଧ୍ୟରେ ରଥଯାତ୍ରା

ଅପର୍ଣ୍ଣା ଘୋଷ
୭ ୭୫,
ସହିଦନଗର, ଭୁବନେଶ୍ୱର
ମୋ:୯୮୬୧୨୨୩୯୯୮

ମଣିଷ ଶରୀର ରୂପୀ ରଥର ରଥୀ ତ ସ୍ୱୟଂ ଭଗବାନ । ଏହି ରଥର ଘୋଡାମାନେ ହେଲେ ପଞ୍ଚ ଇନ୍ଦ୍ରିୟ । ମନ ହେଲା ଲଗାମ, ମନ ଏହି ଇନ୍ଦ୍ରିୟମାନଙ୍କୁ ଚାଳନା କରେ । ମନକୁ ଚଳାୟେ ବୁଦ୍ଧି, ଅର୍ଥାତ୍ ସଠିକ୍ ବୁଦ୍ଧି ମନକୁ ସଠିକ୍ ଦିଗରେ ଚାଳନା କରେ । ମହାଭାରତ ଯୁଦ୍ଧରେ ଅର୍ଜୁନ ଯେ କି ଜୀବାତ୍ମାଙ୍କର ପ୍ରତୀକ, ତାଙ୍କ ରଥର ସାରଥୀ ଥିଲେ ଶ୍ରୀକୃଷ୍ଣ। ଭଗବାନଙ୍କ ହାତରେ ଲଗାମ ଥିଲେ ଆଉ ଭୟ ନାହିଁ, ଭଗବାନ ତ ସଠିକ୍ ପଥରେ ରଥକୁ ଚଳାଇନେବେ । ଭଗବାନ ଆମ ଅନ୍ତର ମଧ୍ୟରେ ଅଛନ୍ତି। ଆମ ଦେହ ହେଉଛି ଜଗନ୍ନାଥଙ୍କ ରଥ। ଜଗନ୍ନାଥ ରଥାରୁଢ ହେବା ପୂର୍ବରୁ ତାଙ୍କର ସ୍ନାନ ଯାତ୍ରା ହୋଇଥାଏ । ୧୦୮ ସୁନା କଳସୀରେ ତାଙ୍କୁ ସ୍ନାନ କରାଯାଏ । ଶରୀର ରଥର ରଥୀକୁ ଉପବିଷ୍ଟ କରିବା ପୂର୍ବରୁ ଅନ୍ତର ମଧ୍ୟରେ ସେହି ପବିତ୍ର ସ୍ନାନ କାର୍ଯ୍ୟ ସମ୍ପୂର୍ଣ୍ଣ କରିବା ଦରକାର । ସ୍ନାନ ଅର୍ଥଟି- ମନରେ ମାଳିନ୍ୟ ତ୍ୟାଗ କରିବା ହେଉଛି ଠିକ୍ ଠିକ୍ ସ୍ନାନ, ଅନ୍ତରର ଶୁଦ୍ଧି ନିତ୍ୟାନ୍ତ ଦରକାର । ଆଭ୍ୟନ୍ତରୀଣ ଶୁଚି ପବିତ୍ରତା ଥିଲେ ଭଗବତ୍ ସତ୍ତାକୁ ପ୍ରାଣେ ପ୍ରାଣେ ଅନୁଭବ କରିହୁଏ ।

ମଣିଷ ସ୍ୱରୂପ ପୂର୍ଣ୍ଣ । ସେ ଯଦି ତାର ସ୍ୱରୂପକୁ ନ ଜାଣି କାର୍ଯ୍ୟ କରିବ ତେବେ ତାହା ପରଫେକ୍ଟ ବା ପରିପୂର୍ଣ୍ଣ ହେବ ନାହିଁ । କେଉଁ ଗୋଟେ କାର୍ଯ୍ୟ ଯଦି ଭଗବାନଙ୍କ ବ୍ୟତୀତ ହୁଏ ବା କେଉଁ କାର୍ଯ୍ୟରେ ଭଗବାନଙ୍କ ସଂଯୋଗ ନଥାଏ, ତାହା ଶତାଂଶ ପବିତ୍ର ହୁଏ ନାହିଁ । ସନାତନ ଧର୍ମର ଦୃଷ୍ଟିଭଙ୍ଗୀ ଅନ୍ତରର ମାଳିନ୍ୟ ଦୂର କରିବା, ପ୍ରକୃତ ମନମାଳିନ୍ୟ ଦୂର କରିବା ହେଉଛି ଅନ୍ୟର ଭଲ ଦେଖିବା, ଈର୍ଷା ନକରିବା, ପରର ଉନ୍ନତିରେ ଖୁସି ହେବା, ସତ୍‌ଚିନ୍ତା ଓ ଉଚ୍ଚ ଚିନ୍ତାଧାରା ହେଉଛି ଅନ୍ତରର ଶୁଦ୍ଧି । ଜଗନ୍ନାଥ ଦେବଙ୍କ ସ୍ନାନ ପରେ ତାଙ୍କୁ ଜ୍ୱର ହୁଏ ଏବଂ ୧୫ଦିନ ସେ ଅଣସର ଘରେ ରହି ସେବାୟତଙ୍କ ଦ୍ୱାରା ଔଷଧ ସେବନ ଓ ସେବା ଗ୍ରହଣ କରନ୍ତି । ଭକ୍ତମାନେ ସେହି ସମୟରେ ପ୍ରଭୁଙ୍କ ଦର୍ଶନ ପାଇ ପାରନ୍ତି ନାହିଁ। ସେହିଭଳି ଭକ୍ତର କିଛି ଦିନ ନିବୃତ୍ତ ସାଧନା ହେଉଛି ଅଣବସର, ଅର୍ଥାତ୍ ଭକ୍ତର ଅବସର ନାହିଁ ସମସ୍ତଙ୍କ ସହିତ ମିଳାମିଶା କରି ଅଯଥା ଗପସପ କରି ସମୟ ନଷ୍ଟ କରିବାକୁ ବାହ୍ୟ କୋଳାହଳ ମଧ୍ୟରେ ନ ରହି କିଛି ଦିନ ଶାନ୍ତ ପରିବେଶରେ ଭଗବତ୍ ଚିନ୍ତନ ମନନ ଧ୍ୟାନ ଧାରଣା କଲେ,ହୃଦୟ ମଧ୍ୟରେ ଭଗବତ୍ ସତ୍ତା ଉପଲବ୍ଧ ହୋଇଥାଏ । ଧୀରେ ଧୀରେ ଈଶ୍ୱରଙ୍କ ପ୍ରତି ଅନୁରାଗ ପ୍ରେମ ଜାଗି ଉଠେ ଏକ ଅପୂର୍ବ ଈଶ୍ୱରୀୟ ଆନନ୍ଦରେ ମନ ଭରିଯାଏ । ଏହି ଆନନ୍ଦ ମୁଖରେ ପ୍ରକାଶ କରିହୁଏ ନାହିଁ । ମନ ରୂପକ ଦର୍ପଣରେ ପଡିଥିବା ଧୂଳି ମଇଳା ପ୍ରେମ ଅଶ୍ରୁରେ ଧୋଇ ହୋଇଯାଏ । ହୃଦୟ ମନ୍ଦିର ବର୍ତ୍ତମାନ ପରିଷ୍କାର ପରିଚ୍ଛନ୍ନ ହୋଇଗଲା । ନିର୍ମଳ ହୃଦୟରେ ଭଗବାନଙ୍କର ବାସ । ତେଣୁ ତ ଭଗବତ୍ ଚିନ୍ତନରେ ତାର ଶରୀର ରୂପକ କ୍ଷେତ୍ରରୁ ବା ଜମିରୁ ଅନାବନା ଗଛ, ଘାସବୁଦା ପରିଷ୍କାର କରି ଦେଇଥାଏ, ଏହାପରେ ଶରୀର ରୂପକ ରଥ ପ୍ରସ୍ତୁତ ହୋଇଗଲା ଯାତ୍ରା ପାଇଁ ।

ଜୀବନ ରଥରେ ରଥୀଙ୍କର ପ୍ରତିଷ୍ଠା ହୋଇଯିବା ପରେ ଜୀବନ ରଥର ଯାତ୍ରା ଆରମ୍ଭ ହୋଇଯାଏ, ଈଶ୍ୱରୀୟ ସତ୍ତାକୁ ଉପଲବ୍ଧି କରି ଜୀବନ ରଥକୁ ଚଳାଇନେବା ଅର୍ଥାତ୍ ଜୀବନର ଉତ୍ତରଣ ଘଟାଇବା "ଅସ ତୋ ମା ସଦ୍‌ଗମୟ' । ଅନ୍ଧକାର ଅଜ୍ଞାନରୁ ମୁକ୍ତ ହୋଇ ଜ୍ଞାନର ଆଲୋକରେ ଆଲୋକିତ ହେବା । କ୍ଷୁଦ୍ରତା ତୁଚ୍ଛତାକୁ ଅତିକ୍ରମ କରି ବିରାଟକୁ ଅନୁଭବ କରିବା, ଅର୍ଥାତ୍ ସକଳ ଜୀବ ମଧ୍ୟରେ ଛନ୍ଦାୟିତ ସେହି ଏକ ବିଶ୍ୱ ଆତ୍ମାକୁ ଉପଲବ୍ଧ କରିବା । ଶ୍ରୀ ରାମକୃଷ୍ଣଙ୍କ ଭକ୍ତିରେ 'ଶିବ ଜ୍ଞାନରେ ଜୀବ ସେବା', ଈଶ୍ୱର ଜ୍ଞାନରେ ବା ଶିବ ଜ୍ଞାନରେ ଜୀବନର ସେବା କାର୍ଯ୍ୟ ଜୀବନ ରଥକୁ ଆଗେଇ ଦେବା ଉଚିତ୍ । ଯେଉଁମାନଙ୍କ ସାଧନା ଠିକ୍ ଠିକ୍ ହୋଇଥାଏ, ଯେଉଁମାନେ ଭଗବାନଙ୍କର ପୂର୍ଣ୍ଣ ଶରଣାଗତ, ଭଗବାନ ତାଙ୍କର ଜୀବନ ରଥ ସୁଚାରୁ ରୂପେ ଚଳାଇ ନିଅନ୍ତି, ତାଙ୍କର ମନୁଷ୍ୟ ଜୀବନ ଲାଭ କରିବା ସାର୍ଥକ ହୋଇଥାଏ। ଜୟ ପ୍ରଭୁ ଜୟ ଜଗନ୍ନାଥ ମହାପ୍ରଭୁ ଜୟ ।

# ଭାରତର ଗ୍ରାମୀଣ ବିକାଶରେ ଏକ ନୂତନ ସୂର୍ଯ୍ୟୋଦୟ




ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ,
ଗଙ୍ଗୋତ୍ରୀ ନଗର,ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ଭାରତ ବର୍ଷର ଗ୍ରାମୀଣ ଅର୍ଥନୀତି ଏବଂ ଶ୍ରମିକ କଲ୍ୟାଣ ଇତିହାସରେ ଆଜି ଏକ ନୂତନ ଅଧ୍ୟାୟର ଶୁଭାରମ୍ଭ ହୋଇଛି, ଯେଉଁଠାରେ ଦୀର୍ଘ ଦୁଇ ଦଶନ୍ଧି ଧରି ଚାଲି ଆସିଥିବା ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଆଇନ (ମନରେଗା)ର ସ୍ଥାନ ନେଇଛି ଅତ୍ୟନ୍ତ କାଳୋପଯୋଗୀ ଏବଂ ସମୟୋପଯୋଗୀ 'ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଣ୍ଡ ଆଜୀବିକା ମିଶନ୍ (ଗ୍ରାମୀଣ), ବା 'ଭିବି-ଜି ଆରଏଏମ୍ ଜି' (VB-G RAM G) ଆଇନ, ୨୦୨୫, ଯାହା ଆଜିଠାରୁ ସମଗ୍ର ଦେଶର ଗ୍ରାମାଞ୍ଚଳରେ କାର୍ଯ୍ୟକାରୀ ହୋଇଛି ଏବଂ ଏହି ପରିବର୍ତ୍ତନ କେବଳ ଏକ ଆଇନର ପରିବର୍ତ୍ତନ ନୁହେଁ, ବରଂ ଏହା ଗ୍ରାମୀଣ ଭାରତର ବିକାଶ ପଥରେ ଏକ ଯୁଗାନ୍ତକାରୀ ପଦକ୍ଷେପ ଭାବେ ବିବେଚିତ ହେଉଛି। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରଣାଳୟର ସୂଚନା ଅନୁଯାୟୀ, ଏହି ନୂତନ ପ୍ରତ୍ୟେକ ଆର୍ଥିକ ବର୍ଷରେ ୧୨୫ ଦିନର ବେତନଯୁକ୍ତ କର୍ମନିଯୁକ୍ତିର ସୁନିଶ୍ଚିତ ଗ୍ୟାରେଣ୍ଟି ପ୍ରଦାନ କରିବା ସହ ଗ୍ରାମୀଣ ଅର୍ଥବ୍ୟବସ୍ଥାକୁ ସଶକ୍ତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିବ, ଯାହା ପାଇଁ ଚଳିତ ଆର୍ଥିକ ବର୍ଷରେ ୯୫,୬୯୨ କୋଟି ଟଙ୍କାର ବ୍ୟୟବରାଦ କରାଯାଇଥିବା ସରକାରୀ ଭାବେ ଘୋଷଣା କରାଯାଇଛି। ମନରେଗାର ୧୦୦ଦିନର ନିଯୁକ୍ତି ବ୍ୟବସ୍ଥାକୁ ୨୫ଦିନ ବୃଦ୍ଧି କରି ମୋଟ ୧୨୫ ଦିନ କରିବା ପଛରେ ସରକାରଙ୍କ ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଗ୍ରାମୀଣ ପରିବାରଗୁଡିକର ଆୟ ନିରାପତାକୁ ସୁନିଶ୍ଚିତ କରିବା ଏବଂ ସେମାନଙ୍କୁ ସ୍ୱାବଲମ୍ବୀ କରିବା, ଯାହା ଫଳରେ ସେମାନେ ମଧ୍ୟ ଭାରତର ୨୦୪୭ ସୁଦ୍ଧା 'ବିକଶିତ ଭାରତ' ହେବାର ସ୍ୱପ୍ନରେ ସାମିଲ ହୋଇପାରିବେ। କେନ୍ଦ୍ର ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ଶିବରାଜ ସିଂହ ଚୌହାନ ଏହି ଉପଲକ୍ଷେ ସ୍ପଷ୍ଟ କରିଛନ୍ତି ଯେ, କୌଣସି ଜଣେ ହେଲେ ଯୋଗ୍ୟ ଗ୍ରାମୀଣ ଶ୍ରମିକ ଯେପରି କାମ ବିନା ଗୋଟିଏ ଦିନ ମଧ୍ୟ ନରୁହନ୍ତି, ତାହା ହିଁ ଏହି ନୂତନ ଆଇନର ମୂଳ ଲକ୍ଷ୍ୟ, ଯେଉଁଥିପାଇଁ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡିକ ସହ ମିଶି ସମସ୍ତ ପ୍ରଶାସନିକ, ଆର୍ଥିକ ଏବଂ ବୈଷୟିକ ପ୍ରସ୍ତୁତି ସମ୍ପୂର୍ଣ୍ଣ କରାଯାଇଛି। ଏହି ନୂତନ ବ୍ୟବସ୍ଥାରେ ସ୍ୱଚ୍ଛତା, ସମୟାନୁବର୍ତ୍ତୀ ମଜୁରି ପୈଠ ଏବଂ ଉତ୍ତରଦାୟିତ୍ୱ ଉପରେ ସର୍ବାଧିକ ଗୁରୁତ୍ୱ ଆରୋପ କରାଯାଇଛି, ଯାହା ପୁରୁଣା ବ୍ୟବସ୍ଥାରେ ଥିବା ବହୁ ସମସ୍ୟାର ସମାଧାନ କରିବାରେ ସହାୟକ ହେବ। ଏଥିସହିତ, ଯଦି ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ଯୋଗାଇ ଦିଆଯାଇ ନପାରେ, ତେବେ ଶ୍ରମିକମାନଙ୍କୁ ବେକାରୀ ଭତ୍ତା ପ୍ରଦାନ କରିବାର ବ୍ୟବସ୍ଥା ମଧ୍ୟ ଏହି ଆଇନରେ ରହିଛି, ଯାହା ଶ୍ରମିକଙ୍କ ଅଧିକାରକୁ ଅଧିକ ସୁଦୃଢ କରିବ। ଏହି ନୂତନ ଆଇନର କାର୍ଯ୍ୟକାରିତା ଦ୍ୱାରା କେବଳ ଶ୍ରମିକଙ୍କ ମଜୁରି ବୃଦ୍ଧି ପାଇବ ନାହିଁ, ବରଂ ଗ୍ରାମାଞ୍ଚଳରେ ସ୍ଥାୟୀ ସମ୍ପତ୍ତି ନିର୍ମାଣ ହେବା ସହ ଗ୍ରାମୀଣ ଭିତ୍ତିଭୂମି ମଜବୁତ ହେବ, ଯାହା ଆଗାମୀ ଦିନରେ ଅର୍ଥନୈତିକ ଅଭିବୃଦ୍ଧିର ବାର୍ତ୍ତାବହ ହେବ। ସରକାର ଦୃଢ ପ୍ରତିଜ୍ଞା ଯେକୌଣସି ପ୍ରକାରର ଅବହେଳାକୁ ବରଦାସ୍ତ କରାଯିବ ନାହିଁ ଏବଂ ଗ୍ରାମାଚଂଳର ପ୍ରତ୍ୟେକ ଶ୍ରମିକଙ୍କ ହାତକୁ କାମ ଦେବା ସରକାରଙ୍କ ପ୍ରାଥମିକତା ରହିବ, ଯେଉଁଥିପାଇଁ ବଜେଟ୍ ପ୍ରବନ୍ଧନଠାରୁ ଆରମ୍ଭ କରି କାର୍ଯ୍ୟକାରୀ ସଂସ୍ଥାମାନଙ୍କୁ ସଜାଗ କରାଯାଇଛି। ପୁରୁଣା ଆଇନ ସମୟରେ ଅନେକ ସମୟରେ ମଜୁରି ପୈଠରେ ବିଳମ୍ବ ଏବଂ କାର୍ଯ୍ୟ ଯୋଗାଣରେ ଅନିଶ୍ଚିତତା ଦେଖାଦେଉଥିଲା, ମାତ୍ର ଭିବି-ଜି ଆରଏଏମ୍ ଜି ଆଇନ ସେହି ସମସ୍ତ ସମସ୍ୟାକୁ ଦୂର କରି ଏକ ସ୍ୱଚ୍ଛ ଓ ଉତ୍ତରଦାୟୀ ବ୍ୟବସ୍ଥା ଭାବେ ଉଭା ହୋଇଛି, ଯାହା ଗ୍ରାମୀଣ ଭାରତରେ ପରିବର୍ତ୍ତନର ନୂତନ ସୂର୍ଯ୍ୟୋଦୟ ଆଣିବ। ଏହି ଆଇନର ଗୁରୁତ୍ୱ ଏତିକିରେ ସରିଯାଉ ନାହିଁ, ବରଂ ଏହା ଗ୍ରାମାଞ୍ଚଳରେ ଥିବା କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଭୂମିହୀନ ଶ୍ରମିକ ଏବଂ ପଛୁଆ ବର୍ଗର ଲୋକଙ୍କ ପାଇଁ ସୁରକ୍ଷା କବଚ ଭାବରେ କାର୍ଯ୍ୟ କରିବ। ଗ୍ରାମାଞ୍ଚଳରୁ ସହରାଞ୍ଚଳକୁ ହେଉଥିବା ଦାଦନ ଖଟିବା ପାଇଁ ଶ୍ରମିକଙ୍କ ସ୍ଥାନାନ୍ତରଣକୁ କିଛି ମାତ୍ରାରେ କମାଇବାରେ ଏହି ଆଇନ ସହାୟକ ହେବ, କାରଣ ଏଠାରେ ସେମାନଙ୍କୁ ନିଜ ଗାଁରେ ରହି କାର୍ଯ୍ୟ ଓ ବେତନ ପାଇବାର ସୁବିଧା ମିଳିବ। ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ରରେ ପରିଣତ କରିବାରେ ଗ୍ରାମୀଣ ଅର୍ଥନୀତିର ଯୋଗଦାନ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ସେହି ଲକ୍ଷ୍ୟକୁ ପୂରଣ କରିବା ଦିଗରେ ଏହି ନୂତନ ଆଇନ ଏକ ଦୃଢ ସୋପାନ ସଦୃଶ। କାର୍ଯ୍ୟକାରିତା ସମୟରେ ସରକାର ସ୍ପଷ୍ଟ କରିଛନ୍ତି ଯେ, ଚାଲୁଥିବା ସମସ୍ତ କାର୍ଯ୍ୟ ଅବ୍ୟାହତ ରହିବ ଏବଂ ଏହି ନୂତନ ଆଇନ ଅନ୍ତର୍ଗତ ସେଗୁଡିକୁ ଅନ୍ତର୍ଭୁକ୍ତ କରାଯିବ, ଯାହାଦ୍ୱାରା କାର୍ଯ୍ୟରେ କୌଣସି ପ୍ରକାରର ବ୍ୟାଘାତ ସୃଷ୍ଟି ହେବ ନାହିଁ। ବୈଷୟିକ ଦୃଷ୍ଟିକୋଣରୁ ଦେଖିଲେ, ଏହି ଆଇନରେ ଡିଜିଟାଲ ବ୍ୟବସ୍ଥାକ ଅଧିକ ଗୁରୁତ୍ୱ ଦିଆଯାଇଛି, ଯାହାଦ୍ୱାରା ହିତାଧିକାରୀଙ୍କ ଖାତାକୁ ସିଧାସଳଖ ମଜୁରି ପହଂଚିବା ସହ ଦୁର୍ନୀତିର ସମ୍ଭାବନାକୁ ଶୂନ୍ୟ କରିଦିଆଯିବ। ତୃଣମୂଳ ସ୍ତରରେ ପଂଚାୟତିଗୁଡିକର ଭୂମିକାକୁ ଅଧିକ ସକ୍ରିୟ କରାଯିବ, ଯାହାଦ୍ୱାରା ଗ୍ରାମାଚଂଳର ଆବଶ୍ୟକତା ଅନୁଯାୟୀ କାର୍ଯ୍ୟ ଚୟନ କରାଯାଇ ପାରିବ। ଭିବି-ଜି ଆରଏଏମ୍ ଜି ଆଇନ କେବଳ କର୍ମନିଯୁକ୍ତି ଦିଏ ନାହିଁ, ବରଂ ଏହା ଗ୍ରାମାଚଂଳରେ ସମ୍ପତି ସୃଷ୍ଟି (Asset Creation) କରେ, ଯେପରିକି ଜଳ ସଂରକ୍ଷଣ, ରାସ୍ତା ନିର୍ମାଣ ଏବଂ କୃଷି ଭିତ୍ତିଭୂମିର ବିକାଶ, ଯାହାଦ୍ୱାରା ଗାଁର ଦୀର୍ଘକାଳୀନ ବିକାଶ ସମ୍ଭବ ହୋଇପାରିବ। କେନ୍ଦ୍ର ସରକାରଙ୍କ ଏହି ସାହସିକ ପଦକ୍ଷେପକୁ ଦେଶର ବିଭିନ୍ନ ପ୍ରାନ୍ତରେ ସ୍ୱାଗତ କରାଯାଉଛି, କାରଣ ଏହା ଗ୍ରାମୀଣ ଭାରତର ସ୍ୱପ୍ନକୁ ବାସ୍ତବତାର ରୂପ ଦେବାରେ ସାହାଯ୍ୟ କରିବ। ଶ୍ରମିକମାନଙ୍କ ମଧ୍ୟରେ ଏହି ଆଇନକୁ ନେଇ ବେଶ୍ ଉତ୍ସାହ ଦେଖିବାକୁ ମିଳୁଛି, କାରଣ ୧୨୫ଦିନର କାମ ସେମାନଙ୍କ ପାଇଁ ବର୍ଷସାରା ଆର୍ଥିକ ନିରାପତାର ବଡ ଭରସା। ସମୟର ପରିବର୍ତ୍ତନ ସହ ଆଇନର ପରିବର୍ତ୍ତନ ହେବା ଏକ ସ୍ୱାଭାବିକ ପ୍ରକ୍ରିୟା, ମାତ୍ର ଏହି ପରିବର୍ତ୍ତନ ଯେପରି ଜନହିତକର ହେବ, ତାହାର ଏକ ଜ୍ୱଳନ୍ତ ଉଦାହରଣ ହେଉଛି ଭିବି-ଜି ଆରଏଏମ୍ ଜି। ମନ୍ତ୍ରୀ ଶିବରାଜ ସିଂହ ଚୌହାନଙ୍କ ବାର୍ତ୍ତା ସ୍ପଷ୍ଟ, ଯେଉଁଥିରେ ସେ କହିଛନ୍ତି ଯେ ସରକାରୀ ଯନ୍ତ୍ରଣା ଏବେ ସମ୍ପୂର୍ଣ୍ଣ ରୂପେ ସଜାଗ ଏବଂ କୌଣସି ପରିସ୍ଥିତିରେ ଯୋଗ୍ୟ ଶ୍ରମିକ ନିଯୁକ୍ତିରୁ ବଂଚିତ ହେବେ ନାହିଁ। ଏହି ଆଇନର ସଫଳ ରୂପାୟନ କେବଳ ସରକାରୀ ସ୍ତରରେ ସୀମିତ ନୁହେଁ, ବରଂ ଏଥିରେ ଜନସାଧାରଣ ଏବଂ ସ୍ଥାନୀୟ ପ୍ରଶାସନର ସହଯୋଗ ମଧ୍ୟ ସମାନ ଭାବେ ଗୁରୁତ୍ୱପୂର୍ଣ୍ଣ। ଏହି ଆଇନର କାର୍ଯ୍ୟକାରିତା ସହିତ ଗ୍ରାମୀଣ ଭାରତରେ ନୂତନ ଅର୍ଥନୈତିକ ସୁଯୋଗର ଦ୍ୱାର ଖୋଲିବ ଏବଂ ଆଗାମୀ ଦିନରେ ଏହା ଭାରତକୁ ବିକଶିତ ରାଷ୍ଟ୍ର କରିବାରେ ମାଇଲଖୁଣ୍ଟ ସାବ୍ୟସ୍ତ ହେବ, ଯାହା ପାଇଁ ପ୍ରତ୍ୟେକ ଭାରତୀୟ ଆଶାବାଦୀ। ଏହି ଆଇନର ସଫଳତା ପାଇଁ ସରକାରଙ୍କ ତରଫରୁ ନିରନ୍ତର ମନିଟରିଂ ଓ ଇଭାଲୁଏସନ୍ କରାଯିବାର ବ୍ୟବସ୍ଥା ମଧ୍ୟ କରାଯାଇଛି, ଯାହାଦ୍ୱାରା ଯଦି କୌଣସି ସମସ୍ୟା ଦେଖାଦିଏ, ତେବେ ତୁରନ୍ତ ତାହାର ସମାଧାନ କରାଯାଇପାରିବ। ଶେଷରେ, ଭିବି-ଜି ଆରଏଏମ୍ ଜି ଆଇନ, ୨୦୨୫ ଗ୍ରାମୀଣ ଭାରତର ଭାଗ୍ୟ ବଦଳାଇବାରେ ଏକ ବଳିଷ୍ଠ ଅସ୍ତ୍ର ଭାବେ କାର୍ଯ୍ୟ କରିବ, ଯାହା ଶ୍ରମିକଙ୍କୁ ଗରିବୀ ମୁକ୍ତ କରିବା ସହ ଦେଶର ବିକାଶ ଯାତ୍ରାରେ ସେମାନଙ୍କୁ ସମାନ ଭାଗୀଦାର କରିବ ଏବଂ ଏହି ଯାତ୍ରା ଆଜିଠାରୁ ଆରମ୍ଭ ହୋଇଛି, ଯାହାର ଫଳାଫଳ ଆଗାମୀ ଦିନରେ ନିଶ୍ଚିତ ଭାବରେ ଗ୍ରାମୀଣ ଭାରତର ଚିତ୍ର ବଦଳାଇ ଦେବ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

# ପିଲାଙ୍କ ମହାଭାରତ-୯୩



ନିତ୍ୟାନନ୍ଦ ପଣ୍ଡା

## ସଞ୍ଜୟଙ୍କର ଶାନ୍ତି ପ୍ରସ୍ତାବ-୩



ସଞ୍ଜୟ ଉପଲବ୍ୟ ଗଲେ । ଯୁଧିଷ୍ଠିରଙ୍କୁ ଦରବାରରେ ସାକ୍ଷାତ କଲେ । ଶ୍ରଦ୍ଧା ଓ ସମ୍ମାନ ଜଣେଇବା ପରେ କହିଲେ,"ରାଜା ଧୃତରାଷ୍ଟ୍ର ମୋତେ ପଠେଇଛନ୍ତି । ସେ ଯୁଦ୍ଧକୁ ଘୃଣା କରନ୍ତି । ତୁମ ସହ ମିତ୍ରତା ତାଙ୍କର ଇଚ୍ଛା, କଳହ ନୁହଁ। ସେହି କଥା କହିବାକୁ ମୁଁ ଆସିଛି ।"

ଯୁଧିଷ୍ଠିର ଖୁସି ହେଲେ। କହିଲେ- ମୋର ପୂଜ୍ୟ ପିତାଙ୍କୁ ପ୍ରଣାମ। ସଞ୍ଜୟ ! ଅତୀତରେ ଯେତେ ଦୁଃଖ ଭୋଗିଛୁ ସେସବୁ ଭୁଲିଯିବୁ। କିନ୍ତୁ ଆମର ରାଜ୍ୟ ଫେରେଇଦେବା ଆବଶ୍ୟକ । କାହା ଉପରେ ମୋର କ୍ରୋଧ ନାହିଁ।

ସଞ୍ଜୟ ପୁଣି କହିଲେ- ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ବୋକା ଓ ବିଶୃଙ୍ଖଳ । ରାଜାଙ୍କ ପରାମର୍ଶ ଓ ଉପଦେଶକୁ ବେଖାତିର କରୁଛନ୍ତି । ତୁମେ ଧର୍ମପଥରେ ଅଛ, ସାରା ଜଗତ ଖୁସି। ଯୁଦ୍ଧରେ କିଛି ଭଲ ହେବନାହିଁ। ଏକଥା ବୁଝିବାକୁ ଦୁର୍ଯ୍ୟୋଧନ ଅରାଜି। ତଥାପି ମୁଁ ଅନୁରୋଧ କରିବି, ଯଦି ତୁମକୁ ରାଜ୍ୟ ଫେରେଇ ଦିଆନଯାଏ, ଧୈର୍ଯ୍ୟ ହରାଇବନାହିଁ । ଧର୍ମପଥକୁ କେବେଁ ତ୍ୟାଗ କରିବନାହିଁ।

"ସଞ୍ଜୟ ! ତୁମେ ଯାହା କହିଲ ସତ। ତୁମେ କୁହ ଆମେ କେଉଁଠି ଭୁଲ୍ କରିଛୁ କି ? ନୀତି ନିୟମ ଧର୍ମ, ଏସବୁ ଆମର ଲକ୍ଷ୍ୟ କରୁଛନ୍ତି କୃଷ୍ଣ । ସେ ଯେପରି କହିବେ, ଆମେ ସେପରି କରିବୁ ।"- କହିଲେ ଯୁଧିଷ୍ଠିର ।

କୃଷ୍ଣ କହିଲେ- "ପାଣ୍ଡବ ମାନଙ୍କର ମୁଁ ମଙ୍ଗଳ ଚାହେଁ। ସେଥିସହ ଚାହେଁ, କୌରବମାନେ ଖୁସିରେ ରୁହନ୍ତୁ । ମୁଁ ନିଜେ ଯିବି ହସ୍ତିନାପୁର । ବୁଝେଇବି, ପାଣ୍ଡବମାନଙ୍କୁ ସେମାନଙ୍କ ପ୍ରାପ୍ୟ ଦିଆଯାଉ । ଯଦି ସେତିକି କରିପାରେ ସବୁଠୁ ମୁଁ ବେଶୀ ଖୁସି ହେବି । ତୁମେ ଦେଖୁଚ, ପାଣ୍ଡବମାନେ ଯୁଦ୍ଧ ପାଇଁ ପ୍ରସ୍ତୁତ । ତେଣୁ ଧୃତରାଷ୍ଟ୍ରଙ୍କ ଉପରେ ସବୁକିଛି ନିର୍ଭର କରୁଛି ।"

ଯୁଧିଷ୍ଠିର କହିଲେ କୋମଳ ଭାବରେ, "ତୁମେ ଆମକୁ ପିଲାବେଳୁ ଦେଖିଆସୁଛ । କାହା ସହ ଶତ୍ରୁତା କରିବା ସପକ୍ଷରେ ମୁଁ ନାହିଁ। କି ମୋର ଉଦ୍ଦେଶ୍ୟ ନୁହଁ। ମାତ୍ର ଆମେ ପାଞ୍ଚଭାଇ ମୁଣ୍ଡ ଗୁଞ୍ଜି ରହିବା ପାଇଁ ଖଣ୍ଡେ ଜାଗା ଦରକାର। ଏତେ ବଡ଼ ପୃଥିବୀ, ଆମେ ଭାଇମାନେ କ'ଣ ଶାନ୍ତିରେ ରହିପାରିବୁନାହିଁ ? ପିତାମହ ଭୀଷ୍ମଙ୍କୁ ମୋର ପ୍ରଣାମ ଜଣେଇବ । କହିବ, ତାଙ୍କରି କଥାରେ ଆମକୁ ଇନ୍ଦ୍ରପ୍ରସ୍ଥ ଦିଆଯାଇଥିଲା। ସେ ଇଚ୍ଛାକଲେ, ଶାନ୍ତି ଅବଶ୍ୟ ଫେରିବ । ରାଜା ଧୃତରାଷ୍ଟ୍ର ଓ ବିଦୁରଙ୍କୁ ମୋର ପ୍ରଣାମ ଜଣେଇବ । ମୋ ତରଫରୁ କହିବ, ସେମାନେ ଉଚିତ୍ ନ୍ୟାୟ କରନ୍ତୁ। ଆମେ ଶାନ୍ତିରେ ରହୁ। ମାତ୍ର ପାଞ୍ଚଖଣ୍ଡ ଗାଁ ଆମ ପାଇଁ ଯଥେଷ୍ଟ।

ଦୁର୍ଯ୍ୟୋଧନଙ୍କୁ କହିବ, ତାଙ୍କ ପାଇଁ ଆମେ ତେର ବର୍ଷ ଅରଣ୍ୟରେ ବାସକଲୁ । ତାଙ୍କରି ପାଇଁ ଦ୍ରୌପଦୀ ଭରା ସଭାରେ ଅପମାନିତ ହେଲେ । ସେସବୁ ନୀରବରେ ଆମେ ସହିଯାଇଛୁ। ଆଉ ସହିବୁ ନାହିଁ। ସେ ଯଦି ଯୁଦ୍ଧ ଚାହିଁବ, ଯୁଦ୍ଧ ହେବ ଏବଂ ଯଦି ଶାନ୍ତି ଚାହିଁବ ଆମେ ସମସ୍ତେ ଶାନ୍ତିରେ ରହିବୁ । ଜୋର୍ ଦେଇ କହିବ, ଉଭୟ ଶାନ୍ତି ଓ ଯୁଦ୍ଧ ପାଇଁ ଆମେ ପ୍ରସ୍ତୁତ ।

ଯୁଧିଷ୍ଠିର କହିସାରିବା ପରେ ସଞ୍ଜୟ ମେଲାଣି ମାଗି ହସ୍ତିନାପୁର ବାହୁଡ଼ିଲେ। (କ୍ରମଶଃ ...)

*ନରଣପୁର, କୋଦଣ୍ଡପୁର*
*ଯାଜପୁର ଟାଉନ୍- ୭*
*ମୋ- ୮୨୪୯୬୯୩୩୦୮*



# ରତ୍ନବେଦୀ ଉଠେ ପୂରି

*ଦେବାଶିଷ ଚକ୍ରବର୍ତ୍ତୀ*

ମାଉସୀ ଘରକୁ ଯାଇଥିଲା ଜଗା
ରତନ ବେଦୀକୁ ଛାଡି
ଭାଇ ଭଉଣୀଙ୍କୁ ସାଥିରେ ନେଇ ସେ
ଆସିଲା ପୁଣି ବାହୁଡ଼ି।

ସୁନାବେଶ ପର ଦିନ ଲାଗିହେଲା
ରଥରେ ଅଧର ପଣା
ଜଗାର ଲୀଳାକୁ ବୁଝିବ କିଏ ସେ
ବୁଦ୍ଧି ହୋଇ ଯିବ ବଣା।

ଏକାଦଶୀ ଦିନ ରଥରେ ତାହାର
ହୋଇଥିଲା ସୁନାବେଶ
ତା ରୂପକୁ ଦେଖି ତିନିପୁର ଲୋକେ
ହୋଇଥିଲେ ଭାରି ତୋଷ।

ଶିରି ମନ୍ଦିରକୁ ଯାଆନ୍ତି ତାପରେ
ମୁଣ୍ଡରେ ଟାହିଆ ନାଇ
ସୁଦର୍ଶନ, ବଡ ଠାକୁରଙ୍କ ପଛେ
ଯାଆନ୍ତି ହଳଦୀ ମୁହିଁ

ତିନି ଦିଅଁଙ୍କଠି ଲାଗି ହୋଇଥିଲା
ମହଣ ମହଣ ସୁନା
ଏପରି ରୂପକୁ ଦେଖି କେ କୁହନି
ହେବ ନାହିଁ ଆନମନା ?

ହୁନ୍ଦର ଲଗାଇ ଆସଇ କାଳିଆ
ଶେଷରେ ହଲି ଦୋହଲି
ଚାରି ଦିଅଁଙ୍କର ଗହଣରେ ପୁଣି
ରତ୍ନବେଦୀ ଉଠେ ପୂରି।

*ମଣ୍ଡୁଆ, କେନ୍ଦୁଝର ଗଡ*
*ମୋ-୯୪୩୭୭୫୨୩୯୫*

# କାନ୍ଦନ୍ତି ଗୁଣ୍ଡିଚା ମାଆ

*ସୁଧାକର ରାଉତ*

ଗୁଣ୍ଡିଚା ମାଆ କାନ୍ଦନ୍ତି ଏକା
ଚାହିଁ ଜଗାର ପଥ
ଅନ୍ଧ ଲଉଡ଼ିକୁ ତାଙ୍କ ନେଇ
ଗଲା ଦୂରେ ସେ ରଥ ।

ସାତଟା ଦିନ କଟିଲା କେଣେ
ପଡ଼ିଲା ନାହିଁ ଜଣା
ପୁତ୍ର ସିନିହେ ହୋଇଥିଲେ ସେ
ସତେ କି ବାଟ ବଣା ।

କେତେ ଅପେକ୍ଷା କରିବା ପରେ
ବର୍ଷକେ ଥରେ ଆସେ
ତା ଯୋଗୁ ଗୁଣ୍ଡିଚା ମନ୍ଦିରଟା
ଖିଲି ଖିଲି ଯେ ହସେ ।

ଆଡପ ମଣ୍ଡପ ଧନ୍ୟ ହୁଏ
ଶ୍ରୀଜୀଉଙ୍କୁ ଧରି କୋଳେ
ଆଡପ ଦର୍ଶନ ଭକ୍ତ ନ୍ୟନ୍ତି
ଆହାକି ଭକ୍ତି ଭୋଳେ ।

ଗରଭ ଗୃହ, ଜଗମୋହନ
ନାଟ, ଭୋଗ ମଣ୍ଡପ
ନୀରବେ ଏବେ ଗଡାନ୍ତି ଲୁହ
ନାହିଁ ତ ପୂର୍ବ ରୂପ ।

ରୋଷଶାଳାରେ ନଜଳେ ଅଗ୍ନି
କାହିଁ ଅବଢ଼ା ଅନ୍ନ
ପୂର୍ବ କୋଳାହଳ ଆଉ ନାହିଁ
ପଡ଼ିଛି ସବୁ ଶୂନ୍ୟ ।

କାହିଁ କେତେ ଦୂରୁ ଲୋକେ ଆସି
ଦେଖି କାଳିଆ ଧନ
ଏ କଥା ଭାବି ଆନନ୍ଦେ ପୂର୍ଣ୍ଣ
ହେଉଥିଲା ମା' ମନ ।

ଭକ୍ତ ଗୁହାରୀ ଶୁଣି କାଳିଆ
ଭରିଦ୍ୟନ୍ତି ଯେ ହସ
ଜୀବନ ତାଙ୍କର ହୁଏ ଧନ୍ୟ
ଦୁଃଖର ହୁଏ ଶେଷ ।

ଗୁଣ୍ଡିଚା ମା ଗଡାନ୍ତି ଲୁହ
ଜାଣି କାଳିଆ କୂଟ
ଭକ୍ତଙ୍କ ଲାଗି ତାଙ୍କ ନାମରେ
ମିଛେ କରେ ସେ ନାଟ ।

ସାରା ଜଗତ ତାର ଭିଆଣ
ସବୁ ତାହାର ଖେଳା
ତା କଥା ଦେବେ ବି ଅଗୋଚର
ସେ ବୁଝେ ତାର ଲୀଳା ।

*ପ୍ରତାପ ନଗରୀ, କଟକ*
*ମୋ-୮୨୪୯୯୩୨୭୯୨*

# ଆସିଛି ଆଷାଢ଼ ପୁନେଇଁ

*ଧ୍ରୁବ ଚରଣ ଘିବେଲା*

ପ୍ରତ୍ୟେକ ମାସରେ ପ୍ରତି ମାସେ ଥରେ
ଆସେ ସେ ପୁନେଇଁ ତିଥି
ପୂର୍ଣ୍ଣତା ପ୍ରତୀକ ପ୍ରକାଶି ଆଲୋକ
ଆଲୋକର ପୁଣ୍ୟ ତିଥି ।

ପ୍ରତ୍ୟେକ ମାସର ପୁନେଇଁ ତିଥିର
ଥାଏ ଗୋଟେ ଗୋଟେ ନାଁ
ଆଷାଢ଼ ମାସର ପୁନେଇଁର ନାଆଁ
ରହିଛି ଗୁରୁ ପୂର୍ଣ୍ଣିମା ।

ଆଷାଢ଼ ମାସରେ ପୁନେଇଁ ତିଥିରେ
ଜନମି ଥିଲେଟି ବ୍ୟାସ
ଗୁରୁ ମଧ୍ୟେ ଶ୍ରେଷ୍ଠ ବ୍ୟାସ ଗୁରୁ ଶ୍ରେଷ୍ଠ
ଲେଖିଲେ ପୁରାଣ ଶାସ୍ତ୍ର ।


ଅଠର ପୁରାଣ କରିକି ଲିଖନ
ବନିଲେ ପୁରାଣ ସ୍ରଷ୍ଟା
ବ୍ୟାସ ପାଇଁ ଆଜି ଆଷାଢ଼ ପୁନେଇଁ
ପାଇଛି (ଗୁରୁ) ପୂର୍ଣ୍ଣିମା ମାନ୍ୟତା ।

ପୁରାଣ ଲେଖିକି ପ୍ରସିଦ୍ଧି ଲଭିକି
ବ୍ୟାସ ବନିଛନ୍ତି ଗୁରୁ
ଧନ୍ୟ ତୁମେ ଗୁରୁ ଶିଷ୍ୟ ପଣିଆରେ
ତୁମେ ଗୁରୁ ମହାମେରୁ ।

ତୁମକୁ ସ୍ମରଣ କରିକି ପାଳନ
ସୁନ୍ଦର ଗୁରୁ ପୂର୍ଣ୍ଣିମା
ଯେତେ ବଖାଣିଲେ କମ ହେବ ନିଶ୍ଚେ
ଗୁରୁ ବ୍ୟାସଙ୍କ ମହିମା ।

ଗୁରୁଙ୍କ ମହିମା ଗୁରୁଙ୍କ ଗରିମା
ଅଟଇ ସଦା ଅପାର
ଗୁରୁକୃପା ବିନା ମୁକତି ମିଳେନା
ଗୁରୁ ଦୟାର ସାଗର ।

ପାଳିବା ପାଇଁ କି ଆସିଛି ଆଷାଢ଼
ମାସର ପୁଣ୍ୟ ପୁନେଇଁ
ପାଳନ କରିକି ରଖି ଗୁରୁଭକ୍ତି
ମାନିବା ଗୁରୁ ଗୋସେଇଁ ।



*ବଉଦରାଜ-୭୬୨୦୧୪,ବୌଦ୍ଧ*
*ମୋ-୯୪୩୭୪୭୮୪୬୬*

# ଗୁରୁ ପୂର୍ଣ୍ଣିମା

*ନଗେନ୍ଦ୍ରନାଥ ପଟ୍ଟନାୟକ*



ଆଷାଢ ମାସ ପୁନେଇଁ ତିଥି
ପବିତ୍ର ଗୁରୁ ପୂର୍ଣ୍ଣିମା
ବ୍ୟାସ ଜୟନ୍ତୀ ନାମେ ପ୍ରସିଦ୍ଧ
ଅପାର ତାଙ୍କ ମହିମା ।।

ଅତି ବ୍ୟାପକ ଗୁରୁ ଶବ୍ଦଟି
ଅଭେଦ୍ୟ ତା'ର ଗରିମା
ମହୀରେ କା'ର ସାଧ ନାଇଁଟି
ଦେବାକୁ ତା'ର ଉପମା ।।

ଶିଷ୍ୟଙ୍କ ପାଇଁ ଅଧ୍ୟାତ୍ମ ଗୁରୁ
ଜନନୀ ଆଉ ଜନକ
ଆତ୍ମ-ଜ୍ଞାନର ମନ୍ତ୍ର ଶୁଣାନ୍ତି
ବିତରି ବିଦ୍ୟା ମହକ ।।

ଶମ ଦମର ପ୍ରତୀକ ଗୁରୁ
ତିତିକ୍ଷା ଗୁଣ ସମ୍ପନ୍ନ
କାୟ ମାନସ ବଚନେ ତାଙ୍କ
ଦିବ୍ୟ ଭାବର ସ୍ପନ୍ଦନ ।।

ଅଜ୍ଞାନତାରୁ ଜ୍ଞାନ ଆଲୋକ
ଗୁରୁ ହିଁ ମାର୍ଗଦର୍ଶନ
ଅନ୍ତରେ ଆତ୍ମଜ୍ଞାନ ବୀଜଟି
କରନ୍ତି ସେତ ରୋପଣ ।।

ବିଦ୍ୟାଗୁରୁ ଯେ ଶିଖାନ୍ତି ଖାଲି
ଜ୍ଞାନ କଳା କୌଶଳ
ଶିକ୍ଷା ଦିଅନ୍ତି ଅଧ୍ୟାତ୍ମ ଗୁରୁ
ସାଧନା ଓ ଭକ୍ତିର ।।

*ପ୍ରାକ୍ତନ ଅତିରିକ୍ତ ଶାସନ ସଚିବ,ଓଡ଼ିଶା ସରକାର,ଲକ୍ଷ୍ମୀସାଗର, କେନାଲ ରୋଡ*
*ମୋ-୯୪୩୮୩୩୨୧୩୮*

# ଗୁରୁ ପୂର୍ଣ୍ଣିମା ପାଳି

*ମହେନ୍ଦ୍ର କୁମାର ଘଡ଼େଇ*



ଚାରି ବେଦର ରଚନାକାର
ମହର୍ଷି ଆଦିଗୁରୁ
ଜନମଦିନ ମନେ ପକାଇ
ଆମେ ଜୁହାର କରୁ।

ପୁରାଣ ମହାଭାରତ ବ୍ରହ୍ମ
ସୂତ୍ରର ରଚୟିତା
ଜ୍ଞାନ ବିତରି ଭାରତମାତା
କଲେ ଜଗତଜିତା ।

ଗୁରୁ ପୂଜିବା ଚଳଣି ତାଙ୍କ
ପାଖରୁ ଆମେ ଶିଖି
କୋଉ କାଳରୁ ପାଳିଆସୁଛୁ
ତାହାକୁ ମନେରଖି ।

ଗୁରୁ ଚରଣେ ମଥାକୁ ରଖି
ହୋଇବା ବିଜ୍ଞବର
ଶିକ୍ଷା ଚଳଣି ପାଇଁ ସାଜିବ
ଆଗରେ ବତୀଘର ।

ସେ ବ୍ୟାସଦେବ ଭାରତ ଗୁରୁ
ସବୁରି ଘରେ ପୂଜା
ମାଟି ପାଣିରେ ପୁଲକ ଭରି
ଉଡ଼ାଏ ଜାତି ଧ୍ୱଜା ।

ସେଇ ଜାତିର ସୁତ ସୁତାଏଁ
ଗୁରୁ ପୂର୍ଣ୍ଣିମା ପାଳି
ଆମରି ହାତେ ଦେଶ ଗରିମା
ଧରିବା ଆମେ ତୋଳି ।

*କ୍ଷେତ୍ରମୋହନ ବିଦ୍ୟାପୀଠ, କଟରପଡ଼ା, ପିଠାପଡ଼ା, ନିଶ୍ଚିନ୍ତକୋଇଲି, କଟକ,*
*ମୋ-୯୪୩୭୭୪୦୫୬୬*

# ଆସିଲା ବରଷା ପାଗ

*ପବିତ୍ର କୁମାର ସାହୁ*

ଝିପି ଝିପି ପଡ଼େ ମେଘ
ଆସିଲା ବରଷା ପାଗ
ବଣରେ ମୟୂର ପୁଚ୍ଛ ମେଲିଦେଇ
ନାଚଇ ସେ କେଡ଼େ ବାଗ ।୧

ନଈରେ ବଢ଼ିଲା ପାଣି
ମନେପଡ଼େ ନଈ ବଢ଼ି
ନାଉରୀ ଭାଇଟି କାତ ଧରିଲାଣି
ହରଷେ ଡଙ୍ଗାରେ ଚଢ଼ି ।୨

ଖେଳିଲେଣି ମାଛ ଦେଖ
କଇଁଛ କାଢ଼ିଛି ବେକ
ପୋଖରୀରେ ପାଣି ଉବୁଟୁବୁ ଦେଖି
ବଗୁଲୀ ଛାଡ଼ଇ ଡାକ ।୩

ଆକାଶରେ ଜହ୍ନ ଦେଖି
କଇଁ ଫୁଲ ଖୋଲେ ଆଖି
ଚାରିଆଡ଼େ ଏବେ ସବୁଜ ସୁନ୍ଦର
ମନ ଲାଖିଯାଏ ଦେଖି ।୪

ପାଣି କାଦୁଅରେ ପଡ଼ି
ଚଷା ଭାଇ ହଳ ଧରି
ଫଳାଇ ଦିଏ ସେ ସୁନାର ଫସଲ
ମୁଣ୍ଡ ଝାଳ ତୁଣ୍ଡେ ମାରି ।୫

ଜାମୁ କୋଳି ପେଚ୍ଛା ପେଚ୍ଛା
ହସିଉଠେ ନଈପଠା
ଇନ୍ଦ୍ରଧନୁ ଦେହେ ରଙ୍ଗ ବୋଳି ହୋଇ
ମାରଇ ଚାହାଁଣି ଫୁଟା ।୬

ତେଲିଙ୍ଗି ବାଇଦ ବଜା
ରଥ ଖଳା ହେଲା ସଜା
ଆଷାଢ଼ରେ ହେବ ରଥ ଯାତରା ଲୋ
ଆସିବେ କାଳିଆ ରଜା ।୭

ବବୁଲୁ ଧରିଲା ଛତା
ନମାନି ଝଡ଼ି ବରଷା
ବିଦ୍ୟାଳୟ ଯାଇ ପାଠ ପଢ଼ିବ ସେ
ମନରେ ବାନ୍ଧିଛି ଆଶା ।୮

*ସଂସ୍କୃତ ଶିକ୍ଷକ, ଅତାସାହି, ଆନନ୍ଦପୁର, କେନ୍ଦୁଝର*
*ମୋ- ୯୭୭୭୫୬୦୯୨୧*



# ଆସିଲା ବରଷା ଝଡ଼ି

*କୀର୍ତ୍ତନ ସାହୁ*

ନଥିଲା ବରଷା ଆସିଗଲା ଏବେ
ଲଗାଣ ବରଷା ଝଡ଼
ଘରୁ ବାହାରକୁ ଛାଡି ଦେଉନାହିଁ
ସାନ ହେଉ ଅବା ବଡ ।

ନଦୀ ନାଳ କୂଅ ସବୁ ପୂରିଗଲା
ବରଷା ଜଳରେ ଏବେ
ରାସ୍ତା ଘାଟ ସବୁ ଚପର ଚପର
ବାହାରକୁ ଯିବ ଯେବେ ।

ବେଙ୍ଗ ବେଙ୍ଗୁଲିଙ୍କ ଗୀତ ଶୁଭୁ ଅଛି
କଟର କଟର କେଁ '
କୁନି ପୁଅ ପେଁକାଳି ବଜାଉଛି
ପପର ପପର ପେଁ ' ।
ନୂଆ ଜଳ ଦେଖି ମାଛ ଖେଳୁଛନ୍ତି
ଦେଖିବାକୁ ଭଲ ଲାଗେ
ଚାଷୀ ଭାଇଙ୍କର କାମ କରିବାକୁ
ମନରେ ସରାଗ ଜାଗେ।

ବରଷାତି ପିନ୍ଧି ଅବା ଛତା ଧରି
ସ୍କୁଲକୁ ଯାଆନ୍ତି ପିଲା
ଚାରି ଆଡ଼େ ଏବେ ଓଦା ଓଦା ଲାଗେ
କାଲି ଯା ଶୁଖିଲା ଥିଲା ।

ବରଷା ପାଗଟି ଭାରି ଖୁସି ଲାଗେ
ଗରମ ଖାଇବା ମନ
ଘରେ ସବୁ ମିଶି ଖୁସିରେ ଚଳିବା
ଇଏ ତ ଅସଲ ଧନ ।

*ମିଶ୍ର କଲୋନୀ,ଶାଳପଡ଼ା,କେନ୍ଦୁଝର*
*ଦୂର ଭାଷ- ୯୪୩୮୪୧୪୭୦୧*

# ଆସିଗଲା ବର୍ଷା ଦିନ

*ସୁରମା ମିଶ୍ର*



ଶୁଣ ପିଲାମାନେ ଶୁଣ ଶୁଣ
କଥା ପଦେ ମୋର ମାନ ମାନ
ଆସିଗଲା ଏବେ ବର୍ଷା ଦିନ
ମେଘ ବରଷିବ ଘନ ଘନ ॥

ବରଷାରେ ଓଦା ହୋଇବନି
ଶରୀର ଅସୁସ୍ଥ କରିବନି
ବାସୀ ସଢ଼ା ଖାଦ୍ୟ ଖାଇବନି
ଦୂଷିତ ପାଣିକୁ ପିଇବନି ॥

ଯଦି ଦେହ ସୁସ୍ଥ ରହିବନି
ମନ ଦେଇ ପଢ଼ି ପାରିବନି
ଶ୍ରେଣୀରେ ପଛୁଆ ହୋଇଯିବ
ଗୁରୁଜୀଙ୍କ ସ୍ନେହ ହରାଇବ ॥

ଶରୀରଟି ସୁସ୍ଥ ରଖିଥିଲେ
ପଢାରେ ମନଟି ଲାଗେ ଭଲେ
ଏ କଥାଟି ମନେ ରଖିଥିବ
ସହପାଠୀଙ୍କୁରେ ବୁଝାଇବ ॥

ଘର ଚାରିପାଖ ସଫା କରି
ଅଳିଆକୁ ଦେବ ଦୂର କରି
ଜୀବାଣୁ କୀଟାଣୁ ଆସିବେନି
ଶରୀରର କ୍ଷତି କରିବେନି ॥

ସୁସ୍ଥ ଜୀବନଟି କଟାଇବ
ପଢାରେ ସର୍ବଦା ମନ ଦେବ
ହୋଇବ ଗୋଟିଏ ଭଲ ଛାତ୍ର
ବାପା ମାଆ ଖୁସି ହେବେ ବହୁତ ॥

*ବିଏଲ୍-୩୯, ଭିଏସ୍ଏସ୍ ନଗର, ଭୁବନେଶ୍ୱର*
*ମୋ-୯୮୫୩୩୪୩୯୬୫*

# ଆଷାଢ଼ ଆସିଛି

*ରମାକାନ୍ତ ଦାସ*

ଆଷାଢ଼ ଆସିଛି, ଧରଣୀ ହସୁଛି,
ଜଳୁଛି ବିଜୁଳି ରୋଷଣୀ।
ବାଦଲ ଅଙ୍ଗରୁ ଝରେ ବର୍ଷାଧାର,
ଆସିଛି ମୌସୁମୀ ରାଣୀ ।।

ଇନ୍ଦ୍ରଧନୁର ସେ ସପ୍ତରଙ୍ଗରେ
ସୁନ୍ଦର ଦିଶଇ ଧରା,
ଆକାଶ ନଈରେ ବାଦଲ ଭାସୁଛି,
ପଡ଼ଇ ସୁନେଲି ଖରା ।।

ସବୁଜ ସୁନ୍ଦର ଦିଶୁଛି ଧରଣୀ,
ଫୁଟିଛି କଦମ୍ବ କଢ଼ି,
କଦମ୍ବ ବାସ୍ନାରେ ମହକଇ ମହୀ,
ଆସିଲେ ବରଷା ଝଡ଼ି ।।

ମେଘମାଳା ଦେଖି ମୟୂର ନାଚୁଛି,
ଧରଣୀ ହୋଇଛି ସଜ,
ଛତୁବୁଦା ମୂଳେ ମଣ୍ଡୁକ ଡାକଇ,
ଧରଣୀ ପିନ୍ଧିଛି ସାଜ ।।

ମେଘ ମୁକୁଟ ପିନ୍ଧି ଆଷାଢ଼ ଆସିଛି,
ଧରଣୀ ଶସ୍ୟ-ଶ୍ୟାମଳା,
ଚଷାଭାଇ ମନେ ଖୁସି ସେ ଭରିଛି,
ହସିଲା ସୁନ୍ଦରୀ ମହୀବଳା ।।

ଆନନ୍ଦେ ଚାତକ ଗାଉଥାଏ ଗୀତ
ବରଷା ରାଣୀକୁ ପାଇ,
ଧରଣୀ ରାଣୀ ଯେ ଫଳବତୀ ହେଲା,
ପହିଲି ଆଷାଢ଼ ଛୁଇଁ ।।

*ନନ୍ଦିଗ୍ରାମ,ନାଉଗାଁ,ଜଗତସିଂହପୁର*
*ମୋ- ୯୬୬୮୮୧୫୩୬୯*

# ସତର୍କ ରହିବା:ସୁରକ୍ଷିତ ରହିବା

*ଡ. ସନ୍ତୋଷ କୁମାର ପଣ୍ଡା*



ଆସିଲାଣି ବର୍ଷା, ଭାସିଲାଣି ମେଘ,
ବନ୍ୟା ପାଣି ଆସେ ବଢ଼ାଇକି ବେଗ।
ବଜ୍ର ନାଦେ ଗର୍ଜେ ଆକାଶର ମେଘ,
ନଈ ନାଳ ସବୁ ପୂରିଲାଣି ସାଙ୍ଗ।
ଖେଳିବାନି ପିଲେ ବର୍ଷା ଭିଜି ଭିଜି,
ମଇଳା ପାଣିରେ ଯିବା ନାହିଁ ମଜି।
ନଈ କୂଳେ ଆଦୌ କରିବାନି ମେଳା,
ପାଣି ସାଥେ କେବେ କରିବାନି ଖେଳା।
ନାଳ ଓ ନର୍ଦ୍ଦମା ଖୋଲାଥିବ ଯେବେ,
ସେହି ବାଟେ ପାଦ ଦେବାନାହିଁ କେବେ।
ବୁଡ଼ିଯିବ ବୋଲି ଭୟ ଥାଏ ସଦା,
ସତର୍କତା ମନେ ରଖିବା ସର୍ବଦା।
ବନ୍ୟା ପାଣି ଆସି ପଶିଲେ ଗାଁରେ,
ଉଚ୍ଚ ସ୍ଥାନେ ଯାଇ ରହିବାରେ ଧୀରେ।
ସାପ, ଜୀବଜନ୍ତୁ ଭୟ ଥାଏ ବାଟେ,
ବିଜୁଳି ଖୁଣ୍ଟକୁ ଛୁଇଁବାନି ମୋଟେ।
ସାବଧାନ ରହି ଚାଲିବା ତ ଆମେ,
ବିପଦକୁ ଦୂରେ ଠେଲିଦେବା କାମେ।
ସୁରକ୍ଷିତ ରହି ହସିବାରେ ଯେବେ,
ବୁଦ୍ଧିମାନ ଶିଶୁ କୁହାଇବା ତେବେ।

*କଟକ*

# ବଡ଼ ହେବା କେମିତି ?



ବିଜୟଲକ୍ଷ୍ମୀ ପାଣିଗ୍ରାହି



ଟିକି ସେଦିନ ଭାରି ଅନ୍ୟମନସ୍କ ଜଣାପଡୁଥିଲା। ମାଆ ବିଭାମୟୀ ଦୁଇଥର ତା' ପଢ଼ା ଟେବୁଲ ପାଖରୁ ଫେରି ଆସିଲେଣି ସତ ମାତ୍ର ଟିକି ତାଙ୍କୁ ତା'ର ସନ୍ଦେହ କିଛି ପଚାରୁ ନାହିଁ। ସ୍କୁଲରୁ ଫେରିଲା ପରେ ଟିକିର ଶିକ୍ଷକ ହେବାକୁ ବିଭାଦେବୀ ଖୁବ ପସନ୍ଦ କରନ୍ତି। କାରଣ ଜଣେ ଶିକ୍ଷୟିତ୍ରୀ ହେବାପାଇଁ ତାଙ୍କର ଭାରି ଇଚ୍ଛା ଥିଲା। ବାହାଘର ପୂର୍ବରୁ ବେସରକାରୀ ବିଦ୍ୟାଳୟରେ ଶିକ୍ଷୟିତ୍ରୀଟିଏ ହୋଇଥିଲେ । ମାତ୍ର ବାହାଘର ପରେ ଘରକରଣା ଚାପରେ ତାଙ୍କ ସ୍କୁଲ ଯିବା ବନ୍ଦ ହୋଇଗଲା। ସେ ଯାହାହେଉ ଆଜି ବୋଧହୁଏ ଟିକି ସବୁ ସ୍କୁଲ ପାଠ ବୁଝି ଯାଇଛି। କ'ଣ କ'ଣ ବୁଝିଛି ତାଙ୍କୁ ଟିକେ ବୁଝାନ୍ତା ନାହିଁ। ସେଥିପାଇଁ ସେ ଟିକି ପାଖକୁ ଯାଇ ପଚାରିଲେ।

- ଆଜି ବିଦ୍ୟାଳୟରେ କ'ଣ ସବୁ ପଢ଼ିଲୁ ? କିଛି ପାଠ ଅବୁଝା ନାହିଁ ପରା ?

- ବେଶି କଥା ଆଜି ବୁଝି ହୋଇନାହିଁ ମାଆ।

- କେଉଁ ବିଷୟ ?

- ସେଇଟା କେଉଁ ବିଷୟରେ ଯିବନାହିଁ। ସେଇଟା ଦିଦିମାନଙ୍କର କଥା।

- ଦିଦିମାନଙ୍କର କଥାରେ ତୁ କାହିଁକି ମୁଣ୍ଡ ଖେଳାଉଛୁ। ସେ ସବୁ ବଡ଼ ଲୋକଙ୍କ କଥା ।

- ନାଇଁ ମାଆ, ଆମର ଜଣେ ଦିଦି ଆଜି ବଡ଼ ଦିଦିଙ୍କ ଉପରେ ଭାରି ରାଗୁଥିଲେ। କହୁଥିଲେ, ତୁମେ ବଡ଼ ପୋଷ୍ଟରେ ରହିଲେ କ'ଣ ହେବ ? ମୁଁ ତୁମଠାରୁ ଚାକିରି କାଳରେ ବଡ଼। ସେଥିପାଇଁ ତୁମେ ମୋତେ କିଛି କହିପାରିବନାହିଁ। ସେ ସିଆର୍‌ସିସି ଦିଦି ମଧ୍ୟ ଆଜିର ପିଲା । ସେ ଆମକୁ ପାଠପଢ଼ା ଶିଖାଇବ କି ? ଜାଣିଛ ମାଆ ! ସିଆର୍‌ସିସି ଦିଦି ପଢ଼ାଇଲେ ମାତ୍ର ଭାରି ଭଲ ଲାଗେ। ସେ ନଚାନ୍ତି, ଖେଳାନ୍ତି, ଗାଇବାକୁ ଦିଅନ୍ତି ଆଉ କାହାଣୀ ଶୁଣାଇ ପାଠ ପଢ଼ାନ୍ତି।

ଏହାଶୁଣି ବିଭାଦେବୀ ଟିକେ ହସିଦେଲେ। ତା'ପରେ ଟିକିକୁ ଡାକି ଛାତ ଉପରକୁ ନେଲେ। ବଗିଚାରେ ଥିବା ତିନୋଟି ଗଛକୁ ଦେଖାଇଲେ। କହିଲେ, ବୁଝିଲୁ ଟିକି ତୋ ଜେଜେ ବାପା ସେହି ଗୁଆ ଗଛଟିକୁ ପ୍ରଥମେ ଲଗାଇଥିଲେ। ଗଛଟି ବୁଢ଼ା ହେବାକୁ ଆସିଲାଣି। ତା' ପାଖରେ ଯେଉଁ ତାଳ ଗଛଟି ଦେଖୁଛୁ ସେଇଟା ତାପରେ ଲଗାଇଲେ। ତା'ର ଉପକାରୀ ଗୁଣ ପାଇଁ ଦେଖ ତାଳ ଗଛରେ କେତେ ବାୟାବସା। ଗଛଟି ନିଜର ଗୁଣ ବହନ କରି ଖୁବ୍ ଉଚ୍ଚା ମଧ୍ୟ ହୋଇଛି। ଝଡ଼ ତୋଫାନରୁ, ବଜ୍ରପାତରୁ ଆମ ଘରକୁ ରକ୍ଷା କରୁଛି।

-ତାହାହେଲେ ଗୁଆ ଗଛର କିଛି ଉପକାରୀ ଗୁଣ ନାହିଁ ? ଆମକୁ ସିଆର୍‌ସିସି ଦିଦି ଗୋଟେ ଗପ କହୁଥିଲେ। ସେ ଗ୍ରୁପ୍‌ରେ ଥିଲା ଯେ କେଉଁ ଗଛ ବି ଅଦରକାରୀ ନୁହେଁ।

- ହଁ ତୁ ଠିକ୍ କଥା ଶୁଣିଛୁ। ଆମ ପୃଥିବୀରେ ଯେତେ ଦ୍ରବ୍ୟ ତୁ ଦେଖୁଛୁ, ପ୍ରାଣୀ ଓ ଉଦ୍ଭିଦ ଦେଖୁଛୁ, ଭଗବାନ ସମସ୍ତଙ୍କୁ କିଛି ନା କିଛି ଗୁଣ ଦେଇଛନ୍ତି। ମାତ୍ର ଆମେ ସମସ୍ତେ ସବୁ ଗୁଣକୁ ସମ ପରିମାଣରେ ପ୍ରକାଶ କରିପାରୁନାହୁଁ। ଯିଏ ଭଲଗୁଣ ସବୁକୁ ଧରି ରଖିପାରିଲା ସେ ଅନ୍ୟଠାରୁ ସେତିକି ଶ୍ରଦ୍ଧା ପାଇପାରିଲା। ଆଉ ଯିଏ ନାହିଁ ସେ ହିଁ ହତାଦର ହେଲା।

ଟିକିର ମୁଣ୍ଡ ହଲେଇବା ଦେଖି ବିଭାଦେବୀ ପୁଣି ଆରମ୍ଭକଲେ ତାଙ୍କ କଥା।

- ଦେଖ... ସେହି ତାଳଗଛ ପାଖରେ ଥିବା ଝଙ୍କାଳିଆ ଆମ୍ବ ଗଛଟିକୁ। ତା'ର ବୟସ ମାତ୍ର ଛଅ ବର୍ଷ। ଦେଖ ସବୁ ପକ୍ଷୀ କେମିତି ତା' ଡାଳରେ ବସି କିଚିରିମିଚିରି ଶବ୍ଦକରି ଖୁସିରେ ଖେଳୁଛନ୍ତି। ଫଳ ଦେଉଥିବା ଯୋଗୁ ମାଲିକ ତା'ର ଯତ୍ନ ନେଉଛନ୍ତି। କୁକୁର, ଗାଈ ଭଳି ପଶୁମାନେ ତା' ମୂଳରେ ବିଶ୍ରାମ ନେଉଛନ୍ତି। ଏମିତି ଲାଗୁନି, ସେ ସମସ୍ତଙ୍କର ପ୍ରିୟ।

- ହୁଁ... ଯାହା ପାଖରେ ବେଶି ଉପାଦେୟ ଗୁଣ ରହିଥିବ ସେ ହିଁ ସେତିକି ଆଦର ପାଇବ।

- ହଁ ରେ ମାଆ ! ବେଶି ବର୍ଷର ଗଛ ହେଲେବି, ଗୁଆଗଛ ବେଶି ଲୋକଙ୍କର ଆଦର ପାଉନାହିଁ। ତା'ଠାରୁ କମ୍ ବୟସ ହେଲେ ବି ତାଳଗଛ ଆଉ ଆମ୍ବଗଛକୁ ସମସ୍ତେ ପସନ୍ଦ କରନ୍ତି। ତେଣୁ ବୟସରେ ବଡ଼ ହେବା ସେତେ ଆବଶ୍ୟକ ନୁହେଁ ଯେତେ ଆବଶ୍ୟକ ସମୟକୁ ସଦୁପଯୋଗ କରି ସମସ୍ତଙ୍କପାଇଁ ଉପାଦେୟ କାର୍ଯ୍ୟ କରିବା। ଆମ କର୍ମ ହିଁ ଆମକୁ ବଡ଼ କରିଥାଏ। ବୟସ ନୁହେଁ।

ସେତେବେଳକୁ ରାତିପାହି ସକାଳ ହେଲା ପରି ଟିକିର ମୁହଁରୁ ସବୁଦ୍ୱନ୍ଦ୍ୱ ହଟିଯାଇ ପ୍ରଫୁଲ୍ଲତାର ସୁରୁଜଟିଏ ଉଇଁ ଆସିଥିଲା। ସେ ମାଆଙ୍କ ହାତ ଟାଣି ଟାଣି ଘରକୁ ନେଉଥିଲା ଦିଦି ଦେଇଥିବା ଘର ପାଠକାମ କରିବା ପାଇଁ ।

*ଶିକ୍ଷୟିତ୍ରୀ, ଜୟପୁର(କୋରାପୁଟ)*
*ମୋ- ୮୨୪୯୪୫୦୦୫୦*

32 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର,୩୦ ଜୁଲାଇ, ଗୁରୁବାର,୨୦୨୬



## ॥ ମହିଳା ହକି ବିଶ୍ୱକପ୍ ॥

# ୟୁରୋପ ଗସ୍ତ କଲା ଭାରତୀୟ ଦଳ

**ନୂଆଦିଲ୍ଲୀ**

ବେଲ୍‌ଜିୟମ ଓ ନେଦରଲାଣ୍ଡ୍‌ସରେ ଅଗଷ୍ଟ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ଖେଳାଯିବାକୁ ଥିବା ଏଫ୍‌ଆଇଏଚ୍ ହକି ବିଶ୍ୱକପ୍ ଲାଗି ଭାରତୀୟ ମହିଳା ଦଳର ଗସ୍ତ ଆରମ୍ଭ ହୋଇଛି। ବୁଧବାର ସକାଳେ ଏହି ଦଳ ୟୁରୋପ ଗସ୍ତ କରିଛି। ବିଶ୍ୱକପ୍ ପୂର୍ବରୁ ଶେଷ ପ୍ରସ୍ତୁତ ପାଇଁ ଦଳ ବେଙ୍ଗାଲୁରୁ ମୁମ୍ବାଇ ଦେଇ ଜର୍ମାନୀର ଫ୍ରାଙ୍କ୍‌ଫୁର୍ଟ ଯାଇଛି।

ଫ୍ରାଙ୍କ୍‌ପୁର୍ଟରେ ଭାରତୀୟ ଦଳ ଦୁଇଟି ଅଭ୍ୟାସ ମ୍ୟାଚ୍ ଜୁଲାଇ ୩୧ ଓ ଅଗଷ୍ଟ ୧ ତାରିଖରେ ଜର୍ମାନୀ ବିପକ୍ଷରେ ଖେଳି ୟୁରୋପୀୟ ପରିବେଶକୁ ପରଖିବ। ଏହି ତାଲିମ ଶିବର ପରେ ଦଳ ଅଗଷ୍ଟ ୨ରେ ଆମଷ୍ଟରଡାମ୍ ଗସ୍ତ କରି ବିଶ୍ୱକପ୍ ଲାଗି ନେଦରଲାଣ୍ଡ୍‌ସରେ ପ୍ରସ୍ତୁତ ହେବ। ପୁଲ୍-ଡି'ରେ ଭାରତ ଅଗଷ୍ଟ ୧୬ରେ ଚୀନ୍ ବିପକ୍ଷରୁ ଅଭିଯାନ ଆରମ୍ଭ କରିବ। ଏହାପରେ ଦକ୍ଷିଣ ଆଫ୍ରିକା ଓ ଇଂଲଣ୍ଡ ବିପକ୍ଷରେ ଖେଳି ପୁଲ୍ ପର୍ଯ୍ୟାୟ ଶେଷ କରିବ।



## ଆଇସିସି ଟି-୨୦ ର୍‍ୟାଙ୍କିଂର ଟପ୍-୫୦ରେ ପହଞ୍ଚିଲେ ବୈଭବ

# ଦିନିକିଆରେ ଗିଲ୍ ନମ୍ବର-ୱାନ୍

**ଦୁବାଇ**

ଆଇସିସିର ସଦ୍ୟତମ ଟି-୨୦ ର୍‍ୟାଙ୍କିଂରେ ଭାରତର ଯୁବ ବ୍ୟାଟର ବୈଭବ ସୂର୍ଯ୍ୟବଂଶୀ ବିଶ୍ୱର ଟପ୍-୫୦ ବ୍ୟାଟରଙ୍କ ମଧ୍ୟରେ ସ୍ଥାନ ପାଇଛନ୍ତି। ସେ ୨୩୦ଟି ସ୍ଥାନ ଉପରକୁ ଉଠିଛନ୍ତି। ଅନ୍ୟପଟେ ଶୁବମନ ଗିଲ୍ ଦିନିକିଆର ନମ୍ବର-୧ ବ୍ୟାଟର ବନିଯାଇଛନ୍ତି। ଜିମ୍ବାୱେ ବିପକ୍ଷ ଟି-୨୦ ସିରିଜ୍‌ରେ ସୂର୍ଯ୍ୟବଂଶୀଙ୍କୁ 'ପ୍ଲେୟାର ଅଫ୍ ଦି ସିରିଜ୍' ଚୟନ କରାଯାଇଥିଲା। ଦଳ ଏହି ସିରିଜ୍‌କୁ ୩-୦ରେ କ୍ଲିନ୍ ସ୍ୱିପ୍ କରିଥିଲା।

୧୫ ବର୍ଷୀୟ ସୂର୍ଯ୍ୟବଂଶୀ ନିଜ ଅନ୍ତର୍ଜାତୀୟ କ୍ୟାରିୟରର ଆରମ୍ଭରେ ହିଁ ଆଇସିସି ମେନ୍ସ ଟି-୨୦ ବ୍ୟାଟିଂ ର୍‍ୟାଙ୍କିଂରେ ବଡ଼ ଅଭିବୃଦ୍ଧି ହାସଲ କରିଛନ୍ତି। ଜିମ୍ବାୱେ ବିପକ୍ଷ ହରାରେଠାରେ ଖେଳାଯାଇଥିବା ସିରିଜ୍‌ରେ ସେ ୫୦.୩୩ ହାରରେ ୧୫୧ ରନ୍ କରିଥିଲେ। ଏହି ପ୍ରଦର୍ଶନ ବଳରେ ସେ ୨୩୦ଟି



ସ୍ଥାନ ଉପରକୁ ଉଠି ୫୩୬ ରେଟିଂ ପଏଣ୍ଟ ସହ ନିଜ କ୍ୟାରିୟରର ଶ୍ରେଷ୍ଠ ୪୮ତମ ର୍‍ୟାଙ୍କିଂରେ ପହଞ୍ଚି ଯାଇଛନ୍ତି।

ଟି-୨୦ ବ୍ୟାଟରଙ୍କ ତାଲିକାରେ ଭାରତୀୟ ୱିକେଟକିପର-ବ୍ୟାଟର ଇଶାନ କିଶନ ନମ୍ବର-୧ ସ୍ଥାନରେ ରହିଛନ୍ତି। ଜିମ୍ବାୱେ ବିପକ୍ଷ ଦ୍ୱିତୀୟ ଟି-୨୦ ମ୍ୟାଚ୍‌ରେ ୮୧ ରନ୍‌ର ଇନିଂସ ଖେଳିବା ପରେ ସେ ନିଜ କ୍ୟାରିୟରର ଶ୍ରେଷ୍ଠ ୯୧୬ ରେଟିଂ ପଏଣ୍ଟ ହାସଲ କରିଥିଲେ। ସିରିଜ୍ ଶେଷ ହେବା ବେଳକୁ ସେ ୯୧୦ ପଏଣ୍ଟରେ ରହିଥିଲେ, ଯାହା ଦ୍ୱିତୀୟ ସ୍ଥାନରେ ଥିବା ସାହିବଜାଦା ଫରହାନ (୮୪୮ ପଏଣ୍ଟ)ଙ୍କଠାରୁ ବହୁତ ଆଗରେ ଅଛି।

ଇଶାନଙ୍କ କ୍ୟାରିୟରର ଶ୍ରେଷ୍ଠ ୯୧୬ ରେଟିଂ ପଏଣ୍ଟ ହେଉଛି ଟି-୨୦ ଇତିହାସର ତୃତୀୟ ସର୍ବାଧିକ ଅଲ୍-ଟାଇମ୍ ରେଟିଂ। ଏହି ତାଲିକାରେ ତାଙ୍କଠାରୁ ଆଗରେ କେବଳ ଭାରତର ଅଭିଷେକ ଶର୍ମା (୯୩୧) ଏବଂ ଇଂଲଣ୍ଡର ଡେଭିଡ୍ ମଲାନ୍ (୯୧୯) ଅଛନ୍ତି। ଏହି ରେଟିଂ ସହିତ ଇଶାନ, ବିରାଟ କୋହଲି (୯୦୯) ଏବଂ ସୂର୍ଯ୍ୟକୁମାର ଯାଦବ (୯୧୨)ଙ୍କ ଅଲ୍-ଟାଇମ୍ ରେଟିଂ ରେକର୍ଡକୁ ପଛରେ ପକାଇ ଦେଇଛନ୍ତି।

ୱେଷ୍ଟଇଣ୍ଡିଜ୍ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ସିରିଜ୍ ଶେଷ ହେବା ପରେ ଦିନିକିଆ ରାଙ୍କିଂର ଶୀର୍ଷ ସ୍ଥାନରେ ପରିବର୍ତ୍ତନ ହୋଇଛି। ନ୍ୟୁଜିଲାଣ୍ଡର ଡେରିଲ୍ ମିଚେଲ୍ ମ୍ୟାଚ୍ ନଖେଳିବା କାରଣରୁ ଭାରତର ଶୁବମନ ଗିଲ୍ ପୁଣିଥରେ ଦିନିକିଆ ର୍‍ୟାଙ୍କିଂରେ ନମ୍ବର-୧ ବ୍ୟାଟର ବନିଯାଇଛନ୍ତି। ମିଚେଲ୍ ଚଳିତ ବର୍ଷ ଜାନୁଆରୀ ମାସରୁ ଶୀର୍ଷ ସ୍ଥାନରେ ରହିଥିଲେ।

ବୋଲରମାନଙ୍କ କଥା କହିଲେ, ଲେଗ୍ ସ୍ପିନର୍ ରବି ବିଷ୍ଣୋଇ ୩୧ଟି ସ୍ଥାନ ଉପରକୁ ଉଠି ୪୧ତମ ସ୍ଥାନରେ ପହଞ୍ଚିଛନ୍ତି। ଅନ୍ୟପଟେ ଆଘାତ କାରଣରୁ ଜିମ୍ବାୱେ ଗସ୍ତରୁ ବାଦ୍ ପଡ଼ିଥିବା ବରୁଣ ଚକ୍ରବର୍ତ୍ତୀ ତିନୋଟି ସ୍ଥାନ ତଳକୁ ଖସି ଯାଇଛନ୍ତି। ବରୁଣ ଚକ୍ରବର୍ତ୍ତୀ ବର୍ତ୍ତମାନ ମଧ୍ୟ ଟପ୍-୧୦ ମଧ୍ୟରେ ବଜାୟ ରହିଛନ୍ତି।

# ଏସୀୟ କ୍ରୀଡ଼ା ୨୦୨୬ ପାଇଁ ଭାରତୀୟ ପୁରୁଷ ହକି ଦଳ ଘୋଷଣା



**ନୂଆଦିଲ୍ଲୀ**

ଜାପାନରେ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ପର୍ଯ୍ୟନ୍ତ ଏସୀୟ କ୍ରୀଡ଼ା ୨୦୨୬ ଆୟୋଜିତ ହେବାକୁ ଯାଉଛି। ଏଥି ପାଇଁ ହକି ଇଣ୍ଡିଆ ବୁଧବାର ଦିନ ଏସୀୟ କ୍ରୀଡ଼ା ପାଇଁ ପୁରୁଷ ଦଳ ଘୋଷଣା କରିଛି। ହରମନପ୍ରୀତ ସିଂହ ପୁଣିଥରେ ଭାରତର ଅଧିନାୟକତ୍ୱ କରୁଥିବାର ନଜର ଆସିବେ। ଅନ୍ୟପଟେ ଭାରତ ପାଇଁ ସର୍ବାଧିକ ମ୍ୟାଚ୍ ଖେଳିଥିବା ଖେଳାଳି ଅର୍ଥାତ ମିଡ୍‌ଫିଲ୍ଡର ମନପ୍ରୀତ ସିଂହଙ୍କୁ ମଧ୍ୟ ଏହି ଦଳରେ ସାମିଲ କରାଯାଇଛି। ଭାରତ ଏହି ପ୍ରତିଷ୍ଠିତ ପ୍ରତିଯୋଗିତାରେ ଡିଫେଣ୍ଡିଂ ଚାମ୍ପିଅନ୍ ରହିଛି। ଭାରତ ୨୦୨୩ ମସିହାରେ ଚୀନ୍‌ଠାରେ ଆୟୋଜିତ ଏସୀୟ କ୍ରୀଡ଼ାରେ ସ୍ୱର୍ଣ୍ଣ ପଦକ ଜିତିଥିଲା।

ହରମନପ୍ରୀତ ବ୍ରିଗେଡ୍ ଚଳିତ ଥର ମଧ୍ୟ ଟାଇଟଲ୍ ଜିତିବା ଲକ୍ଷ୍ୟରେ ପଡ଼ିଆକୁ ଓହ୍ଲାଇବ। ଭାରତୀୟ ଦଳକୁ ପୁଲ୍-ଏ'ରେ ଆୟୋଜକ ଜାପାନ, କୋରିଆ, ବାଂଲାଦେଶ, ଶ୍ରୀଲଙ୍କା ଓ ଇଣ୍ଡୋନେସିଆ ସହିତ ରଖାଯାଇଛି। ସ୍ୱର୍ଣ୍ଣ ପଦକ ପାଇଁ ମୋଟ ୧୨ଟି ଦଳ ମଧ୍ୟରେ ପ୍ରତିଯୋଗିତା ହେବ। ଯାହାକୁ ଛଅ-ଛଅ ଦଳ ବିଶିଷ୍ଟ ଦୁଇଟି ପୁଲ୍‌ରେ ବିଭକ୍ତ କରାଯାଇଛି। ସମସ୍ତ ମ୍ୟାଚ୍ କାକାମିଗାହାରାର ଗିଫୁ ପ୍ରିଫେକ୍ଚରାଲ୍ ଗ୍ରୀନ୍ ଷ୍ଟାଡିୟମ୍‌ରେ ଖେଳାଯିବ।

ଦଳ ଚୟନ ଉପରେ ଆଲୋଚନା କରି ମୁଖ୍ୟ କୋଚ୍ କ୍ରେଗ୍ ଫୁଲଟନ୍ କହିଛନ୍ତି, 'ଏସୀୟ କ୍ରୀଡ଼ା ପାଇଁ ଚୟନ କରାଯାଇଥିବା ଭାରତୀୟ ଦଳ ଅତ୍ୟନ୍ତ ଅଭିଜ୍ଞ। ଆମେ ଜାପାନରେ ଖେଳିବାର ଆହ୍ୱାନ ପାଇଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଅଛୁ, କାରଣ ସେଠାରେ ଜିତିବାକୁ ଥିବା ଦଳ ଲସ୍ ଆଞ୍ଜେଲସ୍ ୨୦୨୮ ଅଲିମ୍ପିକ୍ସ ପାଇଁ କ୍ୱାଲିଫାଏ କରିବ ଏବଂ ଏକ ଦଳ ତଥା ଦେଶ ଭାବରେ ଏହା ହିଁ ଆମର ମୁଖ୍ୟ ଲକ୍ଷ୍ୟ।'

ହରମନପ୍ରୀତ ବ୍ରିଗେଡ୍ ଏସୀୟ କ୍ରୀଡ଼ା ୨୦୨୬ ରେ ନିଜର ଅଭିଯାନ ସେପ୍ଟେମ୍ବର ୨୦ ତାରିଖରେ ଇଣ୍ଡୋନେସିଆ ବିପକ୍ଷରେ ଆରମ୍ଭ କରିବ। ଏହା ପରେ ଭାରତ ସେପ୍ଟେମ୍ବର ୨୨ ରେ ଶ୍ରୀଲଙ୍କା, ସେପ୍ଟେମ୍ବର ୨୪ ରେ କୋରିଆ ଏବଂ ସେପ୍ଟେମ୍ବର ୨୬ ରେ ଜାପାନ ସହ ମୁହାଁମୁହିଁ ହେବ। ଅନ୍ୟପଟେ ସେପଟେମ୍ବର ୨୮ରେ ବାଂଲାଦେଶ ବିପକ୍ଷରେ ପୁଲ୍ ଷ୍ଟେଜ୍‌ର ନିଜର ଶେଷ ମ୍ୟାଚ୍ ଖେଳିବ।

ଏସୀୟ କ୍ରୀଡ଼ା ୨୦୨୬ ପାଇଁ ଭାରତୀୟ ପୁରୁଷ ହକି ଦଳ

ଗୋଲକିପର : ମୋହିତ ଏଚ୍‌ଏସ୍, ସୂରଜ କର୍କେରା।

ଡିଫେଣ୍ଡର : ଜରମନପ୍ରୀତ ସିଂହ, ହରମନପ୍ରୀତ ସିଂହ (ଅଧିନାୟକ), ଅମିତ ରୋହିଦାସ, ଜୁଗରାଜ ସିଂହ, ସଞ୍ଜୟ, ସୁମିତ, ୟଶଦୀପ ସିବାଚ୍।

ମିଡ୍‌ଫିଲ୍ଡର : ରାଜିନ୍ଦର ସିଂହ, ରାଜ କୁମାର ପାଲ୍, ହାର୍ଦ୍ଦିକ ସିଂହ, ମନପ୍ରୀତ ସିଂହ, ନୀଳକଣ୍ଠ ଶର୍ମା, ବିବେକ ସାଗର ପ୍ରସାଦ।

# ଆଇପିଏଲ୍‌ରେ ଆରସିବିର ଐତିହାସିକ ରେକର୍ଡ : ୨୯୦୦ କୋଟିରେ ପହଞ୍ଚିଲା ଦଳର ବ୍ରାଣ୍ଡ ଭାଲ୍ୟୁ

**ନୂଆଦିଲ୍ଲୀ**

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଆଇପିଏଲ୍‌ର ପ୍ରଥମ ଏଭଳି ଦଳ ବନିଯାଇଛି, ଯାହାର ବ୍ରାଣ୍ଡ୍ ଭାଲ୍ୟୁ ୩୦୦ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୨୯୭୯ କୋଟି ଟଙ୍କା ଅତିକ୍ରମ କରିଛି। ଅନ୍ୟପଟେ ସମ୍ପୂର୍ଣ୍ଣ ଆଇପିଏଲ୍‌ର ମୋଟ ବ୍ୟବସାୟ ପ୍ରଥମ ଥର ପାଇଁ ୨୦ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କା ପାର୍ କରିଯାଇଛି। ଏଥିରୁ ଏହା ସ୍ପଷ୍ଟ ହୋଇଯାଇଛି ଯେ ବିଶ୍ୱର ସବୁଠାରୁ ଧନୀ କ୍ରିକେଟ୍ ଲିଗ୍ ବର୍ତ୍ତମାନ କେବଳ ଦୁଇ ମାସ ଧରି ଚାଲୁଥିବା ଏକ ଟୁର୍ଣ୍ଣାମେଣ୍ଟ ହୋଇ ରହିନାହିଁ, ବରଂ ବର୍ଷସାରା ରୋଜଗାର ଦେଉଥିବା ଏକ ବଡ଼ ଗ୍ଲୋବାଲ୍ ବ୍ୟବସାୟରେ ପରିଣତ ହୋଇସାରିଛି।

ହୁଲିହାନ ଲୋକିର ୨୦୨୬ ଆଇପିଏଲ୍ ବ୍ରାଣ୍ଡ୍ ଭାଲ୍ୟୁ ରିପୋର୍ଟ ଅନୁଯାୟୀ ଆଇପିଏଲ୍‌ର ମୋଟ ବ୍ୟବସାୟିକ ମୂଲ୍ୟ ଗତ ବର୍ଷ ତୁଳନାରେ ୧୧.୪% ବୃଦ୍ଧି ପାଇ ୨୦.୬ ବିଲିୟନ ଡଲାର (ପ୍ରାୟ ୧.୯୬ ଲକ୍ଷ କୋଟି ଟଙ୍କା) ହୋଇଯାଇଛି। ସେହିପରି କେବଳ ଆଇପିଏଲ୍ ବ୍ରାଣ୍ଡ୍‌ର ମୂଲ୍ୟ ୧୦.୩% ବୃଦ୍ଧି ପାଇ ୪.୩ ବିଲିୟନ ଡଲାର (ପ୍ରାୟ ୪୧,୦୦୦ କୋଟି ଟଙ୍କା)ରେ ପହଞ୍ଚିଛି।

ଆରସିବି କ୍ରମାଗତ ଭାବେ ଆଇପିଏଲ୍‌ର ସବୁଠାରୁ ଭାଲ୍ୟୁଏବଲ୍ ଅର୍ଥାତ୍ ସବୁଠାରୁ ଦାମୀ ଦଳ ଭାବେ ବଜାୟ ରହିଛି। ଆରସିବିର ବ୍ରାଣ୍ଡ୍ ଭାଲ୍ୟୁ ଗତ ବର୍ଷ ତୁଳନାରେ ୧୬% ବୃଦ୍ଧି ପାଇ ପ୍ରାୟ ୨୯୭୯ କୋଟି ଟଙ୍କା ହୋଇଯାଇଛି। ସେ ୩୦୦ ମିଲିୟନ ଡଲାରର ମାଇଲଖୁଣ୍ଟ ଅତିକ୍ରମ କରିବାରେ ପ୍ରଥମ ଆଇପିଏଲ୍ ଦଳ ବନିଛି। ବିଶେଷ କଥା ହେଉଛି ଚଳିତ ବର୍ଷ ଆରସିବି ଦଳର ମାଲିକାନା ସତ୍ତ୍ୱକୁ ରେକର୍ଡ ୧.୭୮ ବିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୭,୦୦୦ କୋଟି ଟଙ୍କାରେ କିଣାଯାଇଥିଲା, ଯାହା ଆଇପିଏଲ୍ ଇତିହାସରେ ଯେକୌଣସି ଦଳ ପାଇଁ ଏପର୍ଯ୍ୟନ୍ତର ସବୁଠାରୁ ବଡ଼ ମୂଲ୍ୟ ଅଟେ। ଏହା ବ୍ୟତୀତ ରାଜସ୍ଥାନ ରୟାଲ୍ସକୁ ପ୍ରାୟ ୧୫୭୫୦ କୋଟି ଟଙ୍କାର ଏକ ବିପୁଳ ମୂଲ୍ୟରେ କିଣାଯାଇଛି।

ରିପୋର୍ଟ ଅନୁଯାୟୀ ୨୦୨୬ ମସିହାରେ ଆରସିବିର ଦ୍ୱିତୀୟ ଆଇପିଏଲ୍ ଟ୍ରଫି ବିଜୟ ପ୍ରଶଂସକମାନଙ୍କୁ ବହୁତ ଖୁସି ଦେଇଛି, କିନ୍ତୁ ଦଳର ପ୍ରକୃତ ଶକ୍ତି ହେଉଛି



ଏହାର ପ୍ରଶଂସକ, ସୋସିଆଲ ମିଡିଆରେ ଏହାର ଜବରଦସ୍ତ ଫ୍ୟାନ୍ ଫଲୋଇଂ ଏବେ ଏକ ମଜଭୁତ ବ୍ୟବସାୟିକ ମଡେଲ୍। ଆରସିବି କେବଳ ବିଗତ ଏକ ବର୍ଷ ମଧ୍ୟରେ ନିଜର ବ୍ରାଣ୍ଡ୍ ଭାଲ୍ୟୁରେ ପ୍ରାୟ ୪୧୦ କୋଟି ଟଙ୍କା ଯୋଡ଼ିଛି। ଆଇପିଏଲ୍‌ର ଅନ୍ୟ ଦଳଗୁଡ଼ିକ କଥା କହିବାକୁ ଗଲେ, ମୁମ୍ବାଇ ଇଣ୍ଡିଆନ୍ସ ପ୍ରାୟ ୨୫୨୦ କୋଟି ଟଙ୍କା ସହ ଦ୍ୱିତୀୟ ସ୍ଥାନରେ ରହିଛି। ଏହା ପରେ କୋଲକାତା ନାଇଟ୍ ରାଇଡର୍ସ ୨୩୩୯ କୋଟି ଟଙ୍କା ସହ ତୃତୀୟ ଏବଂ ଚେନ୍ନାଇ ସୁପର କିଙ୍ଗ୍ସ ୨୩୩୦ କୋଟି ଟଙ୍କା ସହ ଚତୁର୍ଥ ସ୍ଥାନରେ ରହିଛନ୍ତି। ରିପୋର୍ଟରେ ଏହା ମଧ୍ୟ ଦର୍ଶାଯାଇଛି ଯେ ଏମ୍.ଏସ୍. ଧୋନି ନଖେଳିବା କାରଣରୁ ସିଏସକେର ବ୍ରାଣ୍ଡ୍ ଭାଲ୍ୟୁ ଅଭିବୃଦ୍ଧିର ଗତି ସାମାନ୍ୟ ମନ୍ଥର ହୋଇଛି। ଏହା ସ୍ପଷ୍ଟ କରୁଛି ଯେ ଦଳଗୁଡ଼ିକ ପାଇଁ ଭବିଷ୍ୟତର ଯୋଜନା ଏବେ କେତେ ଜରୁରୀ ହୋଇପଡ଼ିଛି।

ଲିଗ୍‌ର ଅନ୍ୟ ଦଳଗୁଡ଼ିକର ବ୍ରାଣ୍ଡ୍ ଭାଲ୍ୟୁରେ ମଧ୍ୟ ଭଲ ଅଭିବୃଦ୍ଧି ଦେଖିବାକୁ ମିଳିଛି। ସନରାଇଜର୍ସ ହାଇଦ୍ରାବାଦ ୧୬୮ ମିଲିୟନ ଡଲାର (ପ୍ରାୟ ୧୬୦୪ କୋଟି ଟଙ୍କା) ସହ ପଞ୍ଚମ ସ୍ଥାନକୁ ଚାଲିଆସିଛି। ଏହା ପରେ ରାଜସ୍ଥାନ ରୟାଲ୍ସ ୧୬୧ ମିଲିୟନ ଡଲାର (ପ୍ରାୟ ୧୫୩୭ କୋଟି ଟଙ୍କା), ପଞ୍ଜାବ କିଙ୍ଗ୍ସ ୧୫୮ ମିଲିୟନ ଡଲାର (ପ୍ରାୟ ୧୫୦୮ କୋଟି ଟଙ୍କା), ଗୁଜରାଟ ଟାଇଟନ୍ସ ୧୫୭ ମିଲିୟନ ଡଲାର (ପ୍ରାୟ ୧୪୯୯ କୋଟି ଟଙ୍କା), ଦିଲ୍ଲୀ କ୍ୟାପିଟାଲ୍ସ ୧୫୬ ମିଲିୟନ ଡଲାର (ପ୍ରାୟ ୧୪୮୯ କୋଟି ଟଙ୍କା) ଓ ଲକ୍ଷ୍ନୌ ସୁପର ଜାଏଣ୍ଟସ୍ ୧୨୨ ମିଲିୟନ ଡଲାର (ପ୍ରାୟ ୧୧୬୪ କୋଟି ଟଙ୍କା) ସ୍ଥାନରେ ରହିଛନ୍ତି।

ଦର୍ଶକମାନଙ୍କ ମ୍ୟାଚ୍ ଦେଖିବାର ଶୈଳୀ ମଧ୍ୟ ଏବେ ସମ୍ପୂର୍ଣ୍ଣ ରୂପେ ବଦଳି ଯାଇଛି। ଜିଓଷ୍ଟାର୍ ଅନୁଯାୟୀ ୨୦୨୬ ସିଜନକୁ ମୋଟ ୧୦୬ କୋଟି ସ୍କ୍ରିନ୍‌ରେ ଦେଖାଯାଇଛି। ସ୍ମାର୍ଟ ଟିଭିରେ ମ୍ୟାଚ୍ ଦେଖୁଥିବା ଲୋକଙ୍କ ସଂଖ୍ୟାରେ ୨୬%ର ଜବରଦସ୍ତ ବୃଦ୍ଧି ଘଟିଛି। ଅନ୍ୟପଟେ ପୁରୁଣା ସାଧାରଣ ଟିଭିରେ ଭ୍ୟୁଅରସିପ୍ ୧୮.୮% ହ୍ରାସ ପାଇଛି। କେବଳ ଓପନିଂ ୱିକେଣ୍ଡରେହିଁ ୫୧.୫ କୋଟି ଦର୍ଶକ ମ୍ୟାଚ୍ ଦେଖିଥିଲେ। ଏହି ସମ୍ପୂର୍ଣ୍ଣ ସିଜନରେ ଆଇପିଏଲ୍‌ର ମୋଟ ଆୟ ୧.୮ ବିଲିୟନ ଡଲାର (ପ୍ରାୟ ୧୭୧୮୦ କୋଟି ଟଙ୍କା) ଅତିକ୍ରମ କରିଯାଇଛି।

## ଷଷ୍ଠ ଦିନରେ ଭାରତ ଜିତିଲା ୨ଟି ରୌପ୍ୟ

# ଇତିହାସ ରଚିଲେ ଗୁଲ୍‌ଭୀର, ଭାରୋତ୍ତୋଳନରେ ଚମକିଲେ ହରଜିନ୍ଦର

**ଗ୍ଲାସ୍‌ଗୋ**

ସ୍କଟଲାଣ୍ଡର ଗ୍ଲାସ୍‌ଗୋରେ ଚାଲିଥିବା କମନୱେଲଥ୍ ଗେମ୍ସ-୨୦୨୬ରେ ଭାରତୀୟ ଖେଳାଳିମାନଙ୍କର ଚମତ୍କାର ପ୍ରଦର୍ଶନ ଜାରି ରହିଛି। କମନୱେଲଥ୍ ଗେମ୍ସର ଷଷ୍ଠ ଦିନରେ ଭାରତ ଆଉ ଦୁଇଟି ରୌପ୍ୟ ପଦକ ଜିତିଛି। ଏହି ଦୁଇଟି ପଦକ ସହ ଭାରତ ଖାତାରେ ପଦକ ସଂଖ୍ୟା ୧୨ରେ ପହଞ୍ଚିଛି। ଯେଉଁଥିରେ ୨ଟି ସ୍ୱର୍ଣ୍ଣ, ୭ଟି ରୌପ୍ୟ ଓ ୩ଟି କାଂସ୍ୟ ପଦକ ସାମିଲ ରହିଛି। ଏହି ପ୍ରଦର୍ଶନ ବଳରେ ଭାରତ ପଦକ ତାଲିକାରେ ନବମ ସ୍ଥାନକୁ ଖସି ଆସିଛି। ଅନ୍ୟପଟେ ଅଷ୍ଟ୍ରେଲିଆ ୩୫ଟି ସ୍ୱର୍ଣ୍ଣ ସହିତ ମୋଟ ୮୦ଟି ପଦକ ଜିତି ଶୀର୍ଷ ସ୍ଥାନ ବଜାୟ ରଖିଛି।

କମନୱେଲଥ୍ ଗେମ୍ସ-୨୦୨୬ ଆଥଲେଟିକ୍ସ ଟ୍ରାକ୍‌ରୁ ଭାରତ ପାଇଁ ଏକ ଐତିହାସିକ ଖୁସି ଖବର ସାମ୍ନାକୁ ଆସିଛି। ୨୭ ବର୍ଷୀୟ ଭାରତୀୟ ଧାବକ ଗୁଲବୀର ସିଂ ପୁରୁଷ ୧୦୦୦୦ ମିଟର ଦୌଡ଼ ପ୍ରତିଯୋଗିତାରେ ଦେଶ ପାଇଁ ରୌପ୍ୟ ପଦକ ଜିତି ଇତିହାସ ରଚିଛନ୍ତି। ସେ କମନୱେଲଥ୍ ଗେମ୍ସ ଇତିହାସରେ ପୁରୁଷ ୧୦୦୦୦ ମିଟର ବର୍ଗରେ ପଦକ ଜିତିବାରେ ପ୍ରଥମ ଭାରତୀୟ ଆଥଲେଟ୍



ବନିଯାଇଛନ୍ତି। ଗ୍ଲାସଗୋର ଓଦା, ବର୍ଷାଭିଜା ରାତି ଏବଂ କଠିନ ପରିସ୍ଥିତି ସତ୍ତ୍ୱେ ଗୁଲବୀର ନିଜର ଧୈର୍ଯ୍ୟ ଏବଂ ଶେଷ ମୁହୂର୍ତ୍ତରେ ଦେଖାଇଥିବା ତୋଫାନୀ ଦୌଡ଼ ବଳରେ ସମ୍ପୂର୍ଣ୍ଣ ମୁକାବିଲାର ମୋଡ଼ ବଦଳାଇ ଦେଇଥିଲେ।

ପ୍ରତିଯୋଗିତାର ଶେଷ ୩୦୦୦ ମିଟରରେ ଗୁଲବୀର ନିଜର ସମ୍ପୂର୍ଣ୍ଣ ଶକ୍ତି ଲଗାଇ ଦେଇଥିଲେ। ଦୌଡ଼ର ଶେଷ ଚକ୍କରରେ ଯେତେବେଳେ ଘଣ୍ଟି ବାଜିଲା, ସେତେବେଳେ ଗୁଲବୀର ଚତୁର୍ଥ ସ୍ଥାନରେ ଥିଲେ। ଏହାପରେ ସେ ଯେଭଳି ଭାବେ ନିଜର ଗତି ବଢ଼ାଇଲେ, ତାହା ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଦେଇ ଥିଲା। ଗୁଲବୀର ଅସାଧାରଣ ଗତି ପ୍ରଦର୍ଶନ କରି ଶେଷ ଲ୍ୟାପ୍ ?ରେ ଆଗରେ ଥିବା ଦୁଇଜଣ ଦୌଡ଼ାଳିଙ୍କୁ ପଛରେ ପକାଇ ଦେଇଥିଲେ ଏବଂ ଦ୍ୱିତୀୟ ସ୍ଥାନ ଅଧିକାର କରି ଭାରତ ପାଇଁ ରୌପ୍ୟ ପଦକ ଜିତିଥିଲେ।

ଅନ୍ୟପଟେ ଭାରତୀୟ ଭାରୋତ୍ତୋଳକମାନଙ୍କର ଚମତ୍କାର ପ୍ରଦର୍ଶନ ନିରନ୍ତର ଜାରି ରହିଛି। ମହିଳାମାନଙ୍କ ୬୯ କିଲୋଗ୍ରାମ ଓଜନ ବର୍ଗରେ ଭାରତର ଷ୍ଟାର ଭାରୋତ୍ତୋଳକ ହରଜିନ୍ଦର କୌର ନିଜ କ୍ୟାରିୟରର ସର୍ବଶ୍ରେଷ୍ଠ ପ୍ରଦର୍ଶନ କରି ରୌପ୍ୟ ପଦକ ନିଜ ନାମରେ କରିଛନ୍ତି। ହରଜିନ୍ଦର ସ୍ନାଚ୍ ଏବଂ କ୍ଲିନ୍ ଆଣ୍ଡ ଜର୍କ ଉଭୟ ରାଉଣ୍ଡରେ ଅତ୍ୟନ୍ତ ସଂଯମତା ଓ ଆତ୍ମବିଶ୍ୱାସର ସହ ପ୍ରଦର୍ଶନ କରିଥିଲେ ଏବଂ କୌଣସି ଚାପ ନଥାଇ ମୋଟ ୨୨୭ କିଲୋଗ୍ରାମ ଓଜନ ଉଠାଇ ପୋଡିୟମରେ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି।

**OFFICEOFTHESUPERINTENDINGENGINEER** 34001/551/2627
**JAGATSINGHPUR(R&B)DIVISION, JAGATSINGHPUR**
**GOVERNMENT OF ODISHA**
**("e" PROCUREMENTNOTICE)**
**BidIdentification No. S.E.JSPR(R&B) - 10 of 2026-27**
**TENDER CALL NOTICE**

1. The Superintending Engineer, Jagatsinghpur (R&B) Division, Jagatsinghpur on behalf of Governor of Odisha invites on Percentage rate basis bid in **Single Cover System** in ONLINE MODE from eligible contractor for Building works as mentioned below.
2. No. of Workp :- 01 Nos.
3. Nature of work :- Civil, Electical &PH
4. Class of Contractor :- "C&D" Class
5. Tender Paper Cost :- Rs.4,000.00/-(Online)
6. Available of bid documents in the website :- From 3.08.2026 05.00 PM of 13 /08/2026
7. Date of Opening of Bid :- 11.00 AM of 14/08/2026

The Bidders have to participate in ONLINE bidding only. Further details can be seen from the website https://tendersodisha.gov.in. Any addendum/ corrigendum/ cancellation of tender can also be seen in the said website.

(Er.SarbenduSutar)
Addl. Chief Engineer,
Jagatsinghpur(R&B)Division

OIPR-34001/34093/1/26-27/0011

# ଜିନେଦିନ୍ ଜିଦାନ ହେଲେ ଫ୍ରାନ୍ସ ଜାତୀୟ ଫୁଟବଲ୍ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ

**ନୂଆଦିଲ୍ଲୀ**



ଫ୍ରାନ୍ସ ଫୁଟବଲ୍ ମହାସଂଘ ପ୍ରତିଷ୍ଠିତ ଫୁଟବଲର୍ ଜିନେଦିନ୍ ଜିଦାନଙ୍କୁ ଜାତୀୟ ଦଳର ନୂଆ ମୁଖ୍ୟ ପ୍ରଶିକ୍ଷକ ଭାବରେ ନିଯୁକ୍ତ କରିଛି। ଦୀର୍ଘ ସମୟ ଧରି ଏହି ପଦବୀ ପାଇଁ ପ୍ରବଳ ଦାବିଦାର ବିବେଚିତ ହେଉଥିବା ଜିଦାନ ବର୍ତ୍ତମାନ ଡିଡିଏର ଡେସଚାମ୍ପସ୍‌ଙ୍କ ସ୍ଥାନ ନେବେ। ୨୦୨୬ ଫିଫା ବିଶ୍ୱକପ୍‌ରେ ଫ୍ରାନ୍ସର ନିରାଶାଜନକ ପ୍ରଦର୍ଶନ ପରେ ଡେସଚାମ୍ପସ୍‌ଙ୍କ ୧୪ ବର୍ଷର କାର୍ଯ୍ୟକାଳ ସମାପ୍ତ ହୋଇଥିଲା।

ଜଣେ ଖେଳାଳି ଭାବରେ ୧୯୯୮ରେ ଫ୍ରାନ୍ସକୁ ପ୍ରଥମ ବିଶ୍ୱକପ୍ ଜିତାଇଥିବା ଜିନେଦିନ୍ ଜିଦାନ ବର୍ତ୍ତମାନ କୋଚ୍ ଭାବରେ ଦଳକୁ ପୁଣି ଥରେ ବିଶ୍ୱ ଫୁଟବଲ୍‌ର ଶୀର୍ଷରେ ପହଞ୍ଚାଇବା ଦାୟିତ୍ୱ ସମ୍ଭାଳିବେ। ସେ ଫ୍ରାନ୍ସ ଦଳ ସହିତ ଚାରି ବର୍ଷର ଚୁକ୍ତିନାମା ସ୍ୱାକ୍ଷର କରିଛନ୍ତି। ତାଙ୍କର ଏହି ଦାୟିତ୍ୱ ୨୦୩୦ ପର୍ଯ୍ୟନ୍ତ ରହିବ।

ଜଣେ କୋଚ୍ ଭାବରେ ଜିଦାନଙ୍କ ରେକର୍ଡ ଅତ୍ୟନ୍ତ ଚମତ୍କାର ରହିଛି। ୨୦୧୬ ରୁ ୨୦୨୧ ମଧ୍ୟରେ ରିଆଲ୍ ମାଦ୍ରିଦ୍ ସହିତ ଦୁଇଟି କାର୍ଯ୍ୟକାଳ ମଧ୍ୟରେ ସେ କ୍ଲବ୍‌କୁ ୟୁରୋପର ସବୁଠାରୁ ସଫଳ ଦଳ ଭାବରେ ଗଢ଼ି ତୋଳିଥିଲେ। ସେ ଆଧୁନିକ ଯୁଗରେ କ୍ରମାଗତ ତିନୋଟି ୟୁଇଏଫଏ ଚାମ୍ପିଅନ୍ସ ଲିଗ୍ ଟାଇଟଲ୍ ଜିତିବାରେ ପ୍ରଥମ କୋଚ୍ ବନିଥିଲେ।

୨୦୨୬ ବିଶ୍ୱକପ୍ ସେମିଫାଇନାଲ୍‌ରେ ଫ୍ରାନ୍ସ ସ୍ପେନ୍‌ଠାରୁ ହାରିଯାଇଥିଲା। ଏହା ପରେ ତୃତୀୟ ସ୍ଥାନ ପାଇଁ ହୋଇଥିବା ମ୍ୟାଚ୍‌ରେ ଇଂଲଣ୍ଡ ଦଳକୁ ୬-୪ ଗୋଲ୍‌ରେ ପରାସ୍ତ କରି ଚତୁର୍ଥ ସ୍ଥାନକୁ ଠେଲି ଦେଇଥିଲା। ଏହି ପରାଜୟ ସହିତ ଡେସଚାମ୍ପସ୍‌ଙ୍କ ସଫଳ କାର୍ଯ୍ୟକାଳର ଅନ୍ତ ଘଟିଥିଲା। ବର୍ତ୍ତମାନ ଫ୍ରାନ୍ସର ନୂତନ ପିଢ଼ିକୁ ସଫଳ କରିବାର ଦାୟିତ୍ୱ ଜିଦାନଙ୍କ କାନ୍ଧ ଉପରେ ରହିବ। ଦଳରେ ଅନେକ ଅଭିଜ୍ଞ ଖେଳାଳିଙ୍କ ସହ ଯୁବ ପ୍ରତିଭାମାନେ ମଧ୍ୟ ଅଛନ୍ତି ଏବଂ ତାଙ୍କଠାରୁ ୟୁରୋ ୨୦୨୮ ପାଇଁ ଏକ ଶକ୍ତିଶାଳୀ ଦଳ ପ୍ରସ୍ତୁତ କରିବାକୁ ଆଶା କରାଯାଉଛି।

# ପ୍ରଥମ ଟେଷ୍ଟ : ୯୦ ରନ୍‌ରେ ପାକିସ୍ତାନକୁ ହରାଇଲା ୱେଷ୍ଟଇଣ୍ଡିଜ

**ନୂଆଦିଲ୍ଲୀ**

ସବୁ ବିଭାଗରେ ଶୃଙ୍ଖଳିତ ପ୍ରଦର୍ଶନ କରି ଘରୋଇ ୱେଷ୍ଟଇଣ୍ଡିଜ୍ ପ୍ରଥମ ଟେଷ୍ଟରେ ପାକିସ୍ତାନକୁ ୯୦ ରନ୍‌ରେ ପରାସ୍ତ କରିଛି। ଚତୁର୍ଥ ଦିବସରେ ୱେଷ୍ଟଇଣ୍ଡିଜ୍ ଦ୍ୱିତୀୟ ଇନିଂସ୍‌ରେ ୧୮୧ ରନ୍‌ରେ ଅଲଆଉଟ୍ ହେବା ସହ ପାକିସ୍ତାନ ସାମ୍ନାରେ ୨୧ ରନ୍‌ର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଥିଲା। ଜବାବରେ ପାକିସ୍ତାନ ଦ୍ୱିତୀୟ ଇନିଂସରେ ବ୍ୟାଟିଂ ବିପର୍ଯ୍ୟୟରେ ସମ୍ମୁଖୀନ ହେବା ୧୨୦ ରନ୍‌ରେ ଅଲଆଉଟ୍ ହୋଇଯାଇଥିଲା। ବାବର ଆଜମ ଟେଷ୍ଟ ଫର୍ମାଟରେ ଅଧିନାୟକ ଦାୟିତ୍ୱ ନେବା ପରଠାରୁ ପାକିସ୍ତାନୀ ଦଳ ପ୍ରଦର୍ଶନରେ କୌଣସି ଉନ୍ନତି ହୋଇନାହିଁ, ୱେଷ୍ଟଇଣ୍ଡିଜ୍ ବିପକ୍ଷରେ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜର ପ୍ରଥମ ମ୍ୟାଚ୍‌ରେ ୯୦ ରନରେ ପରାସ୍ତ ହୋଇଛି ପାକିସ୍ତାନ।

ଚତୁର୍ଥ ଦିବସରେ ୱେଷ୍ଟଇଣ୍ଡିଜ୍ ଅସମାପ୍ତ ଦ୍ୱିତୀୟ ଇନିଂସ୍ ୭/୧୨୬ରୁ ବ୍ୟାଟିଂ ଆରମ୍ଭ କରିଥିଲା। ପୂର୍ବ ଦିନରୁ ଅପରାଜିତ ଥିବା କିମାର ରୋଚ୍ ଓ ସମର ଯୋଶେଫ୍ ସତର୍କତାର ସହ ବ୍ୟାଟିଂ କରି



ସ୍କୋରକୁ ୧୫୪ରେ ପହଞ୍ଚାଇଥିଲେ। ଯୋଶେଫ୍ ୧ଚୌକା ଓ ୪ଛକା ବଳରେ ୩୮ରନ୍ କରି ଆଉଟ୍ ହୋଇଥିଲେ। ପରେ ପରେ ରୋଚ୍ ୧୮ରନ୍ କରି ବିଦାୟ ନେଇଥିଲେ। ମାତ୍ର ଜୋମେଲ ୱାରିକାନ୍ ୧ଚୌକା ଓ ୧ଛକା ବଳରେ ୧୪ ଓ ଜେଡେନ ସଲ୍ସ ଅପରାଜିତ ୬ରନ୍ ଯୋଗ କରିବା ଫଳରେ ଦଳୀୟ ସ୍କୋର ୧୮୧ରେ ପହଞ୍ଚିଥିଲା। ପାକିସ୍ତାନ ପକ୍ଷରୁ ମହମ୍ମଦ ଆବାସ ୫ଟି ୱିକେଟ୍ ଅକ୍ତିଆର କରିଥିଲେ। ୨୧୧ରନ୍ ବିଜୟ ଲକ୍ଷ୍ୟର ପିଛା କରି ପାକିସ୍ତାନ ପ୍ରାରମ୍ଭିକ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିଲା।

୨୫ରନ୍ ମଧ୍ୟରେ ଦଳ ୩ଟି ୱିକେଟ୍ ହରାଇଥିଲା। ଆଜାନ ଅୱେସ ୩, ଇମାମ-ଉଲ୍-ହକ୍ ୩ ରନ୍ କରି ଆଉଟ୍ ହୋଇଥିବାବେଳେ ସଲମାନ ଆଘା ଖାତା ଖୋଲି ପାରିନଥିଲେ। ପ୍ରଥମ ୱିକେଟର ପତନ ପରେ ବ୍ୟାଟିଂ କରିବାକୁ ଆସିଥିବା ବାବର ଆଜମ ଗୋଟିଏ ପଟେ ୱିକେଟ୍ ବଞ୍ଚାଇ ରଖିଥିଲେ ହେଁ ଅନ୍ୟ ପଟରେ ନିୟମିତ ୱିକେଟ୍ ପତନ ଘଟିଥିଲା। ଫଳରେ ପାକିସ୍ତାନ ଇନିଂସ୍ ୧୨୦ରେ ଅଟକି ଯାଇଥିଲା। ବାବର ୫୮ରନ୍ କରି ଅପରାଜିତ ଥିଲେ। ୱେଷ୍ଟଇଣ୍ଡିଜ୍ ପକ୍ଷରୁ ଜେଡେନ ସିଲ୍ସ ୫ଟି ୱିକେଟ୍ ଅକ୍ତିଆର କରିଥିଲେ।

# ଭାରତୀୟ ଦଳର ନୂଆ ଫିଲ୍ଡିଂ କୋଚ୍ ହେଲେ ଶୁଭଦୀପ ଘୋଷ

**ନୂଆଦିଲ୍ଲୀ**

ଭାରତୀୟ ଦଳର ନୂଆ ଫିଲ୍ଡିଂ କୋଚ୍ ଭାବେ ଶୁଭଦୀପ ଘୋଷ ଦାୟିତ୍ୱ ଗ୍ରହଣ କରିଛନ୍ତି। ଆଗାମୀ ଶ୍ରୀଲଙ୍କା ଗସ୍ତରୁ ତାଙ୍କ କାର୍ଯ୍ୟକାଳ ଆରମ୍ଭ ହେବ। ଭାରତୀୟ ଦଳ ସହ ଦୀର୍ଘ ୫ ବର୍ଷ ଧରି କାର୍ଯ୍ୟ କରିଥିବା ଟି. ଦିଲ୍ଲୀପଙ୍କ କାର୍ଯ୍ୟକାଳ ଶେଷ ହେବା ପରେ ଶୁଭଦୀପଙ୍କୁ ବିସିସିଆଇ ନୂଆ ଫିଲ୍ଡିଂ କୋଚ୍ ଭାବେ ନିଯୁକ୍ତି ଦେଇଛି। ଶୁଭଦୀପ ପୂର୍ବରୁ ଆସାମ ଓ ରେଳବାଇ ପକ୍ଷରୁ ପ୍ରଥମ ଶ୍ରେଣୀ କ୍ରିକେଟ୍ ଖେଳିଛନ୍ତି। ଅବସର ପରେ ସେ କୋଚ୍ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବରୁ ସେ ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ ଦଳ ଓ ମହିଳା ଦଳ ସହ କାର୍ଯ୍ୟ କରିସାରିଛନ୍ତି।

ଭାରତୀୟ କ୍ରିକେଟ ଦଳର ସପୋର୍ଟ ଷ୍ଟାଫ୍‌ରେ ଆଉ ଏକ ବଡ଼ ପରିବର୍ତ୍ତନ ହୋଇଛି। ଟିମ୍ ଇଣ୍ଡିଆର ଫିଲ୍ଡିଂ ପ୍ରଶିକ୍ଷକ ଟି. ଦିଲୀପଙ୍କ କାର୍ଯ୍ୟକାଳ ଶେଷ ହୋଇଛି। ଏକ ରିପୋର୍ଟରେ ଦାବି କରାଯାଇଛି ଯେ, ବିସିସିଆଇ ତାଙ୍କ ଚୁକ୍ତିକୁ ବୃଦ୍ଧି ନକରିବାକୁ ନିଷ୍ପତ୍ତି ନେଇଛି। ତାଙ୍କ ସ୍ଥାନରେ ନୂଆ କୋଚ୍ ନିଯୁକ୍ତ କରିଛି ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ୍ ବୋର୍ଡ। ପୂର୍ବରୁ ସହାୟକ ପ୍ରଶିକ୍ଷକ ରିଆନ୍ ଟେନ୍ ଡୋସ୍କାଥ ଇସ୍ତଫା ଦେଇଥିଲେ। ଇଂଲଣ୍ଡ ଗସ୍ତ ସମୟରେ ଟେନ୍ ଡୋସ୍କାଥ ବିସିସିଆଇକୁ ତାଙ୍କ



ବିଦାୟ ବିଷୟରେ ଜଣାଇଥିଲେ। ବିସିସିଆଇ ଖୁବ୍‌ଶୀଘ୍ର ସହାୟକ ପ୍ରଶିକ୍ଷକଙ୍କ ସମ୍ପର୍କରେ ଏକ ବଡ଼ ଘୋଷଣା କରିବ ବୋଲି ଆଶା କରାଯାଉଛି।

୨୦୨୧ ମସିହାରୁ ଫିଲ୍ଡିଂ ପ୍ରଶିକ୍ଷକ ଦାୟିତ୍ୱ ତୁଲାଇଥିଲେ ଟି. ଦିଲ୍ଲୀପ। ସେ ୨୦୨୧ ମସିହାରେ ଆର. ଶ୍ରୀଧରଙ୍କ ସ୍ଥାନରେ ଭାରତୀୟ ଦଳର ଫିଲ୍ଡିଂ ପ୍ରଶିକ୍ଷକ ଭାବରେ ଦାୟିତ୍ୱ ଗ୍ରହଣ କରିଥିଲେ। ସେହି ସମୟରେ, ସେ ମୁଖ୍ୟ ପ୍ରଶିକ୍ଷକ ରାହୁଲ ଦ୍ରାବିଡଙ୍କ ନେତୃତ୍ୱରେ ସପୋର୍ଟ ଷ୍ଟାଫ୍‌ର ଅଂଶ ଥିଲେ। ତାଙ୍କ ସହିତ ବୋଲିଂ ପ୍ରଶିକ୍ଷକ ପାରସ ମାହାମ୍ବରେ ଏବଂ ବ୍ୟାଟିଂ ପ୍ରଶିକ୍ଷକ ବିକ୍ରମ ରାଠୌର ମଧ୍ୟ ଯୋଗ ଦେଇଥିଲେ।

କ୍ରିକବଜ୍ ରିପୋର୍ଟ ଅନୁଯାୟୀ, ଦିଲୀପଙ୍କ କାର୍ଯ୍ୟକାଳ ପ୍ରଥମେ ମେ' ୨୦୨୫ ପର୍ଯ୍ୟନ୍ତ ରହିବ ବୋଲି ସ୍ଥିର କରାଯାଇଥିଲା। ତଥାପି, ଗତ ବର୍ଷ ବିସିସିଆଇ ତାଙ୍କ ଚୁକ୍ତିକୁ ଅସ୍ଥାୟୀ ଭାବରେ ବୃଦ୍ଧି କରିଥିଲା, ଯାହା ପରେ ସେ ଭାରତୀୟ ଦଳ ସହିତ ଇଂଲଣ୍ଡ ଗସ୍ତରେ ଯାଇଥିଲେ। ଏବେ ବୋର୍ଡ ତାଙ୍କ ଚୁକ୍ତିକୁ ବୃଦ୍ଧି ନକରିବାକୁ ନିଷ୍ପତ୍ତି ନେଇଥିଲା। ଫଳରେ ଟି.ଦିଲ୍ଲୀପଙ୍କ କୋଚିଂ କାର୍ଯ୍ୟକାଳ ସମାପ୍ତ ହୋଇଛି।

ଭୁବନେଶ୍ୱର, ୩୦ ଜୁଲାଇ, ଗୁରୁବାର, ୨୦୨୬

RNI Regd. No. : 52640/94
Postal Regd. No. : BN/60/25-27



ଭୁବନେଶ୍ୱର : ଓମ୍ ପ୍ରାଣାୟାମ କେନ୍ଦ୍ର ପକ୍ଷରୁ ବିଜୁ ପଟ୍ଟନାୟକ ପାର୍କ ଠାରେ 'ଗୁରୁ ପୂର୍ଣ୍ଣିମା' ଅବସରରେ 'ଗୁରୁଜୀ' ଶ୍ୟାମ ସୁନ୍ଦର ଅଗରୱାଲଙ୍କୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଦିଆ ଯାଉଛି। (ଫଟୋ : ସମ୍ବାଦ କଳିକା)

# ସମସ୍ତଙ୍କୁ ଧନ୍ୟବାଦ ଜଣାଇଲେ ମୁଖ୍ୟମନ୍ତ୍ରୀ : ମହାପ୍ରଭୁଙ୍କ କୃପାରେ ସୁରୁଖୁରୁରେ ସରିଲା ରଥଯାତ୍ରା

**ଭୁବନେଶ୍ୱର, ୨୯।୭**
**ନ୍ୟୁଜ ବ୍ୟୁରୋ**

ରଥଯାତ୍ରାର ସଫଳ ସମାପନ ପରେ କୃତଜ୍ଞତା ଜଣାଇଲେ ମୁଖ୍ୟମନ୍ତ୍ରୀ । ଲକ୍ଷ ଲକ୍ଷ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ଭାବାବେଗ ସହ ଜଡ଼ିତ ଓଡ଼ିଶାର ସବୁଠାରୁ ବଡ଼ ଏବଂ ମହତ୍ତ୍ୱପୂର୍ଣ୍ଣ ପର୍ବ ରଥଯାତ୍ରାର ସଫଳ ସମାପନ ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସମସ୍ତ ଜଗନ୍ନାଥ ପ୍ରେମୀ, ସେବାୟତ, ସରକାରୀ ଅଧିକାରୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ତଥା ଏହି ପବିତ୍ର କାର୍ଯ୍ୟ ସହ ଜଡ଼ିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି। ପ୍ରତିକୂଳ ପାଗ ସତ୍ତ୍ୱେ ଶ୍ରୀଜଗନ୍ନାଥ ଧାମ, ପୁରୀରେ ଜଗନ୍ନାଥପ୍ରେମୀଙ୍କ ଅଭୂତପୂର୍ବ ସମାଗମ ହୋଇଥିଲା । ପ୍ରବଳ ବର୍ଷା ସତ୍ତ୍ୱେ ଶ୍ରୀଜୀଉଙ୍କ ସମସ୍ତ ନୀତିକାନ୍ତି ସମ୍ପୂର୍ଣ୍ଣ ଶ୍ରଦ୍ଧା ସହିତ ସେବାୟତମାନେ ସମାପ୍ତ କରିଥିଲେ। ପାଗର ପ୍ରତିକୂଳ ପ୍ରଭାବ ଯୋଗୁଁ, ସାମାନ୍ୟ ବିଳମ୍ବ ହୋଇଥିଲେ ମଧ୍ୟ, ନବଯୌବନ ଦର୍ଶନଠାରୁ ଆରମ୍ଭ କରି ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାର କରୁଣାରୁ ସୁରୁଖୁରୁରେ ସମ୍ପନ୍ନ ହୋଇଥିଲା । ମହାପ୍ରଭୁଙ୍କ ସେବାୟତମାନେ ଶ୍ରଦ୍ଧା ଓ ଭକ୍ତି ସହିତ ସମସ୍ତ ନୀତିକାନ୍ତି କରିଥିଲେ । ଏଥିପାଇଁ ମହାପ୍ରଭୁଙ୍କ ନୀତିକାନ୍ତି ସହ ଜଡ଼ିତ ସମସ୍ତ ସେବାୟତ ବନ୍ଧୁମାନଙ୍କୁ ମୁଖ୍ୟମନ୍ତ୍ରୀ ଧନ୍ୟବାଦ ଜଣାଇଛନ୍ତି । ଏହି ନବଦିନ ବ୍ୟାପୀ ଘୋଷଯାତ୍ରାକୁ ସମ୍ପୂର୍ଣ୍ଣ ସୁରକ୍ଷା ଓ ଶୃଙ୍ଖଳିତ କରିବାରେ ଓଡ଼ିଶା ପୁଲିସର ଏକ ମହତ୍ତ୍ୱପୂର୍ଣ୍ଣ ଭୂମିକା ଅଛି । ସାଢ଼େ ୧୩ ହଜାରରୁ ବି ଅଧିକ ପୁଲିସ ବଳ ସମସ୍ତ ଯାତ୍ରୀଙ୍କୁ ସୁରକ୍ଷା ଓ ସେବା ଯୋଗାଇ ଦେଇଥିଲେ । ତେଣୁ, ମୁଖ୍ୟମନ୍ତ୍ରୀ ପୁଲିସ ବାହିନୀକୁ ଧନ୍ୟବାଦ ଦେଇଛନ୍ତି। ଲକ୍ଷ ଲକ୍ଷ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଶ୍ରୀଜୀଉଙ୍କ ଦର୍ଶନ କରିବାରେ ତାଙ୍କର ଶୃଙ୍ଖଳିତ ବ୍ୟବହାରକୁ ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ସବୁ ସେବାୟତ ଏବଂ



ମଠଗୁଡ଼ିକୁ ଧନ୍ୟବାଦ ଦେଇଛନ୍ତି । ପୁରୀକୁ ଆସି ରଥଯାତ୍ରା, ସୁନାବେଶ ଓ ନୀଳାଦ୍ରୀବିଜେ ଉତ୍ସବରେ ସମସ୍ତ ଜଗନ୍ନାଥପ୍ରେମୀ ଅତ୍ୟନ୍ତ ଶୃଙ୍ଖଳିତ ଭାବେ ଦର୍ଶନ କରିଥିଲେ, ଯେଉଁଥିପାଇଁ ମୁଖ୍ୟମନ୍ତ୍ରୀ ସମସ୍ତ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ସାଧୁବାଦ ଜଣାଇଛନ୍ତି । ରାଜ୍ୟ ସରକାର ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର କରିବା ସହିତ ପୁରୀକୁ ଏକ ବିଶ୍ୱସ୍ତରୀୟ ଧର୍ମୀୟ-ପର୍ଯ୍ୟଟନ ସ୍ଥଳ କରିବା ପାଇଁ ସବୁ ପ୍ରକାର ଚେଷ୍ଟା ଜାରି ରଖିଛନ୍ତି । ପୁରୀ ବିମାନବନ୍ଦର, ଶ୍ରୀଜଗନ୍ନାଥ ସଂଗ୍ରହାଳୟ ଓ ଗବେଷଣା କେନ୍ଦ୍ର, ମେରାଇନ ଆକ୍ୱାରିଆମ, ଶାମୁକା ପ୍ରକଳ୍ପ ମାଧ୍ୟମରେ ପୁରୀକୁ ପର୍ଯ୍ୟଟକଙ୍କ ପାଇଁ ଅଧିକ ଆକର୍ଷଣୀୟ କରାଯାଉଛି । ରାଜ୍ୟ ସରକାର ପୁରୀକୁ ମହାନଗର ନିଗମ ଭାବେ ଘୋଷଣା କରିଛନ୍ତି। ଏହାଦ୍ୱାରା ଆଗାମୀ ଦିନରେ ପୁରୀବାସୀ ତଥା ପୁରୀକୁ ଆସୁଥିବା ପର୍ଯ୍ୟଟକଙ୍କୁ ବିଭିନ୍ନ ପ୍ରକାର ଗୁଣାତ୍ମକ ସେବା ପ୍ରଦାନ କରାଯାଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବନ୍ୟାକୁ ନେଇ ହାଇ ଆଲର୍ଟ !

# ଜିଲ୍ଲାପାଳଙ୍କ ସହ ଭିସିରେ ସ୍ଥିତି ସମୀକ୍ଷା କଲେ ମୁଖ୍ୟ ଶାସନ ସଚିବ

**ଭୁବନେଶ୍ୱର, ୨୯।୭ ନ୍ୟୁଜ ବ୍ୟୁରୋ**

ରାଜ୍ୟରେ ଲଗାଣ ବର୍ଷା ଯୋଗୁଁ ବନ୍ୟା ସ୍ଥିତି ସୃଷ୍ଟି ହୋଇଛି । ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ସମସ୍ତ ଜିଲ୍ଲାପାଳଙ୍କ ସହ ଏକ ଜରୁରୀ ଭିଡିଓ କନଫରେନ୍ସିଂ ଜରିଆରେ ସମୀକ୍ଷା କରିଛନ୍ତି । ବୈତରଣୀ ନଦୀର ଜଳସ୍ତର ବୃଦ୍ଧି ପାଉଥିବାରୁ ଏବଂ ଏହା ବିପଦ ସଙ୍କେତ ଆଡକୁ ଗତି କରୁଥିବାରୁ ସମ୍ପୃକ୍ତ ଜିଲ୍ଲାଗୁଡ଼ିକୁ ସତର୍କ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ନଦୀବନ୍ଧ ଏବଂ ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ କୌଣସି ଅଘଟଣକୁ ଏଡ଼ାଇବା ପାଇଁ ପ୍ରଶାସନ ପକ୍ଷରୁ ରାତିସାରା ପାଟ୍ରୋଲିଂ ଜାରି ରହିଛି । ବନ୍ୟା ପ୍ରଭାବିତ ତଳିଆ ଅଞ୍ଚଳରୁ ବହୁସଂଖ୍ୟାରେ ଲୋକଙ୍କୁ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରାଯାଇଛି । ସ୍ଥାନାନ୍ତରିତ ହୋଇ ଆଶ୍ରୟସ୍ଥଳୀରେ ରହିଥିବା ଲୋକମାନଙ୍କ ପାଇଁ ପ୍ରଶାସନ ପକ୍ଷରୁ ରନ୍ଧା ଖାଦ୍ୟ ଏବଂ ଜରୁରୀ ସାମଗ୍ରୀ ଯୋଗାଇ ଦିଆଯାଉଛି । ଯେକୌଣସି ପ୍ରକାରର ଜରୁରୀ ପରିସ୍ଥିତି କିମ୍ବା ସମସ୍ୟାର ସମାଧାନ ପାଇଁ ତୁରନ୍ତ ଜିଲ୍ଲା ସ୍ତରୀୟ କଣ୍ଟ୍ରୋଲ ରୁମ ସହ ଯୋଗାଯୋଗ କରିବାକୁ ମୁଖ୍ୟ ଶାସନ ସଚିବ ଜନସାଧାରଣ ଓ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ଥିତି ଉପରେ କଡ଼ା ନଜର ରଖାଯାଇଛି ଏବଂ ସମସ୍ତ ଜିଲ୍ଲା ପ୍ରଶାସନକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ରହିବାକୁ କୁହାଯାଇଛି ।

# 'ମହାପ୍ରଭୁ ଜଗନ୍ନାଥ' ଫିଲ୍ମ ବ୍ୟାନ୍ କରିବାକୁ ମନା କଲେ ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୨୯/୦୭**

ପରଦାକୁ ଆସିବ 'ମହାପ୍ରଭୁ ଜଗନ୍ନାଥ' ଆନିମେଟେଡ୍ ଫିଲ୍ମ । ବାଦ ବିବାଦ ପରେ ଏବେ ଫିଲ୍ମ ନିର୍ମାତାଙ୍କୁ ମିଳିଲା ବଡ଼ ଆଶ୍ୱସ୍ତି । ରିଲିଜ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନକୁ ଖାରଜ କଲେ ସୁପ୍ରିମକୋର୍ଟ ଏବଂ ଫିଲ୍ମ ରିଲିଜ ବ୍ୟାନ୍ କରିବାକୁ ପ୍ରତ୍ୟାଖ୍ୟାନ କରିଛନ୍ତି । ବୁଧବାର ଦିନ ସୁପ୍ରିମକୋର୍ଟ ଏହି ଚଳଚ୍ଚିତ୍ରର ମୁକ୍ତିଲାଭ ବିରୋଧରେ ଓଡ଼ିଶା ସରକାରଙ୍କ ଆବେଦନକୁ ଗ୍ରହଣ କରିବାକୁ ମନା କରିଦେଇଛନ୍ତି । ସେ ଏହା କହିଛନ୍ତି ଯେ ଦେଶରେ ସୃଜନଶୀଳତା ବୃଦ୍ଧି ପାଉଛି ଏବଂ ଆନିମେସନ୍ ପିଲାମାନଙ୍କ ପାଇଁ ଉଦ୍ଦିଷ୍ଟ। ବୁଧବାର ବିଚାରପତି ବିଭି ନାଗରନ୍ ଏବଂ ଆର ମହାଦେବନଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରିଛନ୍ତି । ଯୁକ୍ତି ଶୁଣିବା ପରେ, ଖଣ୍ଡପୀଠ ଚଳଚ୍ଚିତ୍ରର ମୁକ୍ତିଲାଭକୁ ଅନୁମତି ଦେଇଥିବା ପୂର୍ବ ନିର୍ଦ୍ଦେଶକୁ ସଂଶୋଧନ କରିବାକୁ ମନା କରିଦେଇଛନ୍ତି । ଖଣ୍ଡପୀଠ ମତ ଦେଇଛନ୍ତି ଯେ ଆନିମେସନ୍ ହେଉଛି ପିଲାମାନଙ୍କ ପାଇଁ ସୃଷ୍ଟି ହୋଇଥିବା କଳାର ଏକ ନୂତନ ରୂପ ଏବଂ ଏପରି ଆବେଦନ ଯୋଗୁଁ ଏହାକୁ ହ୍ରାସ କରାଯାଇପାରିବ ନାହିଁ । ଖଣ୍ଡପୀଠ ଆହୁରି କହିଛନ୍ତି, 'ଦେଶରେ ସୃଜନଶୀଳତା ଅଛି। ଆନିମେସନ୍ ପିଲାମାନଙ୍କ ଉଦ୍ଦେଶ୍ୟରେ । ଏବେ କେହି ପୁସ୍ତକ ପଢୁନାହାଁନ୍ତି । ଏହି ଜିନିଷଗୁଡ଼ିକ କଳା ପଥରେ ଆସିବା ଉଚିତ୍ ନୁହେଁ ।' କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ଦ୍ୱାରା ପ୍ରଦର୍ଶନ ଅନୁମତି ପାଇବା ପରେ ଆନିମେଟେଡ୍ ଚଳଚ୍ଚିତ୍ର 'ମହାପ୍ରଭୁ ଜଗନ୍ନାଥ'ର ମୁକ୍ତିଲାଭକୁ ଚ୍ୟାଲେଞ୍ଜ କରି ଓଡ଼ିଶା ସରକାରଙ୍କ ଦ୍ୱାରା କରାଯାଇଥିବା ଏକ ଆବେଦନର ଶୁଣାଣି ଏହି ଖଣ୍ଡପୀଠ କରୁଥିଲା । ଗତ ସୋମବାରରେ ଓଡ଼ିଶା ସରକାର ସୁପ୍ରିମକୋର୍ଟଙ୍କୁ ଏହି ମାମଲା ଯାଞ୍ଚ କରିବାକୁ ଅନୁରୋଧ କରିବା ସହ ଯୁକ୍ତି ଦେଇଥିଲେ ଯେ ମୁକ୍ତିଲାଭ ରାଜ୍ୟରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି କରିବ । ପୂର୍ବରୁ ବିଚାରପତି ବି.ଭି. ନାଗାରନ୍ ଏବଂ ଆର. ମହାଦେବନଙ୍କ ଖଣ୍ଡପୀଠ ଗତ ମଙ୍ଗଳବାର ପରେ ପ୍ରଭୁ ଜଗନ୍ନାଥ ଯାତ୍ରା ଉତ୍ସବ ପରେ କିମ୍ବା ତା'ପରେ ସମଗ୍ର ଭାରତରେ ଆନିମେଟେଡ୍ ଫିଲ୍ମର ମୁକ୍ତିଲାଭ ପାଇଁ ଅନୁମତି ଦେଇଥିଲେ । ଏହା ପରେ ଏବେ ବିଚାରପତି ନାଗରନ୍ଙ୍କ ନେତୃତ୍ୱରେ ଗଠିତ ଖଣ୍ଡପୀଠ ଉଲ୍ଲେଖ କରିଛନ୍ତି ଯେ ଆନିମେଟେଡ୍ ଚଳଚ୍ଚିତ୍ରଟି ୟୁଟୁବରରେ ପୂର୍ବରୁ ମୁକ୍ତିଲାଭ



କରିଥିବା ଏକ ୱେବ୍ ସିରିଜ୍ ଉପରେ ଆଧାରିତ ଏବଂ କେନ୍ଦ୍ରୀୟ ଚଳଚ୍ଚିତ୍ର ପ୍ରମାଣନ ବୋର୍ଡ ଏହାର ପ୍ରଦର୍ଶନ ପାଇଁ ଅନୁମତି ପ୍ରଦାନ କରିଛି। ହାଇକୋର୍ଟ ଚଳଚ୍ଚିତ୍ରର ମୁକ୍ତିଲାଭ ଉପରେ ସ୍ଥଗିତ ରଖି କହିଥିଲେ ଯେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଉପରେ ଉଠାଯାଇଥିବା ଆପତ୍ତି ପାଇଁ ଚଳଚ୍ଚିତ୍ର ପ୍ରଦର୍ଶନ କରିବା ପୂର୍ବରୁ ବିସ୍ତୃତ ନ୍ୟାୟିକ ଯାଞ୍ଚ ଆବଶ୍ୟକ । ଅନୁଗୁଳର ମହେଶ କୁମାର ସାହୁ, ପୁରୀର ଡକ୍ଟର ପ୍ରମୋଦ କୁମାର ଆଚାର୍ଯ୍ୟ ଏବଂ ନିମାପଡ଼ାର ଉମାଶଙ୍କର ଆଚାର୍ଯ୍ୟଙ୍କ ଦ୍ୱାରା ଦାୟର ଏକ ଜନସ୍ୱାର୍ଥ ମାମଲାର ଶୁଣାଣି କରି ହାଇକୋର୍ଟ ଖଣ୍ଡପୀଠ ଏହି ମଧ୍ୟବର୍ତ୍ତୀକାଳୀନ ନିର୍ଦ୍ଦେଶ ଦେଇଥିଲେ । ଆବେଦନରେ ସିବିଏଫ୍ସି ଦ୍ୱାରା ଚଳଚ୍ଚିତ୍ରର ପ୍ରମାଣପତ୍ର ବାତିଲ ଏବଂ ଓଡ଼ିଶାରେ ଏହାର ସାର୍ବଜନୀନ ପ୍ରଦର୍ଶନ ଉପରେ ପ୍ରତିବନ୍ଧକ ଲଗାଇବାକୁ ନିର୍ଦ୍ଦେଶ ଦେବାକୁ ଦାବି କରାଯାଇଥିଲା । ଚଳଚ୍ଚିତ୍ରର ଟ୍ରେଲର ଏବଂ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣକୁ ନେଇ ଆପତ୍ତିରୁ ଏହି ବିବାଦ ଉପୁଜିଥିଲା । କିଛି ସାମାଜିକ ଏବଂ ଧାର୍ମିକ ସଂଗଠନ ଅଭିଯୋଗ କରିଛନ୍ତି ଯେ ଚଳଚ୍ଚିତ୍ରରେ ପ୍ରଭୁ ଜଗନ୍ନାଥଙ୍କ ଚିତ୍ରଣ ଏବଂ ତାଙ୍କ ସହିତ ଜଡିତ ପରମ୍ପରା ଧାର୍ମିକ ବିଶ୍ୱାସ ସହିତ ମେଳ ଖାଉନାହିଁ । ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ ଏପରି ଚିତ୍ରଣ ଲକ୍ଷ ଲକ୍ଷ ଭକ୍ତଙ୍କ ଭାବନାକୁ ଆଘାତ ଦେଇପାରେ । ଆବେଦନକାରୀମାନେ ଏହା ମଧ୍ୟ ଯୁକ୍ତି ଦର୍ଶାଇଛନ୍ତି ଯେ ରଥଯାତ୍ରା ଭଳି ଏକ ଅତ୍ୟନ୍ତ ସମ୍ବେଦନଶୀଳ ଧାର୍ମିକ ଅବସରରେ ଚଳଚ୍ଚିତ୍ର ମୁକ୍ତିଲାଭ କରିବା ପ୍ରତିବାଦ ସୃଷ୍ଟି କରିପାରେ ଏବଂ ଆଇନ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପାରେ । ଏହି ଆଧାରରେ ଓଡ଼ିଶା ହାଇକୋର୍ଟରେ ଚଳଚ୍ଚିତ୍ରର ମୁକ୍ତିଲାଭରେ ରୋକ୍ ଲଗାଇବାକୁ ଆବେଦନ ଦାଖଲ କରାଯାଇଥିଲା।

ଏହା ପରେ ଚଳଚ୍ଚିତ୍ର ପ୍ରଯୋଜକମାନେ ଓଡ଼ିଶା ହାଇକୋର୍ଟଙ୍କ ଆଦେଶକୁ ଚ୍ୟାଲେଞ୍ଜ କରି ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ବର୍ତ୍ତମାନ ଏହି ଶୁଣାଣି ନିର୍ମାତାଙ୍କୁ ଆଶ୍ୱସ୍ତି ଦେଇଛି । ସେପଟେ ଫିଲ୍ମ ନିର୍ମାତାଙ୍କ ଅନୁସାରେ, ଖୁବ୍ଶୀଘ୍ର ଫିଲ୍ମର ନୂଆ ରିଲିଜ ତାରିଖ ଘୋଷଣା କରାଯିବ ବୋଲି ସେ କହିଛନ୍ତି ।

# ଜାପାନ ତତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧି ଦଳଙ୍କ ସହ ମୁଖ୍ୟ ଶାସନ ସଚିବଙ୍କ ଉଚ୍ଚସ୍ତରୀୟ ବୈଠକ

**ଭୁବନେଶ୍ୱର, ୨୯/୦୭**
**ନ୍ୟୁଜ ବ୍ୟୁରୋ**

ଓଡ଼ିଶା ଓ ଜାପାନ ମଧ୍ୟରେ ସମ୍ପର୍କକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଓଡ଼ିଶା ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗ ବୁଧବାର ଜାପାନ ତତୋରି ପ୍ରଦେଶ (ପ୍ରିଫେକ୍ଚର)ର ମୁଖ୍ୟ ଶାସନ ସଚିବ ତୋଶିକି ଏଣ୍ଡୋଙ୍କ ନେତୃତ୍ୱରେ ଓଡ଼ିଶା ଆସିଥିବା ୧୩ ଜଣିଆ ପ୍ରତିନିଧି ଦଳଙ୍କ ସହ ଏକ ଉଚ୍ଚସ୍ତରୀୟ ବୈଠକରେ ଆଲୋଚନା କରିଥିଲେ । ଏହି ବୈଠକରେ ପୁଞ୍ଜିନିବେଶ, ଶିଳ୍ପ ବିକାଶ, ମାନବ ସମ୍ବଳ, ଶିକ୍ଷା, ପର୍ଯ୍ୟଟନ, ସଂସ୍କୃତି, ପ୍ରଯୁକ୍ତି ବିଦ୍ୟା ଆଦି କ୍ଷେତ୍ରରେ ଦୀର୍ଘମିଆଦି ସହଯୋଗ ସଂପର୍କରେ ବିଭିନ୍ନ ସମ୍ଭାବନା ଉପରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଓଡ଼ିଶାର ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୈଠକରେ ଯୋଗଦେଇଥିବା ତତୋରି ପ୍ରଦେଶର ବରିଷ୍ଠ ପ୍ରତିନିଧିମାନଙ୍କୁ ପ୍ରାଚୀନ ଓଡ଼ିଶାର ସମୃଦ୍ଧ ନୌବାଣିଜ୍ୟିକ ପରମ୍ପରା ଓ ବୌଦ୍ଧ ଐତିହ୍ୟ ସମ୍ପର୍କରେ ଆଲୋକପାତ କରି କହିଥିଲେ ଯେ, ଓଡ଼ିଶା ଓ ଜାପାନ ମଧ୍ୟରେ ଶତାବ୍ଦୀ ପୁରୁଣା ଐତିହାସିକ ଓ ସାଂସ୍କୃତିକ ସମ୍ପର୍କ ରହିଆସିଛି । ଉଭୟ ଦେଶ ମଧ୍ୟରେ ବଢୁଥିବା ବାଣିଜ୍ୟିକ ସମ୍ପର୍କ ସମ୍ବନ୍ଧରେ ଉଲ୍ଲେଖ କରି ସେ ଜାପାନର କମ୍ପାନୀମାନଙ୍କୁ ଓଡ଼ିଶାରେ ସବୁଜ ଶକ୍ତି, ଉନ୍ନତ ପ୍ରଯୁକ୍ତି ଓ ଗବେଷଣା, ଦକ୍ଷତା ବିକାଶ, 'ସ୍କିଲ୍ଡ ଇନ୍ ଓଡ଼ିଶା' କାର୍ଯ୍ୟକ୍ରମ, ଓଡ଼ିଶାର ସୁଦୀର୍ଘ ସାମୁଦ୍ରିକ ବେଳାଭୂମିର ବିକାଶ, ନୀଳ ଅର୍ଥନୀତି କ୍ଷେତ୍ରରେ ଦୂର ଓ ଗଭୀର ସମୁଦ୍ରରେ ମତ୍ସ୍ୟ ସମ୍ପଦର ସଦୁପଯୋଗକୁ ପ୍ରୋତ୍ସାହନ, କ୍ଷୁଦ୍ର, ମଧ୍ୟମ ଓ ବୃହତ୍ ଶିଳ୍ପ କ୍ଷେତ୍ର ଆଦିରେ ପୁଞ୍ଜିନିବେଶ ପାଇଁ ଆହ୍ୱାନ ଦେଇଥିଲେ । ବୈଠକରେ ଓଡ଼ିଶାର ଶିଳ୍ପ, ଗୃହ ଏବଂ ସୂଚନା ଓ ଲୋକ ସଂପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଜାପାନର ଉନ୍ନତ ପ୍ରଯୁକ୍ତି ବିଦ୍ୟା, ନିର୍ଭୁଲ ଇଞ୍ଜିନିୟରିଂ ଓ ନବସୃଜନ କ୍ଷମତା ସହ ଓଡ଼ିଶାର ସମ୍ପଦ ଓ ସାମର୍ଥ୍ୟର ସମନ୍ୱୟ ବିଶ୍ୱସ୍ତରୀୟ ଉତ୍ପାଦନ ଓ ସ୍ଥାୟୀ ଶିଳ୍ପ ବିକାଶର ନୂଆ ସୁଯୋଗ ସୃଷ୍ଟି କରିବ ବୋଲି ଆଶାବ୍ୟକ୍ତ କରିଥିଲେ । ବୈଠକରେ ଓଡ଼ିଶା ସରକାର ଓ ପ୍ରିଫେକ୍ଚର ମଧ୍ୟରେ ପ୍ରସ୍ତାବିତ ମୈତ୍ରୀ ଚୁକ୍ତି (ଫ୍ରେଣ୍ଡସିପ୍ ଏଗ୍ରିମେଣ୍ଟ) ସଂପର୍କରେ ଆଲୋଚନା କରାଯାଇଥିଲା । ଆଗାମୀ ନଭେମ୍ବର ମାସରେ ତତୋରି ପ୍ରଦେଶର ରାଜ୍ୟପାଳ ଓଡ଼ିଶା ପରିଦର୍ଶନ କରିବାର କାର୍ଯ୍ୟକ୍ରମ ରହିଥିବା ସଂପର୍କରେ ବୈଠକରେ ସୂଚନା ଦିଆଯାଇଥିଲା । ପର୍ଯ୍ୟଟନ କ୍ଷେତ୍ରରେ ବୌଦ୍ଧ ଐତିହ୍ୟକୁ ଆଧାର କରି ଉଭୟ ପ୍ରଦେଶ ମଧ୍ୟରେ ଅଭିଜ୍ଞତା ବିନିମୟ, ପ୍ରୋତ୍ସାହନ ଏବଂ ପରସ୍ପର ପ୍ରତିନିଧି ଦଳ ଗସ୍ତ ଉପରେ ମଧ୍ୟ ଆଲୋଚନା ହୋଇଥିଲା। ବୈଠକରେ ଓଡ଼ିଶା ସରକାରଙ୍କ ପର୍ଯ୍ୟଟନ ବିଭାଗ, ସଂସ୍କୃତି ବିଭାଗ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା, କ୍ରୀଡ଼ା, ଏମଏସଏମଇ ଆଦି ବିଭାଗର ସଚିବବୃନ୍ଦ, ଇପିକଲର ପରିଚାଳନା ନିର୍ଦ୍ଦେଶକ ପ୍ରମୁଖ ଯୋଗଦେଇଥିବା ବେଳେ ଅନୁରୂପ ଭାବେ ତତୋରି ପ୍ରଦେଶର ପର୍ଯ୍ୟଟନ ଓ ଆଦାନ-ପ୍ରଦାନ ବ୍ୟୁରୋର ମହାନିର୍ଦ୍ଦେଶକ, ବାଣିଜ୍ୟ ଓ ଲଜିଷ୍ଟିକ୍ସ ବିଭାଗର ନିର୍ଦ୍ଦେଶକ, କଲ୍ୟାଣ ବିଭାଗର ନିର୍ଦ୍ଦେଶକ, ବାଣିଜ୍ୟ ବିଭାଗର ନିଯୁକ୍ତି ନୀତି ବିଭାଗ ନିର୍ଦ୍ଦେଶକ, ନିଯୁକ୍ତି ସହାୟତା ସେବାର ନିର୍ଦ୍ଦେଶକ, ୱାଇସିପି ଇଣ୍ଟରନ୍ୟାସନାଲ୍ ବି.ଭି. କମ୍ପାନୀର ନିର୍ଦ୍ଦେଶକ ଏବଂ କମ୍ପାନୀର ଆନ୍ତର୍ଜାତିକ ସମ୍ପର୍କ ସଂଯୋଜକ ପ୍ରମୁଖ ଯୋଗଦେଇ ବିଭିନ୍ନ କ୍ଷେତ୍ରରେ ସମ୍ଭାବ୍ୟ ସହଯୋଗ ନେଇ ଆଲୋଚନା କରିଥିଲେ। ପ୍ରକାଶ ଥାଉକି, ତତୋରି ପ୍ରଦେଶର ପ୍ରତିନିଧିମାନେ ସେମାନଙ୍କର ତିନି ଦିନିଆ ଓଡ଼ିଶା ଗସ୍ତ ଅବସରରେ ଭୁବନେଶ୍ୱର ସ୍ଥିତ ବିଶ୍ୱ ଦକ୍ଷତା ବିକାଶ କେନ୍ଦ୍ର ସମେତ କେତେକ ପ୍ରମୁଖ ପର୍ଯ୍ୟଟନ ସ୍ଥଳ ଏବଂ ବିଭିନ୍ନ ବିଭାଗ ପରିଦର୍ଶନ କରି ସମ୍ଭାବ୍ୟ ସହଯୋଗ ସଂପର୍କରେ ଆଲୋଚନା କରିବେ ।

**ଶ୍ରୀମନ୍ଦିର ହୁଣ୍ଡିରୁ ସଂଗ୍ରହ**

ତାରିଖ :-୨୯/୦୭/୨୦୨୬
୬,୫୧,୫୬୧/- ଟଙ୍କା
ସୁନା:- ୦୨ଗ୍ରାମ୍୧୫୦ ମିଲିଗ୍ରାମ
ରୂପା:- ୨୪ଗ୍ରାମ୍୦୦୦ ମିଲିଗ୍ରାମ

## ସ୍ନାତକ ଆଡ଼ମିଶନ ପାଇଁ ତୃତୀୟ ମେଧା ତାଲିକା

# ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଷୟ ପାଇଁ ୯୪.୮୦% କଟଅଫ୍ ମାର୍କ

**ଭୁବନେଶ୍ୱର, ୨୯।୭**
**ନ୍ୟୁଜ ବ୍ୟୁରୋ**

ସ୍ନାତକ ପାଠ୍ୟକ୍ରମରେ ନାମଲେଖା ପାଇଁ ତୃତୀୟ ମେଧା ତାଲିକା ବୁଧବାର ପ୍ରକାଶିତ ହୋଇଛି। ଏନେଇ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି। ପ୍ରକାଶିତ ହୋଇଥିବା ତୃତୀୟ ମେଧା ତାଲିକାରେ ୫୩,୬୫୬ ଜଣ ଛାତ୍ରଛାତ୍ରୀ ନାମଲେଖା ପାଇଁ ଚୟନ ହୋଇଛନ୍ତି। ୨୧,୮୭୯ ଜଣ ପୁରୁଷ, ୩୧,୭୭୩ ଜଣ ମହିଳା ଏବଂ ୪ ଜଣ ଟ୍ରାନ୍ସଜେଣ୍ଡର ତୃତୀୟ ମେଧା ତାଲିକାରେ ଚୟନ ହୋଇଛନ୍ତି। ଶିକ୍ଷାବର୍ଷ ୨୦୨୬-୨୭ ପାଇଁ ସର୍ବମୋଟ ୨,୮୭,୫୧୯ଟି ସିଟ୍ ରହିଛି। ସ୍ନାତକ ପାଠ୍ୟକ୍ରମ ଫେଜ-୧ ଆଡ଼ମିଶନରେ ୨,୮୭,୫୧୯ଟି ସିଟ୍ ପାଇଁ ୨,୩୭,୨୦୦ ଜଣ ଛାତ୍ରଛାତ୍ରୀ ଆବେଦନ କରିଥିଲେ। ପ୍ରଥମ ମେଧା ତାଲିକା ପ୍ରକାଶିତ ହେବା ପରେ ୮୮,୪୮୦ଜଣ ଛାତ୍ରଛାତ୍ରୀ ଏବଂ ଦ୍ୱିତୀୟ ମେଧା ତାଲିକା ପ୍ରକାଶିତ ହେବା ପରେ ୩୦,୧୫୦ ଜଣ ଛାତ୍ରଛାତ୍ରୀ ଆଡ଼ମିଶନ ନେଇଛନ୍ତି। ଏପର୍ଯ୍ୟନ୍ତ ସର୍ବମୋଟ୍ ୧,୧୮,୬୩୦ଜଣ ଛାତ୍ରଛାତ୍ରୀ ଆଡ଼ମିଶନ ନେଇଛନ୍ତି। ତୃତୀୟ ମେଧା ତାଲିକାରେ କଳାରେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂରାଜୀ ବିଷୟ ପାଇଁ ୯୪.୮୦% କଟଅଫ୍ ମାର୍କ ରହିଛି। ବିଜ୍ଞାନରେ ଫିଜିକାଲ ସାଇନ୍ସରେ ପଦାର୍ଥ ବିଜ୍ଞାନ (ଫିଜିକ୍ସ) ବିଷୟ ପାଇଁ ରେଭେନ୍ସା ବିଶ୍ୱବିଦ୍ୟାଳୟର କଟଅଫ୍ ମାର୍କ ୯୫.୬୭% ରହିଛି। ବାୟୋଲୋଜିକାଲ ସାଇନ୍ସରେ ପ୍ରାଣୀ ବିଜ୍ଞାନ (ଜୁଲୋଜି) ବିଷୟ ପାଇଁ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂଶାସିତ) ମହାବିଦ୍ୟାଳୟର କଟଅଫ୍ ମାର୍କ ୯୩.୫୦% ରହିଛି। ବାଣିଜ୍ୟରେ ରେଭେନ୍ସା ବିଶ୍ୱ ବିଦ୍ୟାଳୟ ପାଇଁ ୯୧.୮୩% କଟଅଫ୍ ମାର୍କ ରହିଛି। ଶାସ୍ତ୍ରୀ ଷ୍ଟ୍ରିମରେ ସଂସ୍କୃତ (ଡ଼ିଗ୍ରୀ) ମହାବିଦ୍ୟାଳୟ, ବଡ଼କିଆ ପାଇଁ ୫୮.୨୯% କଟଅଫ୍ ମାର୍କ ରହିଛି। ସେଲ୍ଫ ଫାଇନାନ୍ସିଂ ପାଠ୍ୟକ୍ରମରେ କମ୍ପ୍ୟୁଟର ସାଇନ୍ସ ବିଷୟ ପାଇଁ ବକ୍ସି ଜଗବନ୍ଧୁ ବିଦ୍ୟାଧର (ସ୍ୱୟଂ ଶାସିତ) ମହାବିଦ୍ୟାଳୟର କଟଅଫ୍ ମାର୍କ ୯୨% ରହିଛି। ଲ' (ଆଇନ) ପାଠ୍ୟକ୍ରମରେ ୫ ବର୍ଷିଆ ଇଣ୍ଟିଗ୍ରେଟେଡ଼ ବିଏ. ଏଲଏଲବି ପାଠ୍ୟକ୍ରମ ପାଇଁ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର କଟଅଫ୍ ମାର୍କ ୮୬.୫୦% ରହିଛି। ତୃତୀୟ ମେଧା ତାଲିକାରେ ଚୟନ ହୋଇଥିବା ଛାତ୍ରଛାତ୍ରୀମାନେ ୧ ଅଗଷ୍ଟ ସୁଦ୍ଧା ନିଜର ଆଡ଼ମିଶନ ପ୍ରକ୍ରିୟା ସମ୍ପୂର୍ଣ୍ଣ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।


ପ୍ରକାଶ ଅପେକ୍ଷାରେ...

ମାସିକ ଗଳ୍ପ ପତ୍ରିକା
"କଥାକଳିକା"ର ଅଗଷ୍ଟ-୨୦୨୬ ସଂଖ୍ୟା




ଏଥର ସଂଖ୍ୟାରେ...

**ସ୍ମରଣୀୟ କଥା :** ତ୍ରିନାଥ ପଟ୍ଟନାୟକ।
**ସମକାଳର କଥା :** ନଗେନ୍ଦ୍ର ପଟ୍ଟନାୟକ, ଦାଶରଥୀ ଭୂୟାଁ, ଭାସ୍କର ଜେନା, ଭାଗିରଥୀ ବେହେରା, ଲକ୍ଷ୍ମଣ ସାହୁ, କାଳିକିଙ୍କର, ସଚ୍ଚିଦାନନ୍ଦ କର, ରେବା ପଟ୍ଟନାୟକ, ସଂଯୁକ୍ତା ଦାଶ, ସୁରେଶ ନାଗ, ସୁଚିତ୍ରା ବେହେରା, ପ୍ରତାପ କୁମାର ପଣ୍ଡା।
**ସାକ୍ଷାତକାର:** ବିଶିଷ୍ଟ ଗାଳ୍ପିକ ରାଜ୍ୟ ବର୍ଦ୍ଧନ ଧଳମହାପାତ୍ର।
**ପୁସ୍ତକ ସମୀକ୍ଷା :** ଆଷାଢ଼ର ଅଭିସାରିକା।
**ଅନ୍ୟଭାଷାର କଥା :** ଦେବସ୍ମିତା ବେହେରା।
**ଯୁବମାନସର କଥା :** ନିର୍ବିକାର ପ୍ରଭାତ, ଲକ୍ଷ୍ମଣ ବେହେରା, କୁନଲତା ତ୍ରିପାଠୀ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪) ୨୫୪୧୪୪୮, ୨୫୪୫୦୪୬,
ଫାକ୍ସ: ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮/ ମୂଲ୍ୟ ୩୦ ଟଙ୍କା ମାତ୍ର
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ। କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)




ସମ୍ପାଦକୀୟ
ପୃଷ୍ଠା-୪
THE UTKAL DEEPIKA
ସାପ୍ତାହିକ ସମ୍ବାଦ ପତ୍ରିକା
ବେଲଗାମ ଅତ୍ୟାବଶ୍ୟକ ସାମଗ୍ରୀ ଦର : କେମିତି ଚଳିବ ପରିବାର ? ଚିନ୍ତାରେ ଖାଉଟି
ଇଣ୍ଡିଆନ ଆଇଡଲ ଟ୍ରଫି ଜିତିବା ମୋ ପାଇଁ ବହୁତ ମହତ୍ତ୍ୱପୂର୍ଣ୍ଣ : ଜ୍ୟୋତିର୍ମୟୀ

ସଂଗ୍ରହ କରନ୍ତୁ ! ସଂଗ୍ରହ କରନ୍ତୁ !

ସାପ୍ତାହିକ ସମ୍ବାଦ ପତ୍ରିକା 'ଉତ୍କଳ ଦୀପିକା' ରାଜ୍ୟର ସମସ୍ତ ଅଞ୍ଚଳରେ ଉପଲବ୍ଧ। ଏହାକୁ ଭଲ ପାଉଥିବା ପାଠକ ପାଠିକାମାନଙ୍କୁ ଅନୁରୋଧ, ନିକଟସ୍ଥ ପୁସ୍ତକ ଭଣ୍ଡାରକୁ ଯାଇ ସଂଗ୍ରହ କରିନିଅନ୍ତୁ।

ସମ୍ପର୍କ : ପ୍ଲଟ୍ ନଂ.-୪୬୪, ଶହୀଦନଗର, ଭୁବନେଶ୍ୱର-୭୫୧୦୦୭
ଜିଲ୍ଲା-ଖୋର୍ଦ୍ଧା, ଓଡ଼ିଶା
ଦୂରଭାଷ : (୦୬୭୪)୨୫୪୧୪୪୮, ୨୫୪୫୬୬୮
Email : utkaldeepika2016@gmail.com


# ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବାଘଙ୍କ ଭୂସ୍ୱର୍ଗ

## ଅଛନ୍ତି ୩ ପ୍ରଜାତିର ୨୭ ବାଘ, ବାଘୁଣୀ

**ବାରଙ୍ଗ, ୨୯/୦୭ ନ୍ୟୁଜ ବ୍ୟୁରୋ**

ନନ୍ଦନକାନନ ପ୍ରାଣୀ ଉଦ୍ୟାନ ବାଘଙ୍କ ଭୂସ୍ୱର୍ଗ। ଦେଶ ବିଦେଶରୁ ଏଠାକୁ ଆସୁଥିବା ପର୍ଯ୍ୟଟକଙ୍କ ମଧ୍ୟରୁ ଅଧିକାଂଶ ବାଘ ଦେଖିବାକୁ ହିଁ ଆସିଥାନ୍ତି । ବିଶେଷ କରି ଧଳା ଓ କଳା ବାଘ ପର୍ଯ୍ୟଟକଙ୍କୁ ବେଶି ଆକର୍ଷିତ କରିଥାଏ । ଏବେ ପ୍ରାଣୀ ଉଦ୍ୟାନର ୧୦ଟି ଖୁଆଡ଼ ଓ ସଫାରୀରେ ମୋଟ ୨୭ଟି ବାଘ ବାଘୁଣୀ ଅଛନ୍ତି । ସେଥିମଧ୍ୟରେ ୫ଟି ଧଳା ଓ ୪ଟି କଳା ଲୋମଯୁକ୍ତ (ମେଲାନିଷ୍ଟିକ୍) ସହିତ ୧୮ଟି ସାଧାରଣ ରଙ୍ଗର ବାଘ ବାଘୁଣୀ ରହିଛନ୍ତି । ନନ୍ଦନକାନନ ଏକମାତ୍ର ଚିଡ଼ିଆଖାନା ଯେଉଁଠି ବାଘ ସଫାରୀ ଅଛି। ନନ୍ଦନକାନନ ଏପରି ସ୍ଥାନରେ ନିର୍ମାଣ ହୋଇଛି ଯେଉଁଠି ବାଘମାନେ ଜଙ୍ଗଲ ଭଳି ପରିବେଶ ମଧ୍ୟରେ ରହିଥାନ୍ତି । ତେଣୁ ପ୍ରାଣୀ ଉଦ୍ୟାନରେ ଥିବା ବାଘ ଓ ବାଘୁଣୀ ପ୍ରତି ଆକର୍ଷିତ ହୋଇ ଏଠାକୁ ଜଙ୍ଗଲୀ ବାଘ ଚାଲି ଆସିବାର ଅନେକ ନଜିର ରହିଛି । ବାଘଙ୍କ ଏହି ପ୍ରେମ କାହାଣୀ ସବୁବେଳେ ଚର୍ଚ୍ଚାରେ ରହିଆସିଛି । ଶିମିଳିପାଳ ବ୍ୟାଘ୍ର ଅଭୟାରଣ୍ୟରୁ ଚନ୍ଦକା ଜଙ୍ଗଲ ହୋଇ ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଗୋଟିଏ ବାଘ ଓ ଗୋଟିଏ ବାଘୁଣୀ ପଶି ଆସିଥିଲେ। ୧୯୬୭ ଜାନୁୟାରୀ ୪ରେ ପ୍ରଥମେ 'କାନନ' ନାମକ ଏକ ବାଘୁଣୀ ପ୍ରାଣୀଉଦ୍ୟାନରେ ରହୁଥିବା ବାଘ 'ପ୍ରଦୀପ' ପ୍ରେମରେ ପଡ଼ି ପଶିଆସିଥିଲା। 'କାନନ' ପ୍ରାଣୀ ଉଦ୍ୟାନରେ ରହି ପ୍ରାୟ ୧୧ ବର୍ଷ




ପର୍ଯ୍ୟଟକଙ୍କ ମନୋରଞ୍ଜନ କରିଥିଲା । ୧୯୭୮ ଜୁଲାଇ ୨୧ ରେ 'କାନନ'ର ସ୍ୱାଭାବିକ ମୃତ୍ୟୁ ହୋଇଥିଲା। କାନନକୁ ମନେରଖିବା ପାଇଁ ପ୍ରାଣୀଉଦ୍ୟାନର ଏକ ଛକର ନାମ 'କାନନ ଛକ' ନାମିତ କରାଯିବା ସହ ତା'ର ପ୍ରତିମୂର୍ତ୍ତି ନିର୍ମାଣ କରାଯାଇଛି । ସେହିପରି ୨୦୧୩ ମାର୍ଚ୍ଚ ୨୪ରେ 'ନନ୍ଦନ' ନାମକ ଏକ ମହାବଳ ବାଘ ଶିମିଳିପାଳ ଜଙ୍ଗଲରୁ ବାଘୁଣୀ 'ସାରା' ପ୍ରେମରେ ପଡ଼ି ପ୍ରାଣୀ ଉଦ୍ୟାନର ତାରଜାଲି ଡେଇଁ ଭିତରକୁ ପ୍ରବେଶ କରିଥିଲା । କିନ୍ତୁ ବାଘୁଣୀ 'ସାରା' ସହିତ 'ନନ୍ଦନ'ର ମିଳନ ହୋଇପାରି ନଥିଲା । ୨୦୧୬ରେ ନନ୍ଦନକାନନରେ ଜନ୍ମିତ ବାଘୁଣୀ 'ମେଘା' ସହିତ ଓ ୨୦୨୩ରେ ବାଘୁଣୀ 'ଅଙ୍କିତା' ସହିତ 'ନନ୍ଦନ'ର ମିଳନ ହେବା ଫଳରେ ୯ଟି (ବାହୁବଳୀ, କୁନ୍ଦନ, ଅଭୟ, ବିବେକ, ସୋହିନୀ, ଅମିତ, ଜୟଶ୍ରୀ, ଶ୍ରୀ, ତୃପ୍ତି) ଶାବକ ନନ୍ଦନକାନନକୁ ମିଳିଥିଲା। ୨୦୨୫ ମେ ୧୧ ତାରିଖରେ 'ନନ୍ଦନ' ପ୍ରାଣୀଉଦ୍ୟାନରେ ସବୁଦିନ ପାଇଁ ଆଖି ବୁଜିଥିଲା । କର୍ତ୍ତୃପକ୍ଷ ତା'ର ମଧ୍ୟ ଏକ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ ଯୋଜନା କରିଛନ୍ତି। ନନ୍ଦନକାନନ ପ୍ରାଣୀ ଉଦ୍ୟାନରେ କଳା ଓ ଧଳା ବାଘ ଜନ୍ମ ହେବା ଫଳରେ ଏହା ସାରା ବିଶ୍ୱରେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି। ଏବେ ପ୍ରାଣୀ ଉଦ୍ୟାନରେ ୪ଟି କଳାବାଘ ବାଘୁଣୀ ଓ ୫ଟି ଧଳା ବାଘ, ବାଘୁଣୀ ଅଛନ୍ତି। ୨୦୧୪ ଜୁଲାଇ ୨୭ରେ ସାଧାରଣ ରଙ୍ଗର ମହାବଳ ବାଘ 'ମନୀଷ' ଓ ଧଳା ବାଘୁଣୀ 'ସ୍ନେହା'ର ମିଳନରେ ପ୍ରଥମ ଥର ପାଇଁ କଳା ବାଘ 'କ୍ରିଷ୍ଣା' ଜନ୍ମ ନେଇଥିଲା। ୨୦୧୮ ଡିସେମ୍ବର ୨୨ରେ ବାଘ 'ସମ୍ରାଟ' ଓ ବାଘୁଣୀ 'ରେଣୁ' ମିଳନରେ ଦୁଇ ବାଘ 'ବାସୁ' ଓ 'ସ୍ୱନ୍ଦନ' ଜନ୍ମ ହୋଇଥିଲେ। ବାଘ ବଂଶ ବୃଦ୍ଧି ଓ ରକ୍ତ ସମ୍ପର୍କ ପରିବର୍ତ୍ତନ ପାଇଁ ରାଞ୍ଚିରୁ ଗୋଟିଏ କଳା ବାଘୁଣୀ ଅଣାଯାଇଛି । ସେହିପରି ଧଳା ବାଘ ପାଇଁ ମଧ୍ୟ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଛି ନନ୍ଦନକାନନ। ୧୯୮୦ରେ ସାଧାରଣ ରଙ୍ଗର ବାଘୁଣୀ 'ଗଙ୍ଗା' ଓ ସାଧାରଣ ରଙ୍ଗର ମହାବଳ ବାଘ 'ଦୀପକ' ମିଳନରୁ ୩ଟି ଧଳା ବାଘ (ଦେବବ୍ରତ, ଅଳକା ଓ ନନ୍ଦ) ଜନ୍ମ ହୋଇଥିଲେ । ଏହା ପରଠାରୁ ବାଘ ସଂଖ୍ୟା ବୃଦ୍ଧି ହୋଇ ୨୦୦୦ ମସିହା ସୁଧା ପ୍ରାଣୀଉଦ୍ୟାନରେ ଧଳା ବାଘ ସଂଖ୍ୟା ପ୍ରାୟ ୩୪ରେ ପହଞ୍ଚିଥିଲା। ଧଳା ବାଘ ସଂଖ୍ୟା ବୃଦ୍ଧି ହେବାରୁ ପ୍ରାଣୀ ଉଦ୍ୟାନରେ ଏକ ଧଳା ବାଘ ସଫାରୀ ପ୍ରତିଷ୍ଠା ହୋଇଥିଲା । ସମୟ କ୍ରମେ ଧଳା ବାଘ ସଂଖ୍ୟା କମିବା ଫଳରେ ସଫାରୀରେ ସବୁ ପ୍ରକାର ବାଘଙ୍କୁ ଏବେ ରଖାଯାଇଛି । ଏବେ ପ୍ରାଣୀ ଉଦ୍ୟାନରେ ମାତ୍ର ୫ଟି ଧଳା ବାଘ ଓ ବାଘୁଣୀ ଅଛନ୍ତି । ନନ୍ଦନକାନନ ପ୍ରାଣୀଉଦ୍ୟାନରେ ଜନ୍ମିତ ବାଘ ଛୁଆକୁ ମା' ଗ୍ରହଣ ନକଲେ ଲାଳନପାଳନ କରିବାକୁ ଅଭିଜ୍ଞ କର୍ମଚାରୀ ରହିଛନ୍ତି । ଯାହା ଅନ୍ୟ କୌଣସି ଚିଡ଼ିଆଖାନାରେ ଦେଖିବାକୁ ମିଳେନାହିଁ । ବାଘ ଛୁଆକୁ ପାଳିବା କଷ୍ଟକର । ତେଣୁ ପ୍ରାଣୀ ଉଦ୍ୟାନରେ ନିର୍ମାଣ କରାଯାଇଛି ଶିଶୁ ଯତ୍ନ କେନ୍ଦ୍ର । ବାଘ ଶାବକକୁ ପାଳିବାର ସମସ୍ତ ପ୍ରକାର ଉନ୍ନତମାନର ମେସିନ ସହିତ ଅଭିଜ୍ଞ ଡାକ୍ତର ଅଛନ୍ତି । ବାଘ ଶାବକମାନଙ୍କୁ ମେସିନ ସହିତ ମଣିଷ ହାତର ସ୍ପର୍ଶରେ ମା' କୋଳର ଅନୁଭୂତି ମିଳୁଛି । ଅନେକ ଶାବକ ଏଠାରେ ବଡ଼ ହୋଇଛନ୍ତି । ତେଣୁ ଏଠାରେ ବାଘ ବଂଶ ବୃଦ୍ଧି କରାଯାଇ ଅଦଳ ବଦଳ ପ୍ରକ୍ରିୟାରେ ଅନ୍ୟ ଜନ୍ତୁ ଅଣାଯାଇପାରୁଛି ।